ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ...


ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net



ବାଲେଶ୍ୱର ❑ ସୋମବାର ୦୯ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 09 February 2026

Vol.No. 36 ■ No.38 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ଆତଙ୍କବାଦ ବିରୋଧରେ ଦୋମୁହାଁ ନୀତି କିମ୍ବା ବୁଝାମଣା ଚଳିବ ନାହିଁ: ମୋଦୀ

ନୂଆଦିଲ୍ଲୀ,୮/୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ମାଲେସିଆ ଗସ୍ତରେ ଯାଇଥିବାବେଳେ ରବିବାର କ୍ୱାଲାଲମ୍ପୁରଠାରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ସହିତ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା କରିଛନ୍ତି। ମୋଦୀ ଏହି ଅବସରରେ ଆତଙ୍କବାଦର ତୀବ୍ର ସମାଲୋଚନା କରିଥିଲେ। ଅନୱରଙ୍କ ସହିତ ମିଳିତ ପ୍ରେସ୍ ବିବୃତିରେ ଆତଙ୍କବାଦକୁ ବିଶ୍ୱଶାନ୍ତି ପାଇଁ ସବୁଠୁ ବଡ଼ ବିପଦ ବୋଲି କହିବା ସହିତ ଏହା ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସୁରକ୍ଷା ସହଯୋଗ ଉପରେ ଚର୍ଚ୍ଚା କରିବା ସମୟରେ ସ୍ପଷ୍ଟ କରିଥିଲେ ଯେ, ଭାରତ ଆତଙ୍କବାଦ ପ୍ରସଙ୍ଗରେ କୌଣସି ପ୍ରକାର ନରମ ମନୋଭାବ ପୋଷଣ କରିବ ନାହିଁ। ଆତଙ୍କବାଦର ମୁକାବିଲା ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ସମ୍ପର୍କରେ ଦୋହରାଇ କହିଛନ୍ତି, ଆତଙ୍କବାଦ ସମ୍ପର୍କରେ ଆମର ବାର୍ତ୍ତା ସ୍ପଷ୍ଟ ରହିଛି ,ଏଥିରେ ଦୋମୁହାଁ ନୀତି କିମ୍ବା କୌଣସି ବୁଝାମଣା ଚଳିବ ନାହିଁ । ରବିବାର ଭାରତ-ମାଲେସିଆ ଅଡିଓ-ଭିଜୁଆଲ୍ ସହ-ଉତ୍ପାଦନ, ବିପର୍ଯ୍ୟୟ ପରିଚାଳନା ସହଯୋଗ, ଦୁର୍ନୀତି ବିରୋଧରେ ଲଢ଼ିବା, ଜାତିସଂଘର ଶାନ୍ତିରକ୍ଷା, ସେମିକଣ୍ଡକ୍ଟର ସହଯୋଗ ପରି ୬ଟି କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି। ଯେଉଁଥିରେ ଉଭୟ ନେତା ସାଂସ୍କୃତିକ, ଅର୍ଥନୈତିକ ଏବଂ ରଣନୈତିକ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ପ୍ରେସ ବିବୃତିରେ ପ୍ରଧାନମନ୍ତ୍ରୀ ମୋଦୀ ମାଲେସିଆର ଶିକ୍ଷା, ଗଣମାଧ୍ୟମ ଏବଂ ସାଂସ୍କୃତିକ ଜୀବନରେ ବ୍ୟାପକ ସ୍ତରରେ ତାମିଲ ଭାଷାର ଉପସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ, ଯାହା ଉଭୟ ଦେଶ ମଧ୍ୟରେ ଏକ ଦୃଢ଼ ଜନସମ୍ପର୍କକୁ ପ୍ରତିଫଳିତ କରେ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ତାମିଲ ଭାଷା ପ୍ରତି ଭଲ ପାଇବା ଭାରତ ଏବଂ ମାଲେସିଆକୁ ଯୋଡ଼ି ରଖିଛି । ମାଲେସିଆରେ ଶିକ୍ଷା, ଗଣମାଧ୍ୟମ ଏବଂ ସାଂସ୍କୃତିକ ଜୀବନରେ ତାମିଲ ଭାଷାର ଦୃଢ଼ ଉପସ୍ଥିତି ସ୍ପଷ୍ଟ ଭାବରେ ବିଦ୍ୟମାନ। ମୁଁ ନିଶ୍ଚିତ ଯେ, ଆଜିର ଅଡିଓ-ଭିଜୁଆଲ୍ ଚୁକ୍ତିନାମା ସହିତ, ଚଳଚ୍ଚିତ୍ର ଏବଂ ସଙ୍ଗୀତ, ବିଶେଷକରି ତାମିଲ ଚଳଚ୍ଚିତ୍ର, ଆମ ହୃଦୟକୁ ଅଧିକ ନିକଟତର କରିବ। ଦୁଇ ଦେଶ ମଧ୍ୟରେ ଦୃଢ଼ ସାଂସ୍କୃତିକ ଏବଂ ଶିକ୍ଷାଗତ ସମ୍ପର୍କ ଉପରେ ମୋଦୀ ଗୁରୁତ୍ୱାରୋପ କରିଥିଲେ। ଅଡିଓ ଭିଜୁଆଲ୍ ଚୁକ୍ତିନାମା ଚଳଚ୍ଚିତ୍ର ଏବଂ ସଙ୍ଗୀତରେ ଅଧିକ ଆଦାନପ୍ରଦାନକୁ ଉତ୍ସାହିତ କରିବ, ବିଶେଷକରି ତାମିଲ ସିନେମା ପ୍ରତି ବୋଲି ମୋଦୀ କହିଥିଲେ। ଦୁଇ ଦେଶ ମିଳିତ ଭାବେ ସୁରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବେ ଓ ପ୍ରତିରକ୍ଷା ସହଯୋଗିତାକୁ ଅଧିକ ବ୍ୟାପକ କରିବେ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ।




◆◆ପୃଷ୍ଠା ୭

## ପୀତବାସ ପଣ୍ଡା ହତ୍ୟା ମାମଲାରେ ମୁହଁ ଖୋଲିଲେ ବିକ୍ରମ ପଣ୍ଡା: ମୁଁ ନିର୍ଦ୍ଦୋଷ, ମୋତେ ଫସାଇ ଦିଆଯାଇଛି

ବ୍ରହ୍ମପୁର, ୮/୨ (ନି.ପ୍ର): ପୀତବାସ ପଣ୍ଡା ହତ୍ୟା ମାମଲାରେ ଜେଲରେ ଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଆଜି ମୁହଁ ଖୋଲିଛନ୍ତି । ମୁଁ ଦୋଷୀ ନୁହେଁ ମୋତେ ଫସାଇ ଦିଆଯାଇଛି ବୋଲି ସଫେଇ ଦେଇଛନ୍ତି । ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆଜି ଏମକେସିଜି ମେଡିକାଲ ଯାଉଥିବା ବେଳେ ଏଭଳି ବୟାନ ଦେଇଛନ୍ତି ପୂର୍ବତନ ବିଧାୟକ । ତାଙ୍କ କହିବା ଅନୁସାରେ, “ମୁଁ ନିର୍ଦ୍ଦୋଷ, ଅଯଥାରେ ଉଦ୍ଦେଶ୍ୟମୂଳକ ଭାବେ ଫସା ଯାଇଛି । ମୋତେ ଓ ବିଜେଡିକୁ ବଦନାମ କରିବାକୁ ଉଦ୍ୟମ କରାଯାଉଛି । ରାଜନୈତିକ ଉଦ୍ଦେଶ୍ୟ ରଖି ଏସବୁ କରାଯାଉଛି । ମୋତେ ୪ ମାସ ହେଲା ଜେଲରେ ରଖାଯାଇଛି । ତଥାପି ଅସୁବିଧା କରାଯାଉଛି । ହେଲେ ନ୍ୟାୟପାଳିକା ଉପରେ ମୋର ପୁରା ଭରସା ରହିଛି, ନ୍ୟାୟ ପାଇବି ।” ପ୍ରକାଶଥାଉକି, ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଜେଲ୍‌ରେ ଅଛନ୍ତି ବିକ୍ରମ ପଣ୍ଡା । ଆଜି ତାଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଗକଡଏ ମେଡିକାଲ୍ ନିଆଯାଇଥିଲା । କଡ଼ା ସୁରକ୍ଷା ବଳୟରେ ଜେଲ୍‌ରୁ ମେଡିକାଲ୍ ନିଆଯାଇଥିଲା ।



## ପୁଣି ଖସିଲା ପାରଦ

ଘୁ.ଉଦୟଗିରି , ୮/୨ (ନି.ପ୍ର): ଓଡ଼ିଶାର ଦାର୍ଜିଲିଂ ଘୁ.ଉଦୟଗିରି ସହରରେ ସପ୍ତାହ ହେବ ହାଡ଼ଭଙ୍ଗା ଶୀତରେ ଅସ୍ତବ୍ୟସ୍ତ ଅଞ୍ଚଳବାସୀ। ଜାଡ଼ ଥଣ୍ଡା ସହ କୋହଲା ପବନ ଯୋଗୁଁ ସନ୍ଧ୍ୟା ପୂର୍ବରୁ ସହର ଜନ ଶୂନ୍ୟ ହୋଇଯାଉଛି। ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ସମ୍ପ୍ରସାରଣ କେନ୍ଦ୍ରର ସୂଚନା ଅନୁସାରେ ସକାଳ ସୁଦ୍ଧା ଘୁ.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୪ ଡିଗ୍ରି ସେଲସିୟସ ରହିଥିବା ନେଇ ପାଣିପାଗ ବିଭାଗ ତରଫରୁ ସୂଚନା ମିଳିଛି। ଗତକାଲି ତାପମାତ୍ରା ୫.୬ ଡିଗ୍ରି ସେଲସିୟସ ରହିଥିଲା। ପ୍ରତିଦିନ ପାରଦ ତଳମୁହାଁ ହେଉଥିବା ବେଳେ ଆଭ୍ୟନ୍ତରୀଣ ଅଞ୍ଚଳରେ ତୁଷାରପାତ ହେଉଥିବା ନେଇ ଅଞ୍ଚଳବାସୀ କହୁଛନ୍ତି। ଅତ୍ୟଧିକ ଜାଡ଼ ଥଣ୍ଡା ଯୋଗୁଁ ସକାଳ ୧୦ ଘଣ୍ଟିକା ଯାଏଁ ଘରୁ ବାହାରିବା ମୁସ୍କିଲ୍ ହେଉଛି। ଅନ୍ୟପଟେ ସାରା ଅଞ୍ଚଳ କୁହୁଡ଼ିର ଚାଦର ତଳେ ରହିଥିବା ବେଳେ ଗାଡିମଟର ଯାତାୟତରେ ସମସ୍ୟା ସୃଷ୍ଟି ହେଉଥିବା ସୂଚନା ମିଳିଛି। କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରିରେ ଆଜି ସର୍ବନିମ୍ନ ତାପମାତ୍ରା ରହିଥିବା ବେଳେ ପ୍ରବଳ ଥଣ୍ଡା ଯୋଗୁଁ ମଣିଷ ଠାରୁ ଆରମ୍ଭ କରି ପଶୁ ପର୍ଯ୍ୟନ୍ତ ପ୍ରଭାବିତ। ଏଠାରେ ବର୍ଷବର୍ଷ ଧରି ଶୀତ ଋତୁରେ ଏମିତି ଥଣ୍ଡା ହେବାର ନଜିର୍ ରହିଛି କିନ୍ତୁ ତାପ ମାପକ ଯନ୍ତ୍ର ନଥିବା ଯୋଗୁଁ ପୂର୍ବରୁ ଏଠାକାର ଶୀତ ଦିନେ ତାପମାତ୍ରା ଲୋକ ଲୋଚନକୁ ଆସିପାରୁନଥିଲା। ପ୍ରତିବର୍ଷ ଭଳି ଚଳିତ

◆◆ପୃଷ୍ଠା ୭

## କୃଷ୍ଣପ୍ରସାଦ ବ୍ଲକ୍ ଅଧକ୍ଷା ସରୋଜିନୀ ତରାଇ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର, ୮/୨ (ନି.ପ୍ର): ବରିଷ୍ଠ ନେତା ସଂଜୟ ଦାସବର୍ମାଙ୍କ ନିର୍ବାଚନ ମଣ୍ଡଳିରେ ବ୍ଲକ ଅଧକ୍ଷାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ । ବିଜେଡିରୁ ନିଲମ୍ବିତ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧକ୍ଷା ସରୋଜିନୀ ତରାଇ । ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି ବିଜୁ ଜନତା ଦଳ । ସୁପ୍ରିମୋ ନବୀନ୍ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବନ ଆଦେଶ ଜାରି କରାଯାଇଛି । ଏକଦା ବିଜେଡିର ଗଡ ଥିବା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର କୃଷ୍ଣପ୍ରସାଦ ବ୍ଲକରେ ସର୍ବାଧିକ ସମର୍ଥନ ପାଇ ସେ ଅଧକ୍ଷା ଭାବରେ ମନୋନୀତ ହୋଇଥିଲେ । ପୂର୍ବରୁ କଂଗ୍ରେସରୁ ଆସି ବିଜେଡି ରେ ଲୋକପ୍ରିୟତା ବି ହାସଲ କରିଥିଲେ । କିନ୍ତୁ ଏବେ ଦଳର କୌଣସି ବି ନିର୍ଦ୍ଦେଶକୁ ନ ମାନିବା ଓ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ତାଙ୍କୁ ନିଲମ୍ବିତ କରିଛି ଦଳ । ବେଶ କିଛିଦିନ ହେବ ଦଳର ବିଭିନ୍ନ କାର୍ଯ୍ୟରୁ ନିଜକୁ ଦୂରେଇ ରଖୁଥିଲେ ସରୋଜିନୀ ।

## ରାଜ୍ୟରେ ସ୍ୱାଭାବିକ ହେଉନି ଧାନ ବିକ୍ରି: ମନଇଚ୍ଛା ଚାଲିଛି କଟନିଛଟନି

ଭୁବନେଶ୍ୱର, ୮/୨ (ନି.ପ୍ର): ରାଜ୍ୟରେ ସ୍ୱାଭାବିକ ହୋଇପାରୁନି ଧାନ ବିକ୍ରି । ଟୋକନ ଲାପ୍ସ ହୋଇଥିବାରୁ ମଣ୍ଡିରୁ ଉଠୁନି ଧାନ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖିବାକୁ ମିଳିଛି। ବିଭାଗୀୟ ମନ୍ତ୍ରୀ କହିଛନ୍ତି, ସରକାରଙ୍କୁ ବଦନାମ କରିବାକୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ନକଲି ଚାଷୀ। ଆଉ ଏହାର ଜବାବ ରଖିଛି ବିଜେଡି। ରାଜ୍ୟର ବିଭିନ୍ନ ମଣ୍ଡିରେ ପ୍ରାୟ ସମାନ ସ୍ଥିତି। ଏବେ ବି ମଣ୍ଡିରେ ଚାଲିଛି ମିଲରଙ୍କ ରାଜୁତି। ବିଭିନ୍ନ ଆଳ ଦେଖାଇ ମଣ୍ଡିରେ କଟାଯାଉଛି ଧାନ। ଧାନର ମାନକୁ ନିମ୍ନମାନର କହି କ୍ୱିଣ୍ଟାଲ ପିଛା ୭ରୁ ୧୦ କେଜି କଟନୀଛଟନୀ କରାଯାଉଥିବା ଅଭିଯୋଗ ହୋଇଛି। ସମବାୟ ସମ୍ପାଦକଙ୍କୁ ଚାଷୀ ଅଟକାଇବା ପରେ ସୃଷ୍ଟି ହୋଇଛି ଉତ୍ତେଜନାମୂଳକ ପରିସ୍ଥିତି। ନୂଆପଡ଼ାରେ ବି ଟୋକନ୍ ମିଳିନଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟରେ ଚାଷୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିଭାଗୀୟ ମନ୍ତ୍ରୀ ରଖିଛନ୍ତି ଅଜବ ଯୁକ୍ତି। କହିଛନ୍ତି, ରାଜ୍ୟରେ ସଠିକ୍ ଭାବେ ଚାଲିଛି ଧାନକିଣା ପ୍ରକ୍ରିୟା। ଯିଏ ଆନ୍ଦୋଳନ କରୁଛନ୍ତି ସେମାନେ ଚାଷୀ ନୁହନ୍ତି। ସରକାରଙ୍କୁ ବଦନାମ କରିବାକୁ ଏପରି କରାଯାଉଛି। ମିଲରଙ୍କ ପାଖେ ଜାଗା ନଥିବାରୁ କିଛି ସ୍ଥାନରେ ଧାନକିଣା



◆◆ପୃଷ୍ଠା ୭

## ମାଲକାନଗିରିରେ ରହିବେ ଛତିଶଗଡ଼ ବିଧାୟକ: ନିଜ ରାଜ୍ୟକୁ ନଯିବା ପାଇଁ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

ନୂଆଦିଲ୍ଲୀ,୮/୨ : ବାବୁ ହେଉଛନ୍ତି ଛତିଶଗଡର ପୂର୍ବତନ ଅବକାରୀ ମନ୍ତ୍ରୀ ତଥା ଏବେର କଣ୍ଟା ନିର୍ବାଚନମଣ୍ଡଳୀର ବିଧାୟକ କବାସି ଲକ୍ଷ୍ମା। ଦୁର୍ନୀତି ମାମଲାରେ ୧୩ ମାସ ଧରି ରାୟପୁର ଜେଲରେ ରହିବା ପରେ ସୁପ୍ରିମକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। କେସ୍ ଚାଲିବା ପର୍ଯ୍ୟନ୍ତ କବାସି ଛତିଶଗଡ ମାଟି ମାଡିବେ ନାହିଁ। ଯେଉଁଥିପାଇଁ ପଡୋଶୀ ମାଲକାନଗିରି ଜିଲ୍ଲାକୁ ନିଜର ଆଶ୍ରୟସ୍ଥଳୀ ଭାବି ବାଛି ନେଇଛନ୍ତି କବାସି। ଏବେ ତାଙ୍କ ନୂଆ ଠିକଣା ହୋଇଛି ରିକ୍ସା ମାଶନ କୋଲାନୀ। ୨ ହଜାର ୧୬୦ କୋଟି ଟଙ୍କାର ମଦ ଦୁର୍ନୀତି ଅଭିଯୋଗରେ ୧୩ ମାସ ତଳେ ଋଉ ତାଙ୍କ ବାସଭବନରେ ଚଢାଉ କରିବା ସହ ଗିରଫ କରିଥିଲା। ଶନିବାର ଜାମିନରେ ଆସି ଛତିଶଗଡ ସୁକୁମା ଜିଲ୍ଲା ଦେଇ ମାଲକାନାଗିରି ପହଞ୍ଚିବା ପରେ କଂଗ୍ରେସ କର୍ମୀ ଓ ନେତା ମାନେ ତାଙ୍କୁ ସ୍ୱାଗତ କରିଥିଲେ । ମନ୍ଦିରକୁ ଯାଇ ପୂଜା କରିବା ପରେ ନିଜ ସମର୍ଥନଙ୍କ ସହ ବିରାଟ ଶୋଭାଯାତ୍ରାରେ ଆସି ନୂଆ ବାସଗୃହ ରେ ପହଞ୍ଚିଛନ୍ତି । ପୂର୍ବରୁ କବାସି ଲକ୍ଷ୍ମାଙ୍କ ମାଲକାନଗିରି ଜିଲ୍ଲା ସହ ଭଲ ସମ୍ପର୍କ ରହିଛି । ପଞ୍ଚାୟତ ନିର୍ବାଚନଠୁ ଆରମ୍ଭ କରି ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସବୁଥିରେ କଂଗ୍ରେସ ଦଳ ପାଇଁ ମାଲକାନଗିରି ଜିଲ୍ଲାରେ ପ୍ରଚାର କରନ୍ତି । ଯେଉଁଥିପାଇଁ ଜିଲ୍ଲାରେ ତାଙ୍କର ଲକ୍ଷ ଲକ୍ଷ ସମର୍ଥକ ରହିଛନ୍ତି । ନିଜେ କୋୟା ଆଦିବାସୀ ସଂପ୍ରଦାୟର ହୋଇଥିବା ବେଳେ ତାଙ୍କର ଅନେକ ସଂପର୍କୀୟ ଏଠାରେ ରହିଛନ୍ତି । ଏଠାରେ ରହି ସେ ନିଜ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ବୁଝିବେ ଏବଂ ଲୋକଙ୍କ ସହ ଯୋଡ଼ି ହୋଇ ରହିବେ ବୋଲି ଜିଲ୍ଲା କଂଗ୍ରେସ ସଭାପତି କହିଛନ୍ତି। ନିଜର ପ୍ରିୟ ଆଦିବାସୀ ନେତାଙ୍କୁ ପାଖରେ ପାଇ ମାଲକାନାଗିରି କଂଗ୍ରେସର ଉତ୍ସାହ ଦେଖିବାକୁ ମିଳିଛି । ନିଜ ବିଧାୟକଙ୍କୁ ଭେଟିବା ପାଇଁ ଛତିଶଗଡରୁ ଅନେକ ସମର୍ଥକ ମାଲକାନଗିରି ଆସିଛନ୍ତି। ଏବେ ସେ ମାଲକାନାଗିରିରେ ରହି ରାଜନୀତି କରିବେ। ଆସନ୍ତାକାଲି କଂଗ୍ରେସ ବୈଠକରେ ଯୋଗ ଦେବାକୁ କବାସି ବିଶାଖାପାଟଣା ଦେଇ ଦିଲ୍ଲୀ ଯିବେ ।



## ଅତିଥି ବେଶରେ ଆସି ଲୁଟ୍

ଭୁବନେଶ୍ୱର, ୮/୨ (ନି.ପ୍ର): ଅତିଥି ବେଶରେ ଆସିଥିଲା ଭଦ୍ରମୁଖା ଚୋର । କନ୍ୟାର ସଙ୍ଗୀତ ଚାଲିବା ବେଳେ ମଣ୍ଡପରୁ ଚୋରି । ଏଭଳି ଘଟଣା ଘଟିଛି ନୟାପଲି ଥାନା ଅଂଚଳରେ ଥିବା ଏକ ଷ୍ଟାର ହୋଟେଲରେ । କନ୍ୟାର ଗିଫ୍ଟ ଟଙ୍କା ନେଇ ଫେରାର ହୋଇଗଲା ଚୋର । ବ୍ୟାଗ୍ ରେ ଥିବା ସାଢ଼େ ୩ଲକ୍ଷ ଟଙ୍କା ନେଇ ଚୋର ଓ ତାର ସହଯୋଗୀ କାର୍ ରେ ଫେରାର ହୋଇଥିବା ଅଭିଯୋଗ ହୋଇଛି । ଚୋରି ପରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି କନ୍ୟା ପକ୍ଷ । ପୋଲିସ ସିସିଟିଭି ଯାଂଚ୍ ସହ ତଦନ୍ତ ଆରମ୍ଭ କରିଛି ।

## ରୂପସା ମହୋତ୍ସବର ତୃତୀୟ ସନ୍ଧ୍ୟା

## ଭାଇଚାରା ସୃଷ୍ଟି କରିବାପାଇଁ ମହୋତ୍ସବ ଅନେକ ଗୁରୁତ୍ୱ ବହନ କରେ



ବସ୍ତା ୮/୨(ନିପ୍ର) ଭାଇଚାରା, ସଂସ୍କୃତି ଓ ପରମ୍ପରାର ରୂପସାର ଗୌରବର ଗରିମା ରୂପସା ମହୋତ୍ସବ। ପାଳିତ କରିଛି ତାର ମହୋତ୍ସବର ତୃତୀୟ ସନ୍ଧ୍ୟା । ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଏସଡିପିଓ ମାନସ କୁମାର ଦେଓ, ମୁଖ୍ୟ ବକ୍ତା ଭାବେ ‘ଧ୍ୱନି ପ୍ରତିଧ୍ୱନି’ ସମ୍ବାଦପତ୍ରର ମୁଖ୍ୟ ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ା, ସମ୍ମାନିତ ଅତିଥି ସମାଜସେବୀ ତଥା ପ୍ରତିଷ୍ଠିତ ବ୍ୟବସାୟୀ ସୁମନ୍ତ କୁମାର ଜେନା, ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ଇଂ. ହୃଷିକେଶ ସାହୁ, ଯୋଗ ମହାବିଦ୍ୟାଳୟ ବାଲେଶ୍ୱରର ଅଧକ୍ଷ ଚିତ୍ତରଂଜନ ସାହୁ ଯୋଗ ଦେଇ ମହୋତ୍ସବ ହେଉଛି ସଂସ୍କୃତି, ସଂଘର୍ଷ, ସାମୂହିକ ଚେତନାର ଉତ୍ସବ ବୋଲି ଅଭିଭାଷଣ ରଖିଥିଲେ। ଭାଇଚାରା ଓ ସଂସ୍କୃତି ପରମ୍ପରା ମରି ମରି ଯାଉଥିବାବେଳେ ମହୋତ୍ସବ ଜନଜୀବନ ମଧ୍ୟରେ ସନ୍ତୁଳନ ତିଆରି କରିବାରେ ସାମର୍ଥ୍ୟ ରଖେ। ସୁନ୍ଦର ସମାଜ ଓ ମଣିଷ ତିଆରି କରିବାପାଇଁ ମହୋତ୍ସବର ଅନେକ ଗୁରୁତ୍ୱ ବହନ କରେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କମିଟିର ଉପଦେଷ୍ଟା ଗୋପାଳଚନ୍ଦ୍ର ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦ ପାଠ କରିଥିଲେ। ହରିହର କଳା ବିକାଶ କେନ୍ଦ୍ରର ଛାତ୍ର ଛାତ୍ରୀ ମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ମଞ୍ଚ ପରିଚାଳନା ଉପଦେଷ୍ଟା ନିରଞ୍ଜନ ପଣ୍ଡାଶର୍ମା କରିଥିବାବେଳେ ଉପଦେଷ୍ଟା ଡାକ୍ତର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ‘ମେଲୋଡି ସରଗମ’ ସହ ଚଳଚ୍ଚିତ୍ର ଅଭିନେତ୍ରୀ ଲିପି ମହାପାତ୍ରଙ୍କୁ ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ରୂପସା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ପାକ୍ସ ସିଲିକା: ଯୋଗଦେବାକୁ ଭାରତକୁ ନିମନ୍ତ୍ରଣ କଲା ଆମେରିକା

ନୂଆଦିଲ୍ଲୀ,୮/୨ : ଭାରତ ସହିତ ରଣନୈତିକ ସମ୍ପର୍କକୁ ଉନ୍ନତ କରିବା ପାଇଁ ଆମେରିକା ଏକ ପ୍ରମୁଖ ପଦକ୍ଷେପ ନେଇଛି। ଭାରତକୁ ପ୍ୟାକ୍ସ ସିଲିକା ପ୍ରୟାସରେ ଯୋଗଦେବା ପାଇଁ ଆନୁଷ୍ଠାନିକ ଭାବରେ ଆମେରିକା ନିମନ୍ତ୍ରଣ କରିଛି । ଏହି ପଦକ୍ଷେପ ଦୁଇ ଦେଶ ମଧ୍ୟରେ ସେମିକଣ୍ଡକ୍ଟର ଓ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ । ଭାରତର ଅଂଶଗ୍ରହଣ ସିଲିକନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ଯଥେଷ୍ଟ ସୁରକ୍ଷିତ ତଥା ସମୃଦ୍ଧ କରିବ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ପରେ, ପାକ୍ସ ସିଲିକା ରୂପରେ ଏକ ନୂତନ ରଣନୈତିକ ସହଭାଗୀତା ଉଭା ହୋଇଛି। ଆମେରିକାର ଅଧିକାରୀ ଜ୍ୟାକବ ହେଲବର୍ଗ ନିଶ୍ଚିତ କରିଛନ୍ତି, ଭାରତକୁ ଏହି ସ୍ୱତନ୍ତ୍ର ଗୋଷ୍ଠୀରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ଭାରତ ସରକାର ଖୁବ୍ ଶୀଘ୍ର ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମାରେ ଆନୁଷ୍ଠାନିକ ଭାବରେ ସ୍ୱାକ୍ଷର କରିବେ। ଯାହା ଦୁଇ ଦେଶ ମଧ୍ୟରେ ଆର୍ଥିକ ଓ ରଣନୈତିକ ସମ୍ପର୍କକୁ ବୃଦ୍ଧି କରିବ। ଡିସେମ୍ବର ୨୦୨୫ରେ ଆରମ୍ଭ ହୋଇଥିବା ପାକ୍ସ ସିଲିକା ମୁଖ୍ୟତଃ ସିଲିକନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଯୋଗାଣକୁ ସୁରକ୍ଷିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହା ଉନ୍ନତ ଉତ୍ପାଦନ, ସେମିକଣ୍ଡକ୍ଟର,ଏଆଇ ଭିତ୍ତିଭୂମି ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଏକ ଦୃଢ଼ ଏବଂ ସମୃଦ୍ଧ ନେଟୱାର୍କ ମଧ୍ୟ ନିର୍ମାଣ କରିଛି। ଏଥିରେ ଯୋଗଦାନ ଦ୍ୱାରା ଭାରତ ଭବିଷ୍ୟତର ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ ସମ୍ବଳଗୁଡ଼ିକୁ ସହଜରେ ପାଇପାରିବ ବୋଲି ଆଶା କରାଯାଉଛି। ଆମେରିକୀୟ ଅଧିକାରୀ ଜ୍ୟାକବ୍ ହେଲବର୍ଗ ପ୍ରକାଶ କରିଛନ୍ତି, ଭାରତ ଏବଂ ଆମେରିକା ଜାନୁଆରି ମାସରେ ଏହି ସହଭାଗୀତା ଉପରେ ସହମତ ହୋଇଥିଲେ।



◆◆ପୃଷ୍ଠା ୭

# ଭବ୍ୟତା ଏବଂ ନୂତନତାର ପରିଭାଷା ହେବ ସ୍ୱର୍ଣ୍ଣଚୁଡ ଯୁବମହୋତ୍ସବ ସିଜିନ -୪

ନୀଳଗିରି , ୮/୨ (ନି.ପ୍ର): ନୀଳଗିରି ଅଞ୍ଚଳରେ ଜନାଦୃତ ସ୍ୱର୍ଣ୍ଣଚୁଡ ଯୁବ ମହୋତ୍ସବର ଆସନ୍ତା ସିଜିନ - ୪ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତିବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ଡାକବଙ୍ଗଳା ପରିସରରେ ଆୟୋଜିତ ଦ୍ୱିତୀୟ ବୈଠକରେ କମିଟିର ସଭାପତି ଯୁବସମାଜସେବୀ ସବ୍ୟସାଚୀ ମହାପାତ୍ର ଅଧକ୍ଷତା କରିଥିବା ବେଳେ କମିଟିର ବହୁ ପୁରାତନ ଏବଂ ନୂତନ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ରହିଥିଲେ। ଏହି ଉପଲକ୍ଷେ ଏକ ସାମ୍ବାଦିକ ସମ୍ମିଳନୀର ଅୟୋଜନ କରାଯାଇ ଆସନ୍ତା ମାର୍ଚ୍ଚମାସ ଶେଷସପ୍ତାହରେ ସ୍ୱର୍ଣ୍ଣଚୁଡ ଯୁବାମହୋତ୍ସବ ପାଳନ କରାଯିବାପାଇଁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି। ତେବେ ମହୋତ୍ସବକୁ ସରସ,ସୁନ୍ଦର ଏବଂ ହୃଦୟସ୍ପର୍ଶୀ କରିବାପାଇଁ ସର୍ବସମ୍ମତି ମତପ୍ରକାଶ ପାଇଥିଲା। ଚଳିତବର୍ଷ ମହୋତ୍ସବକୁ କିପରି ଅଧିକ ଜନସମାଗମ ହେବ ସେଥିଉପରେ ବିଶେଷ ଗୁରୁତ୍ୱଦେବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ୪ଦିନଧରି ଅନୁଷ୍ଠିତ ହେବାକୁଥିବା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅଧିକ ଷ୍ଟଲ, ଆକର୍ଷଣୀୟ କଳାପ୍ରଦର୍ଶନ, ଏବଂଅଧିକସଂଖ୍ୟକ ବ୍ୟବସାୟୀଙ୍କ ଉପସ୍ଥିତି ରହିଲେ ଲୋକଙ୍କର ସମାଗମ ଅଧିକ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଚଳିତବର୍ଷ ମହୋତ୍ସବ ୪ଦିନ ବଦଳରେ ୫ଦିନ କରାଯିବାକୁ ଏକପ୍ରକାର ନିଷ୍ପତ୍ତି ହୋଇଥିବା ବେଳେ ପ୍ରଥମଦିବସରେ କମିଟିର ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କଦ୍ୱାରା ନଗରପରିକ୍ରମା ସହ କେ. ସି ହାଇସ୍କୁଲ ପଡ଼ିଆରେ ଆୟୋଜିତ ମହୋତ୍ସବସ୍ଥଳୀ ମାର୍ଜନା ସହିତ ମହାରୁଦ୍ରମ୍, ବେଦପାଠ ଏବଂ ମହାଯଜ୍ଞର ଆୟୋଜନ ହେବବୋଲି ସ୍ଥିରୀକୃତ ହୋଇଛି।ପୂର୍ବବର୍ଷ ଭଳି ଚଳିତବର୍ଷ ମଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ବିଭିନ୍ନକ୍ଷେତ୍ରରେ କୃତିପ୍ରତିଭା ମାନଙ୍କୁ ସମ୍ମାନିତ କରାଯିବାସହ ରକ୍ତଦାନ ଶିବିର, ରଙ୍ଗୋଲି, କବାଡି, କୁସ୍ତି ଆଦି ଭିନ୍ନ ଭିନ୍ନ ପ୍ରତିଯୋଗିତା କରାଯାଇ ଉଦୀୟମାନ ଯୁବକମାନଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି ସଭାପତି ତଥା ମୁଖ୍ୟ ଉଦ୍ୟକ୍ତା ସବ୍ୟସାଚୀ ମହାପାତ୍ର ସୂଚନା ଦେଇଥିଲେ। ଏହି ବୈଠକରେ ବିଶିଷ୍ଟ ଅତିଥିଭାବେ ବରିଷ୍ଠ ସମାଜସେବୀ ଗଙ୍ଗାଧର ମିଶ୍ର, ଉଦୀୟମାନ ଯୁବନେତା ଚନ୍ଦ୍ରବିନ୍ଦୁ ଦାସ, ବରିଷ୍ଠ ଆଇନଜୀବି ଦେବେନ୍ଦ୍ର ପଣ୍ଡା, ଦେବାଶିଷ ଆଚାର୍ଯ୍ୟଙ୍କ ସମେତ ମହୋତ୍ସବ କମିଟିର ସମ୍ପାଦକ ଚିନ୍ମୟଶରଣ ରାଉତ, ବରିଷ୍ଠସଦସ୍ୟ ଭାସ୍କର ବିଶ୍ୱାଳ, ସନ୍ତୋଷ ସମୁଦ୍ର, ୬ନଂ ୱାର୍ଡ କାଉନସିଲର ପ୍ରତାପ ସେଠୀ, ବରିଷ୍ଠସାମ୍ବାଦିକ ଅତୁଲ ସ,ପ୍ରବୀଣ ନାୟକ,ନିଗମ ରାଉତ, ରମେଶ ଚନ୍ଦ୍ର ପାତ୍ର, ମାନସ ରଞ୍ଜନ ମହାପାତ୍ର, ଦିବ୍ୟରଞ୍ଜନ ମହାପାତ୍ର, ଦେବାଶିଷ ନାୟକ, ରାଜେଶ ମହଲ, ସୁରେଶ ସମୁଦ୍ର ପ୍ରମୁଖ ବହୁ ସଦସ୍ୟ/ସଦସ୍ୟା ଉପସ୍ଥିତ ରହି ସହଯୋଗକରିବା ସହିତ ମତାମତ ରଖିଥିଲେ।

# ବଲାଙ୍ଗୀର ଜିଲ୍ଲାସ୍ତରୀୟ ଜନଗଣନା-୨୦୨୭ ପ୍ରସ୍ତୁତି ବୈଠକ

ବଲାଙ୍ଗୀର, ୮/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲାରେ ଆଗାମୀ 'ଜନଗଣନା-୨୦୨୭' ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଗୌରବ୍ ଶିୱାଜୀ ଇସଲୱାର ଅଧକ୍ଷତା କରିଥିଲେ। ଦୁଇଟି ପର୍ଯ୍ୟାୟରେ ଜନଗଣନା ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଜନଗଣନା ଯୁଗ୍ମ ନିର୍ଦ୍ଦେଶକ ଅଭୟ ନାରାୟଣ ନାୟକ, ଜନଗଣନାର ଜିଲ୍ଲା ପ୍ରଭାରି ଅନୁସୂୟା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଓ ଡାଃ ବିଜୟାନନ୍ଦ ସେଠୀ, ବଲାଙ୍ଗିର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ଯୋଗଦେଇ ଜନଗଣନାର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଜନଗଣନାର ପ୍ରଥମ ପର୍ଯ୍ୟାୟ ୧୬.୦୪.୨୦୨୬ ରୁ ୧୫.୦୫.୨୦୨୬ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ଗୃହ ତାଲିକା ପ୍ରସ୍ତୁତ ହେବ। ଦ୍ୱିତୀୟ ପର୍ଯ୍ୟାୟ ଫେବୃୟାରୀ ୨୦୨୭ ରୁ ଆରମ୍ଭ ହେବ, ଏଥିରେ ମୂଳ ଜନଗଣନା କାର୍ଯ୍ୟ ହେବ। ଗୃହ ତାଲିକା ଜନଗଣନା ସମୟରେ, ଜନସାଧାରଣଙ୍କୁ ବାସସ୍ଥାନର ଅବସ୍ଥା ଏବଂ ମୌଳିକ ସୁବିଧା ସମ୍ପର୍କରେ ୩୩ଟି ପ୍ରଶ୍ନ ପଚରାଯିବ। ଜନଗଣନାକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ତଥ୍ୟ ସଂଗ୍ରହ ପାଇଁ ପ୍ରମୁଖ ତାଲିମଦାତା ଭାବେ ୦୨ ଜଣ, କ୍ଷେତ୍ର ତାଲିମଦାତା ଭାବେ ୬୬ ଜଣ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ। ଗଣନାକାରୀ ଓ ପର୍ଯ୍ୟବେକ୍ଷକ ଭାବେ ପ୍ରାୟ ୪୮୩୩ଜଣ ଏହି ଅଭିଯାନରେ ସାମିଲ ହେବେ। ଏହା ବ୍ୟତୀତ ମୋବାଇଲ ବେସଡ ଆପ୍ଲିକେଶନରେ ମଧ ଜନସାଧାରଣ ନିଜେ ନିଜର ସଂପୂର୍ଣ୍ଣ ତଥ୍ୟ ଦେଇପାରିବେ। ୨୦୨୭ ଜନଗଣନାର ଉଭୟ ପର୍ଯ୍ୟାୟରେ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକମାନଙ୍କୁ ସଠିକ ଏବଂ ସତ୍ୟ ସୂଚନା ପ୍ରଦାନ କରି ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରିବା ଦ୍ୱାରା କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଗଠନ କରିବା, ତୃଣମୂଳ ସ୍ତରୀୟ ଯୋଜନାକୁ ସୁଦୃଢ଼ କରିବା ଏବଂ ସାଧାରଣ ସେବାର ପ୍ରଭାବଶାଳୀ ବିତରଣରେ ଏବଂ ନିର୍ଭରଯୋଗ୍ୟ ତଥ୍ୟ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ ବୋଲି ଜିଲ୍ଲାପାଳ କହିଥିଲେ। ତେଣୁ ସଠିକ୍ ଓ ନିର୍ଭୁଲ ତଥ୍ୟ ଦେଇ ଏହି ଜାତୀୟ କାର୍ଯ୍ୟକୁ ସଫଳ କରିବାକୁ ଜନସାଧାରଣଙ୍କୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୌରପରିଷଦ ଏବଂ ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାର, କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଯୁଗ୍ମ କୃଷି ନିର୍ଦ୍ଦେଶକଙ୍କ ମାଣ୍ଡିଆ ମଣ୍ଡି ପରିଦର୍ଶନ

ଜୟପୁର, ୮/୨ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକ ଦଶମନ୍ତପୁର ମାଣ୍ଡିଆ ମଣ୍ଡିକୁ ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ଦଳେଇ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା ଓ ବ୍ଲକ୍ ସ୍ତରର କୃଷି ବିଭାଗର ଅଧିକାରୀ, ୱାସନ୍ କର୍ମୀ ଟିଡିସିସି କର୍ମୀ ଓ ସିୱାଏସଡି ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ ଏହି ପରିଦର୍ଶନ ବେଳକୁ ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ଦଳେଇ ମଣ୍ଡିରେ ଉପସ୍ଥିତ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରି ମାଣ୍ଡିଆ କ୍ରୟ ସମ୍ପର୍କିତ ବିଭିନ୍ନ ଏଫ୍‌ଏକ୍ୟୁ(ପ୍ରଶ୍ନ-ଉତର) ଉପରେ ସ୍ୱଷ୍ଟତା ପ୍ରଦାନ କରିଥିଲେ। କ୍ରୟ ଦର, ଗୁଣମାନ, ମାପ ତୋଳା ପ୍ରଣାଳୀ ଓ ପ୍ରକ୍ରିୟାଗତ ବିଷୟରେ ଚାଷୀମାନଙ୍କ ସନ୍ଦେହ ନିରାକରଣ କରାଯାଇଥିଲା। ଖରିଫ ବିପଣନ ଋତୁ ୨୦୨୫-୨୬ ପାଇଁ ବୈପାରିଗୁଡ଼ା ବ୍ଲକର ସବୁଜିମା ପ୍ରଡ୍ୟୁସର୍ସ କମ୍ପାନୀ ଲିମିଟେଡ୍ ମାଧ୍ୟମରେ ମାଣ୍ଡିଆ କ୍ରୟ ସଫଳତାର ସହିତ କରାଯାଇଥିଲା। ଏହି ଦିନ ୪୦ ଜଣ ଚାଷୀଙ୍କୁ ଠାରୁ ସମୁଦାୟ ୫୭୮ କ୍ୱିଣ୍ଟାଲ୍ ମାଣ୍ଡିଆ କ୍ରୟ କରାଯାଇଛି। ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ଦଳେଇ ମଣ୍ଡିରେ ମାପ ତୋଳା, ଗ୍ରେଡିଂ ଓ ଦଲିଲ ପ୍ରକ୍ରିୟା ନିରୀକ୍ଷଣ କରି କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସୁଚାରୁ ଚାଳନା ଉପରେ ଜୋର ଦେଇଥିଲେ। ସେ ସିୱାଏସଡି ଟିମ୍, କୃଷି ବିଭାଗ ଓ ସବୁଜିମା ପ୍ରଡ୍ୟୁସର୍ସ କମ୍ପାନୀଙ୍କ ଯୁଗ୍ମ ପ୍ରୟାସକୁ ସ୍ୱୀକୃତି ଦେଇ ଚାଷୀମାନଙ୍କୁ ମାଣ୍ଡିଆ ପରି ପୋଷକ ଶସ୍ୟ ଚାଷ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ଚାଷୀମାନେ କ୍ରୟ ପ୍ରକ୍ରିୟା ପ୍ରତି ସନ୍ତୋଷ ପ୍ରକାଶ କରିଥଲେ।

# ଚମ୍ପୁଆ ବ୍ଲକ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା: ବିନା ସୂଚନା ଫଳକରେ ଚାଲିଛି ଗୃହ ନିର୍ମାଣ କାର୍ଯ୍ୟ

ଚମ୍ପୁଆ, ୮/୨ (ନି.ପ୍ର): ଚମ୍ପୁଆ ବ୍ଲକରେ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଗୁଡିକରେ ବ୍ୟାପକ ଅନିୟମିତତା ହେଉଥିବା ଦେଖିବାକୁ ମିଳୁଛି। କେଉଁଠି ସୂଚନା ଫଳକ ଥାଇ କାମ ହେଉନାହିଁ ତ କେଉଁଠି ବିନା ସୂଚନା ଫଳକରେ ଠିକାଦାର ନିମ୍ନମାନର କାମ କରି ଅନୁଦାନ ଟଙ୍କା ହଡପ କରୁଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ପଡୁଆ ପଂଚାୟତ ଅନ୍ତର୍ଗତ ନିଶାଗଡିଆ ଗ୍ରାମରେ। ଗାଁ ମୁଣ୍ଡରେ ଏକ ନୂତନ ଦୋକାନ ଗୃହ କାର୍ଯ୍ୟ ନିର୍ମାଣ କରା ଯାଉଛି। ନିକଟରେ ଏକ ସୂଚନା ଫଳକ ମଧ ନିର୍ମାଣ କରାଯାଇଛି କିନ୍ତୁ ଫଳକରେ ଗୃହ କାର୍ଯ୍ୟର କାର୍ଯ୍ୟ ସମ୍ପର୍କିତ କୌଣସି ସୂଚନା ଲେଖାଯାଇ ନ ଥିବା ଦେଖିବାକୁ ମିଳିଛି। ସୂଚନା ଫଳକ ଲେଖା ଯାଇ ନ ଥିବାରୁ କାର୍ଯ୍ୟ ସମ୍ପର୍କିତ କୌଣସି ତଥ୍ୟ ଜଣା ପଡୁନାହିଁ। କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ଲେଖିବାର ସରକାରଙ୍କ କଡା ନିୟମ ରହିଥିବାବେଳେ ଏଠାରେ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୋକାନ ଗୃହ ନିର୍ମାଣ ପାଇଁ ଦିଆ ଯାଇଥିବା ଅନୁଦାନ ଅର୍ଥକୁ ସୂଚନାଫଳକରେ ନ ଲେଖି ନିମ୍ନମାନର କାମକରି ସମ୍ପୂର୍ଣ୍ଣ ଚଳୁ କରିବା ପାଇଁ ଠିକାଦାର ବିଧିବଦ୍ଧ ଯୋଜନା କରୁଥିଲେ ମଧ ବିଭାଗୀୟ ଅଧିକାରୀ ଜାଣିଶୁଣି ନିରବଦ୍ରଷ୍ଟା ସାଜିଛନ୍ତି। ଏହି ଦୋକାନ ଗୃହର ଅର୍ଦ୍ଧାଧିକ କାର୍ଯ୍ୟ ଶେଷ ହେବାକୁ ବସିଲାଣି କିନ୍ତୁ ବିନା ସୂଚନା ଫଳକରେ ଚାଲିଥିବାରୁ ଏହା କେଉଁ ବିଭାଗ, କେତେ ଟଙ୍କାର ଅନୁଦାନ, ଠିକାଦାର କିଏ କିଛି ଜାଣି ହେଉ ନାହିଁ। ଗୃହ ନିର୍ମାଣ କରୁଥିବା ମିସ୍ତ୍ରୀ ମାନଙ୍କୁ ଗୃହ କାର୍ଯ୍ୟରେ ଲାଗୁଥିବା ସିମେଂଟ, ବାଲିର ମିଶ୍ରଣ ସମ୍ପର୍କରେ ପଚାରିବାରୁ ସେମାନେ ପନ୍ଦର ଏକ ରେ କାମ କରୁଛୁ ବୋଲି କହିଥିଲେ। ତେବେ କାର୍ଯ୍ୟ ତଦାରଖ କରିବାକୁ କୌଣସି ଅଧିକାରୀଙ୍କ ପାଦ ପଡୁ ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଥିବା ବେଳେ ଅନୁସନ୍ଧାନରୁ ଏହା ବ୍ଲକସ୍ତରୀୟ କାର୍ଯ୍ୟ ବୋଲି ଜଣାପଡିଛି। କାର୍ଯ୍ୟ ସମ୍ପର୍କିତ ସୂଚନାକୁ ଲୁଚାଇ କରାଯାଉଥିବା ଏହି ଦୋକାନ ଗୃହ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ବେଳେ ଏହି କାମରୁ ମିଳୁଥିବା ଲାଭାଂଶର ସିଂହଭାଗ ବିଭାଗୀୟ ଅଧିକାରୀଙ୍କ ପକେଟ ଗରମ କରୁଥିବା କୁହାଯାଉଛି। ଯାହାକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖିବାକୁ ମିଳିଛି।

କାର୍ଯ୍ୟସ୍ଥଳରୁ ପଡୁଆ ପଂଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ସେ ଫୋନ ଉଠାଉ ନ ଥିବାରୁ ଯୋଗାଯୋଗ ହୋଇ ପାରି ନ ଥିବାବେଳେ ଏ ସମ୍ପର୍କରେ ଆସିଷ୍ଟାଂଟ ଇଞ୍ଜିନିଅରଙ୍କୁ ଯୋଗାଯୋଗ କରିବାରୁ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ ତଦାରଖ କରିବାକୁ ଉକ୍ତ ସ୍ଥାନକୁ ଯାଇଛନ୍ତି ବୋଲି କହିଥିଲେ। କିନ୍ତୁ, ଦିନ ୧୧ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଯନ୍ତ୍ରୀ ଜଣକ କାର୍ଯ୍ୟସ୍ଥଳକୁ ଯାଇ ନ ଥିବା ଦେଖିବାକୁ ମିଳିଥିଲା। ଯାହା ଚମ୍ପୁଆ ବ୍ଲକର ଅଧିକାରୀ ମାନଙ୍କ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଆସିଷ୍ଟାଂଟ ଇଞ୍ଜିନିଅର ଏ ସମ୍ପର୍କରେ ବୁଝା ବୁଝି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଏହିପରି ବ୍ଲକର ବିଭିନ୍ନ ଅଂଚଳରେ ହେଉଥିବା ଉନ୍ନତିମୂଳକ କାର୍ଯ୍ୟ ଗୁଡିକରେ ବ୍ୟାପକ ଅନିୟମିତତା ହେଉଥିଲେ ମଧ ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ଦିନକୁ ଦିନ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉବାରେ ଲାଗିଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି।

# ରାଜ୍ୟସ୍ତରୀୟ ଦଳର ପଡୁଆ ପଂଚାୟତ ପରିଦର୍ଶନ

ଚମ୍ପୁଆ, ୮/୨ (ନି.ପ୍ର): ଓଡିଶା ସରକାରଙ୍କ ପଂଚାୟତରାଜ ଓ ପାନୀୟ ଜଳ ସଂରକ୍ଷଣ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଦଳ ପଡୁଆ ପଂଚାୟତକୁ ପରିଦର୍ଶନ କରିଥିବା ଜଣାପଡିଛି। ଖବର ଅନୁସାରେ, ଚଳିତ ବର୍ଷ କେନ୍ଦୁଝର ଜିଲ୍ଲାରୁ ଏକ ମାତ୍ର ଆଦର୍ଶ ପଂଚାୟତ ଭାବେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଂଚାୟତକୁ ଘୋଷଣା କରିବା ନିମନ୍ତେ ମନୋନୀତ କରାଯାଇଛି। ଫଳରେ ପଂଚାୟତର ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ରାସ୍ତା ଘାଟ, ପୋଖରୀ, ଗାଧୁଆତୁଠ, କୃଷି, ଜୀବନ ଜୀବିକାରେ ଜଳ ସଂରକ୍ଷଣ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ଆଦିକୁ ରାଜ୍ୟସ୍ତରରୁ ପଂଚାୟତ ପରିଦର୍ଶନରେ ଆସିଥିବା ଅଧିକାରୀ ମାନେ ତନ୍ନ ତନ୍ନ କରି ଅନୁଧ୍ୟାନ କରି ତା'ର ଭିଡିଓ ଉତୋଳନ କରିବା ସହିତ ଗ୍ରାମସଭାରେ ପଂଚାୟତ ପକ୍ଷରୁ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକର ସମୀକ୍ଷା କରିଛନ୍ତି। ଯାହାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବାପରେ ପଡୁଆ ପଂଚାୟତକୁ ଆଦର୍ଶ ପଂଚାୟତ ଭାବେ ଘୋଷଣା କରାଯିବା ନେଇ ବିଚାର କରାଯିବ। ତେବେ ଜିଲ୍ଲାରେ ପଡୁଆ ପଂଚାୟତ ପ୍ରଥମ ସ୍ଥାନରେ ଥିବାରୁ ପଂଚାୟତ ବାସୀ କର୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ପଡୁଆ ସରପଂଚ ମନୋଜ କୁମାର ନାଏକ, ପି.ଇ.ଓ. ଗଣେଶ୍ୱର ପ୍ରଧାନ, ଏ.ଡି.ଇ.ଓ. ମଲ୍ଲୀ ମହାନ୍ତ, ଭୂଇଁପୁର ପି.ଇ.ଓ. ଅନିଲ କୁମାର ମହାନ୍ତ, ଉଚ୍ଚବାଲି ପି.ଇ.ଓ. ସ୍ୱାଗତିକା ପୃଷ୍ଟି, ଆର.ଡବ୍ଲୁ.ଏସ.ଏସ. ଜେଇ କରନ ସୋରେନ, ବି ଆର ସି ଚମ୍ପୁଆ ସୁଶମା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଦକ୍ଷିଣ ପୂର୍ବ ରେଳପଥ ମେନ୍ସ ୟୁନିଅନର ସାଧାରଣ ସଭା

ବାଲେଶ୍ୱର, ୮/୨ (ନି.ପ୍ର): ଦକ୍ଷିଣ ପୂର୍ବ ରେଳପଥ ମେନ୍ସ ୟୁନିଅନ ର ସାଧାରଣ ସଭା ମୁଖ୍ୟ ଉପଦେଷ୍ଟା ଶ୍ରୀ ଗୌର ସାଧନ ମିଶ୍ର ଙ୍କ ଅଧକ୍ଷ୍ୟତା ରେ ସ୍ଥାନୀୟ ଶାଖା କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି । ଶାଖା ସମ୍ପାଦକ ଶ୍ରୀ ଉମେଶ ଚନ୍ଦ୍ର ଅଗସ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧକ୍ଷ ଶ୍ରୀ ଅଭିମନ୍ୟୁ ବେହେରା ଆୟ ବ୍ୟୟ ର ହିସାବ ଦେଇଥିଲେ । ବାଲେଶ୍ୱର ଶାଖା ର ଉପଦେଷ୍ଟା ଶ୍ରୀ କୃଷ୍ଣ ଚନ୍ଦ୍ର ଦାସ, ଶ୍ରୀ ସୁନୀଲ ଦାସ, ଶ୍ରୀ ରତ୍ନାକର ପଣ୍ଡା ଓ ସଭାପତି ଶ୍ରୀ ଅରୁଣ କୁମାର ପଲେଇ ଉପସ୍ଥିତ ଥିଲେ । ସକ୍ରିୟ ମହିଳା କର୍ମକର୍ତ୍ତା ଶ୍ରୀମତୀ




ମିନତୀ ମହାନ୍ତି, ଶ୍ରୀମତୀ ମେନକୁ ମାଝୀ ଓ ଶୁଭଲକ୍ଷ୍ମୀ ବେହେରା ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ମେନ୍ସ ୟୁନିଅନ ର କେନ୍ଦ୍ରୀୟ ଉପସଭାପତି ଶ୍ରୀ ଗୌତମ ମୁଖାର୍ଜୀ, କେନ୍ଦ୍ରୀୟ ପ୍ରତିନିଧି ଶ୍ରୀ ଅଭିଜିତ ମଲ୍ଲିକ, ହିନ୍ଦ ମଜଦୁର ସଭା ର ସଭାପତି ଶ୍ରୀ ଅରୁଣ ସ୍ୱାଇଁ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସମସ୍ତଙ୍କ ନିଷ୍ଠାପର ସହଯୋଗ ପାଇଁ ଶ୍ରୀ ଗୌର ସାଧନ ମିଶ୍ର ସଦସ୍ୟ ମାନଙ୍କୁ ଧନ୍ୟବାଦ ସହ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ ।

# ରାଜସ୍ୱ ବିଭାଗ ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡା, ୮/୨ (ନି.ପ୍ର): ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ରାଜସ୍ୱ ବିଭାଗର ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଜିଲ୍ଲାପାଳ ସମସ୍ତ ରାଜସ୍ୱ ଅଧିକାରୀଙ୍କୁ ସ୍ୱାଗତ କରି ରାଜସ୍ୱ ଆଦାୟର ଗୁରୁ ଦାୟିତ୍ୱ ସମ୍ବନ୍ଧରେ ଚେତାଇ ଦେଇଥିଲେ। ରାଜସ୍ୱ ମାମଲା ସବୁ ତୁରନ୍ତ ଫୈସଲା କରିବା, ବେଆଇନ ଇଟାଭାଟି ସବୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ୱ ବିଭାଗ ଜନସାଧାରଣଙ୍କ ନିକଟରେ ପହଂଚିବା ପାଇଁ 'ଗାଁ ରେ ରାଜସ୍ୱ ପ୍ରଶାସନ' କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ କହିଥିଲେ। ସେ ରାଜସ୍ୱ ଅଧିକାରୀମାନଙ୍କୁ କଠିନ ପରିଶ୍ରମ କରି ଜନସାଧାରଣଙ୍କ ଆସ୍ଥାଭାଜନ ହେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ପାର୍ଚ୍ଚା ର କଲମ ୨ ସଂଶୋଧନ, ବସୁନ୍ଧରା ଯୋଜନା, ଏନଫୋର୍ସମେଂଟ, ସିଟି ଏବଂ ଜିଏସଟି, ଅବକାରୀ,ପରିବହନ, ମାଇନିଂ ସମେତ ଅନ୍ୟ ରାଜସ୍ୱ ସମ୍ପର୍କିତ ବିଷୟଗୁଡିକର ସମୀକ୍ଷା କରିଥିଲେ।

ଏଥିରୁ ଜଣାଗଲା ଯେ, ଜାନୁୟାରୀ ୨୦୨୬ ସୁଦ୍ଧା ସିଟି ଏବଂ ଜିଏସଟି ବିଭାଗ ୧୭ କୋଟି ୧୫ ଲକ୍ଷ ଟଙ୍କା, ପ୍ରବର୍ତନ ବିଭାଗ ୨ କୋଟି ୬୫ ଲକ୍ଷ, ବୈଧ ଓଜନ ଓ ମାପ ବିଭାଗ ୧୮,୭୭,୧୬୮ ଟଙ୍କା, ପରିବହନ ବିଭାଗ ୧୨ କୋଟି ୩୪ ଲକ୍ଷ ଟଙ୍କା, ଅବକାରୀ ବିଭାଗ ୧୬,୫୮,୧୬,୫୬୫ ଟଙ୍କା, ଜିଲ୍ଲା ନିବନ୍ଧକ ୭,୫୯,୭୫,୬୮୪ ଟଙ୍କା, ମାଇନିଙ୍ଗ ବିଭାଗ ୧,୮୧, ୩୫ ୦୦୦ ଟଙ୍କା ରାଜସ୍ୱ ପ୍ରଦାନ କରିଛନ୍ତି କ୍ଷ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ଏବଂ ସମିର ସାହୁ ବନାଗ୍ନି ନିୟନ୍ତ୍ରଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଅବଗତ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ପୂର୍ବ ଘୋଷିତ ଜିଲ୍ଲାର ପ୍ରଥମ 'ରାଜସ୍ୱ ମିତ୍ର ପୁରସ୍କାର' ରେ ଟାନୱାଟ ଗାଁର ଅନନ୍ତ ଶବରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତି ମାସରେ ଜଣେ ବ୍ୟକ୍ତି ଯିଏ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଛନ୍ତି ଏବଂ ସରକାରଙ୍କ ସମସ୍ତ ରାଜସ୍ୱ ନିୟମ ପ୍ରତିପାଳନ କରୁଛନ୍ତି ତାଙ୍କୁ 'ରାଜସ୍ୱ ମିତ୍ର' ଭାବରେ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିର କରାଯାଇଛି। ସେହିପରି ଏହି ତ୍ରୈମାସିକ ଅବଧିରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ତହସିଲଦାର ନୂଆପଡା, ପ୍ରଣବ ରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର କୋମନା, ସୋନିଆ ଶ୍ରୀ ମଲ୍ଲିକ, ରାଜସ୍ୱ ସୁପର୍ ଭାଇଜର ଲକ୍ଷ୍ମୀ ନାରାୟଣ ମେହେର, ରାଜସ୍ୱ ନିରିକ୍ଷକ ଧନଞ୍ଜୟ ଦଣ୍ଡସେନା ଏବଂ ସର୍ବଶ୍ରେଷ୍ଠ ଅମିନ ଭାବରେ ନେତ୍ରାନନ୍ଦ ବିଶୀଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ। ଏହି ସମୀକ୍ଷା ବୈଠକରେ ବନଖଣ୍ଡ ଅଧିକାରୀ, ଅଜିଜ ଖାନ୍ , ସମିର ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ବିଡିଓ, ଅନ୍ୟ ରାଜସ୍ୱ ଅଧିକାରୀ ଏବଂ ସଂମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ସିୟୁଓ-କୋଟ୍ସ ଆନୁକୂଲ୍ୟରେ ଆୟୋଜିତ ଆଦିବାସୀ ପରିଚୟ ଓ ସଂସ୍କୃତି ଉପରେ ଜାତୀୟ ସେମିନାର ଉଦ୍‌ଯାପିତ

ଜୟପୁର, ୮/୨ (ନି.ପ୍ର): କୋରାପୁଟସ୍ଥିତ କାଉନସିଲ୍ ଅଫ୍ ଆନାଲିଟିକାଲ୍ ଟ୍ରାଇବାଲ୍ ଷ୍ଟଡିଜ୍ ଓ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ମିଳିତ ଆନୁକୁଲ୍ୟରେ ହୋଇଥିବା ତିନିଦିନିଆ ଜାତୀୟ ସଙ୍ଗୋଷ୍ଠୀ ଆଦିବାସୀ ପରିଚୟ, ସଂସ୍କୃତି ଓ ଜାତୀୟତା: ଭାରତର ସମକାଳୀନ ଆଲୋଚନା" ଶନିବାର ତ ୦୭ ଫେବ୍ରୁୟାରୀ ୨୦୨୬ ରିଖରେ ପରିସରରେ ଏକ ଉଦଯାପନୀ ଅଧିବେଶନ ସହ ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଟଙ୍କ ର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା କହିଥିଲେ, "ଭାରତୀୟ ସଂସ୍କୃତିର ମୂଳ ଆଧାର ହେଉଛି ଆଦିବାସୀ ସଂସ୍କୃତି। ସରଳତା, ମର୍ଯ୍ୟାଦା ଓ ଉଚ୍ଚ ନୈତିକ ମୂଲ୍ୟବୋଧ ଆଦିବାସୀ ଜୀବନଶୈଳୀର ଅଂଗ, ଯାହାରୁ ଆଧୁନିକ ସମାଜ ଅନେକ କିଛି ଶିଖିପାରିବ।" ରାମାୟଣର ସବରୀଙ୍କ ଉଦାହରଣ ଦେଇ ସେ କହିଲେ ଯେ ଆତିଥ୍ୟ ଓ ବିନମ୍ରତା ଆଦିବାସୀ ପରିଚୟର ଦୀର୍ଘକାଳୀନ ଲକ୍ଷଣ। ସଙ୍ଗୋଷ୍ଠୀରେ ପ୍ରସ୍ତୁତ ଗବେଷଣା ପତ୍ରଗୁଡ଼ିକୁ ପୁସ୍ତକ ଆକାରରେ ପ୍ରକାଶ କରି ନୀତି ନିର୍ଦ୍ଧାରକଙ୍କ ପାଖକୁ ପଠାଇବାକୁ ସେ ଆହ୍ୱାନ ଜଣାଇଲେ। ସମ୍ମାନିତ ଅତିଥି ଭାବେ ଅରୁଣାଚଳ ପ୍ରଦେଶସ୍ଥ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଇଓଞ୍ଜଙ୍କ ନିର୍ଦ୍ଦେଶିକା ପ୍ରଫେସର ଜୁମିୟର ବସାରା କହିଲେ ଯେ ଆଦିବାସୀ ପରିଚୟକୁ ପାରମ୍ପରିକ, ଭୌଗୋଳିକ ଓ ରାଜନୈତିକ ପରିପ୍ରେକ୍ଷିତରୁ ବୁଝିବା ଆବଶ୍ୟକ। ଏର୍ନେଷ୍ଟ ଗେଲ୍ନର ଓ ବେନେଡିକ୍ଟ ଆଣ୍ଡରସନଙ୍କ ଉଦ୍ଧୃତି ଦେଇ ସେ କହିଲେ, "ମୁଖ୍ୟଧାରା ଜାତୀୟତାବାଦ ସାଧାରଣତଃ ସମାନତାକୁ ଗୁରୁତ୍ୱ ଦେଉଥିବାବେଳେ ଆଦିବାସୀ ସମାଜ ବିବିଧ ଓ ସ୍ତରୀୟ ପରିଚୟକୁ ପ୍ରତିଫଳିତ କରେ। ଅର୍ଥପୂର୍ଣ୍ଣ ଜାତୀୟତାବାଦ ପାଇଁ ଆଦିବାସୀ ସଂସ୍କୃତି, ଭୂମି ଅଧିକାର ଓ ପରିଚୟକୁ ସମ୍ମାନ ଦେବା ଅନିବାର୍ଯ୍ୟ।" ପ୍ରଫେସର କମଳା କାନ୍ତ ମିଶ୍ର ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନକୁ ସ୍ୱୀକାର କରିବାର ଆବଶ୍ୟକତା ଉଲ୍ଲେଖ କରି କହିଲେ, "ଆଦିବାସୀ ଅବଦାନ ବିନା ଭାରତୀୟ ଜାତୀୟତାବାଦ ଅପୂର୍ଣ୍ଣ ରହିବ।" ବିକାଶ ସମ୍ପର୍କିତ ସମସ୍ୟା ଉପରେ ଆଲୋକପାତ କରି ପ୍ରଫେସର ମାଗୁଣି ଚରଣ ବେହେରା କହିଲେ ଯେ ଅନେକ ଆଦିବାସୀ ପରିଚୟ ସମସ୍ୟା ଉନ୍ନୟନର ଫଳ। "ଆଦିବାସୀଙ୍କୁ କେବଳ ଆର୍ଥିକ ଭାବେ ପଛୁଆ ଲାଭାନ୍ୱିତ ଭାବେ ଦେଖିଲେ ସେମାନଙ୍କ ସାଂସ୍କୃତିକ ବିଶିଷ୍ଟତା ଅଣଦେଖା ହୋଇଯାଏ। ବିକାଶ ସାଂସ୍କୃତିକ ଭିତିରେ, ଅଂଶଗ୍ରହଣମୂଳକ ଓ ପରିଚୟକୁ ସୁଦୃଢ଼ କରୁଥିବା ହେବା ଉଚିତ," ସେ କହିଲେ। ସଭାପତିତ୍ୱ କରୁଥିବା ନିର୍ଦ୍ଦେଶକ ପ୍ରଫେସର ପି. ସି. ମହାପାତ୍ର ସଂସ୍ଥାର ଆଦିବାସୀ ଗବେଷଣା କ୍ଷେତ୍ରରେ ଅବଦାନ ଉପରେ ଆଲୋଚନା କରିଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ରଥୀ କାନ୍ତ କୁମ୍ଭାର ଧନ୍ୟବାଦ ଜ୍ଞାପନ କରି ଆଦିବାସୀ ଗବେଷଣା ଓ ବିକାଶମୂଳକ ପ୍ରୟାସ ଉଲ୍ଲେଖ କରିଥିଲେ। ସେମିନାର ପ୍ରତିବେଦନ ପ୍ରସ୍ତୁତ କରି ଡ଼. ଦିପ୍ତି ଶଙ୍କର କହିଥିଲେ ଯେ ସେମିନାରକୁ ୨୧୮ଟି ଗବେଷଣା ପତ୍ର ମିଳିଥିଲା, ଯାହାରୁ ୨୦୦ରୁ ଅଧିକ ପତ୍ର ଗ୍ରହଣ ଓ ପ୍ରସ୍ତୁତ ହୋଇଥିଲା। ଏଥିରେ ପ୍ରାୟ ୭୦ଟି ଅନଲାଇନ୍ ପ୍ରସ୍ତୁତି ଥିଲା। ୨୫ରୁ ଅଧିକ ପ୍ରାୟୋଗିକ ଅଧିବେଶନରେ ଚାରିଟି ସମାନାନ୍ତର ଅଧିବେଶନ ମାଧ୍ୟମରେ ଆଦିବାସୀ ପରିଚୟ, ଜାତୀୟତାବାଦ, ସମ୍ପଦ ଅଧିକାର, ଔପନିବେଶିକ ଉତାରାଧିକାର, ଭାଷା ହ୍ରାସ ଓ ଆଦିବାସୀ ଜ୍ଞାନ ପ୍ରଣାଳୀ ଉପରେ ଗଭୀର ଆଲୋଚନା ହୋଇଥିଲା ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ଜଣାଇଛନ୍ତି। ସଭାରେ ଦେଶର ବିଭିନ୍ନ ସଂସ୍ଥାର ଶିକ୍ଷକ, ଗବେଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଉପସ୍ଥିତମାନଙ୍କ ମଧ୍ୟରେ ଡ଼. କପିଳା ଖେମୁଣ୍ଡୁ(ସେମିନାର ସମ୍ପାଦକ), ଡ଼. ଫଗୁନାଥ ଭୋଇ(ଲୋକସମ୍ପର୍କ ଅଧିକାରୀ), ଉଟଙ୍କ, ଡ଼. ଜଗବନ୍ଧୁ ସାମଲ, ଡ଼. ନାରାୟଣ ପଣ୍ଡା, ଶ୍ରୀ ସୁଧାକର ପଟ୍ଟନାୟକ, ଡ଼. ପ୍ରଦୀପ ବେହେରା, ଡ଼. ଲତିକା ମିଶ୍ର, ଡ଼. ପରେଶ ରଥ, ଡ଼. ନରେନ୍ଦ୍ର ରଥ, ଡ଼. ସାବିତ୍ରୀ ମାଝି, ଡ଼. ଅଶୋକ କୁମାର ନନ୍ଦ (ସେମିନାର ଆବାହକ) ଶ୍ରୀ ଗୋପୀନାଥ ପ୍ରଧାନ, ଡ଼. ରାଜେନ୍ଦ୍ର କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଡ଼. ନୂପୁର ପଟ୍ଟନାୟକଙ୍କ ପରିଚାଳନରେ ଏକ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶ୍ରୀଧର ରାଉତ ଦିବ୍ୟାଙ୍ଗ ଛାତ୍ର ମେଧାବୃତ୍ତି ପ୍ରଦାନ

କେନ୍ଦ୍ରାପଡ଼ା, ୮/୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମମାନଙ୍କ ଥେରାପିସେବା, ସଚେତନତା ଓ ସଶକ୍ତକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ମେଧାବୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ମେଧାବୃତି ପ୍ରଧାନ କରାଯାଇଛି। ସ୍ଥାନୀୟ ଅମର ଉଦ୍ୟାନ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଓ ଦକ୍ଷତା ବିକାଶ ଦ୍ୱାରା ସେମାନଙ୍କୁ ଯଥାର୍ଥରେ ମୁଖ୍ୟସ୍ରୋତର ସମାଜରେ ସାମିଲ କରାଯାଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ଅଭୟ ବେହେରା ଦିବ୍ୟାଙ୍ଗମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶରେ ସରକାରୀ ଯୋଜନା ସହିତ ସମସ୍ତଙ୍କ ସହଯୋଗ ଓ ପ୍ରୋତ୍ସାହନ ରହିଲେ ସେମାନେ ପାରଦର୍ଶୀତା ପ୍ରଦର୍ଶନ କରି ପାରିବେ ବୋଲି କହିଥିଲେ। ଉକ୍ତ କାର ?୍ୟକ୍ରମରେ ଅନ୍ୟତମ ଅତିଥିରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଓ ବରିଷ୍ଠ ଚିକିତ୍ସକ ଡାକ୍ତର ଗୌରାଙ୍ଗ ଚରଣ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପରିବର୍ତ୍ତିତ ସମୟରେ ଭିନ୍ନକ୍ଷମ ର୍ଗଙ୍କ ପ୍ରତି ସାମାଜିକ ସମ୍ବେଦନଶୀଳତା ବୃଦ୍ଧି ପାଇଛିବୋଲି ମତପ୍ରକାଶ କରିଥିଲେ। ପୁନର୍ବାସ ପକ୍ଷରୁ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟୟନରତ ବିଭିନ୍ନ ଭିନ୍ନକ୍ଷମବର୍ଗରୁ ନିର୍ବାଚିତ ସମୁଦାୟ ଛଅଜଣ ମେଧାବୀ ଛାତ୍ରଛାତ୍ରୀ ସର୍ବଶ୍ରୀ ରାହୁଳ ପାତ୍ର, ଲକ୍ଷ୍ମୀ ପ୍ରିୟା ଲେଙ୍କା(ଦୃଷ୍ଟିବାଧିତ), ବିବେକ ପାତ୍ର, ଆୟୁଷକାନ୍ତ ବେହେରା, ରୋନକ ପରିଡ଼ା(ଚଳନଶକ୍ତି ବାଧିତ) ଓ ନେହା ଭୋଇ(ଥାଲାସେମିଆ) ପ୍ରତ୍ୟେକଙ୍କୁ ଦଶ ହଜାର ଟଙ୍କାର ମେଧାବୃତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁନର୍ବାସ ପକ୍ଷରୁ ପ୍ରଥମକରି ଜିଲ୍ଲାରେ ପାରାକ୍ରୀଡ଼ାର ପ୍ରୋତ୍ସାହନ ନିମନ୍ତେ ପ୍ରଥମ ବାମା-ଯଦୁମଣି ଉତ୍କର୍ଷ କ୍ରୀଡା ପୁରସ୍କାର ଆନ୍ତର୍ଜାତିୟ ପାରାକ୍ରୀଡ଼ାବିତ୍ ରଞ୍ଜିତ ଚାନ୍ଦଙ୍କୁ ଟ୍ରଫିସହ ଦଶ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ପ୍ରାଧାପକ ଡ଼ ପ୍ରଭାତ ରଞ୍ଜନ ଲେଙ୍କା, ପୁନର୍ବାସ ସହ ସମ୍ପାଦକ ବଂଶୀଧର ମହାନ୍ତି ଓ କୋଷାଧକ୍ଷ ଶିବଚରଣ ସାମଲ ପ୍ରମୁଖ ଚୟନ କମିଟିର ସଦସ୍ୟ ରହି ଯୁକ୍ତ ତିନି ଓ ଯୁକ୍ତଦୁଇ ଉଭୟ ବର୍ଗରୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଚୟନ କରିଥିଲେ।

# ଦରକାର ପଡ଼ିବନି ଦାମୀ କସ୍‌ମେଟିକ୍: ଉଜ୍ଜ୍ୱଳ ତ୍ୱଚା ପାଇଁ ବ୍ୟବହାର କରନ୍ତୁ ନଡ଼ିଆ ତେଲ





ତ୍ୱଚା ପାଇଁ ଆଜିକାଲିକା ସମୟରେ ଲୋକେ ହଜାର ହଜାର ଟଙ୍କା ବ୍ୟୟ କରୁଛନ୍ତି। ତା ସତ୍ତ୍ୱେ ବି ଅଧିକାଂଶ ଜିନିଷର କୌଣସି ଫଳାଫଳ ମିଳୁନାହିଁ। ତ୍ୱଚାରେ କୌଣସି ବି ପରିବର୍ତ୍ତନ ଦେଖିବାକୁ ମିଳିନଥାଏ। ହେଲେ ଏମିତି ଏକ ସାଧାରଣ ଜିନିଷ ଅଛି, ଯାହା ତ୍ୱଚା ପାଇଁ ଖୁବ୍ ? ଭଲ। ସେଇଟି ହେଉଛି ନଡ଼ିଆ ତେଲ। ନଡ଼ିଆ ଏକ ଏପରି ଫଳ ଯାହାର ଅନେକ ସୁଫଳ ଅଛି। ନଡ଼ିଆ ଖାଇବା ଯେପରି ଭଲ ତାହା ପାଣି ମଧ ପେଟ ପାଇଁ ଖୁବ୍ ଭଲ। ତା'ଠାରୁ ଆହୁରି ଭଲ ନଡ଼ିଆ ତେଲ। ତ୍ୱଚା ଓ କେଶ ପାଇଁ ଏହା ଔଷଧ ପରି। ନଡ଼ିଆରେ ଭିଟାମିନ୍-ସି, ଭିଟାମିନ୍-ଇ ଏବଂ ବି-ଭିଟାମିନ୍ ରହିଛି। ପଟାସିୟମ୍, ମ୍ୟାଗ୍ନେସିୟମ୍, କ୍ୟାଲ୍‌ସିୟମ୍, ଆଇରନ୍, ଜିଙ୍କ୍, କପର, ମ୍ୟାଗାନିଜ୍ ଏବଂ ସେଲେନିୟନ୍ ପରି ପୋଷକ ତତ୍ୱ ରହିଛି। ସେଥିପାଇଁ ନଡ଼ିଆ ଓ ନଡ଼ିଆ ପାଣି ପରି ତାହା ତେଲକୁ ଶରୀର ପାଇଁ ଖୁବ୍ ଉପକାରୀ। ନଡ଼ିଆ ତେଲ ଆପଣଙ୍କ ଚେହେରା ପାଇଁ କୌଣସି ବରଦାନଠୁ କମ୍ ନୁହେଁ। ଏହା ଚେହେରାର ଚମକ ଆଣିବା ସହ ମୁହଁରେ ଥିବା ବ୍ରଣ ଦାଗକୁ ସଫା କରିବାରେ ସହାୟକ ହୋଇଥାଏ। ନଡ଼ିଆ ତେଲରେ ଭିଟାମିନ୍ ଓ ଏବଂ ଆଣ୍ଟି ଅକ୍ସିଡାଣ୍ଟ୍ ରହିଛି। ଯାହାକୁ ଦାଗ ଚଢ଼ାଇବାରେ ସାହାଯ୍ୟ କରେ। ଏହା ତ୍ୱଚାକୁ ଟାଇଟ୍ ମଧ କରେ। ଯୁବା ଦିଶିବାକୁ ଚାହୁଁଥିଲେ ବି ଆପଣ ଏହାକୁ ବ୍ୟବହାର କରିପାରନ୍ତି।

# ଏମିତି ମର୍ଣ୍ଣିଂ ୱାକ କରନ୍ତୁ: ମିଳିବ ସର୍ବାଧିକ ଫାଇଦା



ଆଜିର ସମୟରେ ସାଧାରଣତଃ ସମେସ୍ତ ଫିଟ ରହିବାକୁ ପସନ୍ଦ କରନ୍ତି। ତେଣୁ ମର୍ଣ୍ଣିଂ ୱାକ ସାଧାରଣତଃ ସମସ୍ତଙ୍କ ଜୀବନର ଏକ ଅଂଶ ରହିଛି। ମାତ୍ର ଏହାକୁ କରିବାର ସଠିକ ଉପାୟ ଅଧିକ ଲୋକଙ୍କୁ ଜଣା ନ ଥାଏ। ମର୍ଣ୍ଣିଂ ୱାକ ଶରୀରର ପାଚନ ପ୍ରକ୍ରିୟାକୁ ତ୍ୱରିତ କରିଥାଏ ଯାହା ଫଳରେ ଶରୀର ରୋଗମୁକ୍ତ ରହିଥାଏ। ଏହା ସହିତ ଜୀବନ ଧାରଣ କାରଣରୁ ସୃଷ୍ଟି ହେଉଥିବା ମେଦ ବହୁଳତା ଓ ଡାଇବେଟିସ ପରି ରୋଗକୁ ମଧ ଏହା ନିୟନ୍ତ୍ରଣରେ ରଖିଥାଏ।

ତେବେ ମର୍ଣ୍ଣିଂ ୱାକ କରିବା ସମୟରେ ଲୋକ ମାନେ କିଛି ସାଧାରଣ ନିୟମକୁ ମାନି ନଥାନ୍ତି। ଫଳରେ ଏହାର ସମ୍ପୂର୍ଣ୍ଣ ଫାଇଦା ମିଳି ନଥାଏ। ମର୍ଣ୍ଣିଂ ୱାକ କରିବା ସମୟରେ କଣ ନିୟମ ମାନିବା ଉଚିତ, ଚାଲିବାର ବେଗ କଣ ରହିବା ଉଚିତ ଓ କିପରି ଚାଲିବା ଉଚିତ ଆସନ୍ତୁ ଜାଣିବା....

ମର୍ଣ୍ଣିଂ ୱାକ ସମୟରେ ନିଜ ଶ୍ୱାସ ପ୍ରଶ୍ୱାସ ଓ ଚାଲିବାର ବେଗ ଉପରେ ଧ୍ୟାନ ଦେବାକୁ ପଡିଥାଏ। ମର୍ଣ୍ଣିଂ ୱାକ ସମୟରେ ପ୍ରଥମେ ଧୀରେ ଧୀରେ ଚାଲିବା ସହ ଶ୍ୱାସ ଉପରେ ଧ୍ୟାନ ଦେବ ଉଚିତ। ଧୀରେ ଧୀରେ ଚାଲିବାର ଗତି ବଢାଇବା ସହିତ ଶ୍ୱାସ ପ୍ରଶ୍ୱାସ କିଭଳି ରହୁଛି ଏହାକୁ ମନିଟର କରିବା ଉଚିତ। ମର୍ଣ୍ଣିଂ ୱାକରେ ଜଣେ ୧୩ ମିନିଟରୁ ଓ ୨୦ ମିନିଟ ମଧରେ ୧ ମାଇଲ ଚାଲିବା ଉଚିତ। ଏପରି ବେଗରେ ଚାଲିବା ଦ୍ୱାରା ମର୍ଣ୍ଣିଂ ୱାକର ବାସ୍ତବ ଫାଇଦା ମିଳିଥାଏ। ଓଜନ ହ୍ରାସ ଓ ରକ୍ତ ଶର୍କରା (ଡାଇବେଟିସ) ନିୟନ୍ତ୍ରଣରେ ଏହା ସାହାଯ୍ୟ କରିଥାଏ। ମେଦବହୁଳତା ରୋଗରେ ପୀଡିତ ବ୍ୟକ୍ତି ମାନଙ୍କ ପାଇଁ ମଧ ଏହା ବେଶ ସହାୟକ ହୋଇଥାଏ। ମର୍ଣ୍ଣିଂ ୱାକରେ ଯାଉଥିଲେ ଦୈନିକ ୨୦-୩୦ ମିନିଟ ଚାଲିବା ଉଚିତ। ସପ୍ତାହରେ ୫ ଦିନ ଯଦି ଜଣେ ଦୈନିକ ୨୦-୩୦ ମିନିଟ ଚାଲନ୍ତି ତେବେ ଏହା ବାସ୍ତବରେ ଫାଇଦା ପ୍ରଦାନ କରିଥାଏ। ଏହା ଠାରୁ କମ୍ ଚାଲୁଥିଲେ ଏହା ଆମର ଶାରୀରିକ ପ୍ରକ୍ରିୟା ଉପରେ ବିଶେଷ ପ୍ରଭାବ ପକାଇ ନଥାଏ।

# ଏହି ଦିଗକୁ ଗୋଡକରି ଶୋଉଛନ୍ତି କି... ପଡିବ ନକରାତ୍ମକ ପ୍ରଭାବ

**ଶରୀରକୁ ରିଲାକ୍ସ ଦେବା ଓ ସୁସ୍ଥ ଜୀବନ ଜୀଇବା ପାଇଁ ଶୋଇବା ଜରୁରୀ। ପ୍ରତ୍ୟେକ ମଣିଷ ଶୋଉଥିଲେ ମଧ ଅନେକ ଏହାର ଠିକ୍ ଉପାୟ ଜାଣନ୍ତି ନାହିଁ। ତେବେ ଏବେ ପ୍ରଶ୍ନ ହେଉଛି ଶୋଇବାର ଉପଯୁକ୍ତ ଉପାୟ କ'ଣ ? କେଉଁ ଦିଗକୁ ଗୋଡ କରି ଶୋଇବା ଉଚିତ୍ ନୁହେଁ ? ଆସନ୍ତୁ ଜାଣିବା।**



ବାସ୍ତୁଶାସ୍ତ୍ର ଅନୁସାରେ, ଯଦି ଜଣେ ବ୍ୟକ୍ତି ନିଜ ପାଦକୁ ଭୁଲ ଦିଗରେ ରଖି ଶୋଇଥାଏ, ତେବେ ତାଙ୍କ ଶରୀରରୁ ସମସ୍ତ ଶକ୍ତି ବାହାରିଯାଏ, କାରଣ ଭୁଲ ଦିଗରେ ପାଦ ରଖି ଶୋଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡେ। ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ଦକ୍ଷିଣ ଆଡକୁ ପାଦ ରଖି ଶୋଇବା ଉଚିତ ନୁହେଁ। ଦକ୍ଷିଣ ଦିଗକୁ ଯମଦୂତ, ଯମ ଏବଂ ନକାରାତ୍ମକ ଶକ୍ତିର ଦିଗ ଭାବରେ ବିବେଚନା କରାଯାଏ, ତେଣୁ ଏହି ଦିଗକୁ ପାଦ ରଖି ଶୋଇବା ଉଚିତ ନୁହେଁ। ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ପୂର୍ବ ଦିଗକୁ ମଧ ଗୋଡ କରି ଶୋଇବା ଉଚିତ ନୁହେଁ। ଏହା ବ୍ୟତୀତ, ପଶ୍ଚିମ ଦିଗକୁ ମୁଣ୍ଡ କରି ଶୋଇବା ମଧ ଉଚିତ ନୁହେଁ। ଏହା ଶରୀର ଉପରେ ମଧ ନକାରାତ୍ମକ ପ୍ରଭାବ ପକାଇଥାଏ। ବାସ୍ତୁଶାସ୍ତ୍ରରେ କୁହାଯାଇଛି ଯେ ଯଦି ଜଣେ ବ୍ୟକ୍ତି ପୂର୍ବ କିମ୍ବା ଦକ୍ଷିଣ ଆଡକୁ ପାଦ ରଖି ଶୋଇଥାଏ ତେବେ ତାଙ୍କ ମନରେ ନକାରାତ୍ମକ ଚିନ୍ତାଧାରା ଏବଂ ଭୟାନକ ସ୍ୱପ୍ନ ଆସେ। ଏହା ବ୍ୟତୀତ ଲୋକମାନେ ନିରାଶା ଏବଂ ଭୟର ଶିକାର ହୁଅନ୍ତି। ବାସ୍ତୁବୀତଙ୍କ ମତରେ, ଜଣେ ବ୍ୟକ୍ତି ଉତ୍ତର ଦିଗକୁ ପାଦ ଦେଇ ଶୋଇବା ଦ୍ୱାରା ସୁଖ, ସମୃଦ୍ଧି, ଶାନ୍ତି, ଆର୍ଥିକ ଲାଭ ପାଇବା ସହିତ ଆୟୁ ବୃଦ୍ଧି ହୁଏ। ଏହା ବ୍ୟତୀତ ପୂର୍ବ ଆଡକୁ ମୁଣ୍ଡ କରି ଶୋଇବା ଦ୍ୱାରା ଜ୍ଞାନ ପ୍ରାପ୍ତ ହେବାରେ ସାହାଯ୍ୟ ମିଳେ।

# ଜିରା କରିବ ଜିରୋ ଫିଗର୍ : ଦେହ ପାଇଁ ଭାରି ଭଲ ଭଜା ଜିରା

ବର୍ତ୍ତମାନ ସମୟରେ ଘର ଘରର ସମସ୍ୟା କହିଲେ ମେଦବହୁଳତା ନହେଲେ ଚୁଟି ଝଡ଼ିବା । କିଏ ପତଳା ଥିଲେ ତାଙ୍କୁ ପଚରାଯାଉଛି ଯେ କ'ଣ ଖାଉଛ ଯେ ଏତେ ପତଳା ଅଛ । ନହେଲେ ଚୁଟି ଲମ୍ବା ଥିଲେ ପ୍ରଶ୍ନ ଆସେ ଆରେ ବାଃ ତୁମ ଚୁଟି ତ ବହୁତ ଲମ୍ବା କେଉଁ ତେଲ ଲଗାଉଛ ଇତ୍ୟାଦି , ଇତ୍ୟାଦି । ଏହାର ଅର୍ଥ ସବୁ ସମସ୍ୟାର ସମାଧାନ ଘରେ ହିଁ ଅଛି କିନ୍ତୁ ଆମେ ବୋଧହୁଏ ଅଳସୁଆମି କାରଣରୁ ଏହାକୁ ବ୍ୟବହାର କରିବା ପାଇଁ ପଛଘୁଞ୍ଚା ଦେଉ । କିନ୍ତୁ ରୋଷେଇ ଘରର କିଛି ଗୋଟାମସଲା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ମହୌଷଧୀ ଭଳି କାମ କରେ । ଯେଉଁଥିରୁ ଜିରା ହେଉଛି ଗୋଟିଏ । ଡାଲି-ତରକାରୀରେ ସ୍ୱାଦ ବଢ଼ାଇବାଠାରୁ ଆରମ୍ଭ ହେଉ କି ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇବାକୁ ନେଇ ଜିରା ସବୁଠୁ ଆଗରେ ଥାଏ ।

ଜିରାରେ ଜିଙ୍କ୍ , ଆଇରନ୍ , କପର୍ , କାର୍ବସ ଏବଂ ଭିଟାମିନ୍ ସି ଭଳି ଅନେକ ପୋଷକ ତତ୍ତ୍ୱ ମିଳିଥାଏ ଯାହା ଶରୀର ପାଇଁ ଲାଭକାରୀ । ଯଦି ପ୍ରତିଦିନ ଗୋଟିଏ ଚାମଚ ଭଜା ଜିରା ଖାଇବେ ତା'ହେଲେ ଏହା ଆପଣଙ୍କ ପାଇଁ ବରଦାନ ସଦୃଶ ହେବ । ଭଜା ଜିରାକୁ ପାଚନ କ୍ରିୟା ପାଇଁ ବେଷ୍ଟ୍ ବୋଲି କହୁଯାଏ । ଏଥିରେ ଥିବା ତେଲ ଏବଂ ଫାଇବର ପାଚନ ଏନଜାଇମ୍ସର ଉତ୍ପାଦନକୁ ବୃଦ୍ଧି କରେ, ଯାହାଦ୍ୱାରା ଖାଦ୍ୟ ଖୁବଶୀଘ୍ର ହଜମ ହୁଏ । ଏହା କୋଷ୍ଟକାଠିନ୍ୟ, ଏସିଡିଟି, ଗ୍ୟାସ ଏବଂ ପେଟ ଫୁଲିବା ପରି ସାଧାରଣ ପାଚନ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ । ଯଦି ଆପଣ ନିଜ ବର୍ଦ୍ଧିତ ଓଜନକୁ ନେଇ ଚିନ୍ତାରେ ଅଛନ୍ତି ତେବେ ନିଜ ଡାଏଟରେ ଭଜା ଜିରା ସାମିଲ କରିବା ଏକ ଭଲ ବିକଳ୍ପ ହୋଇପାରେ । ଜିରା ମେଟାବଲିଜିମ୍ ବଢ଼ାଇ କ୍ୟାଲୋରୀ ବର୍ନ କରିବାରେ ସାହାଯ୍ୟ କରେ । ଏହା ସହିତ, ଏହା ଭୋକକୁ କମାଇବାରେ ମଧ ସାହାଯ୍ୟକାରୀ ହୁଏ, ଯାହାଦ୍ୱାରା ଆପଣ ଅତ୍ୟଧିକ ଖାଇବାରୁ ବଞ୍ଚିପାରିବେ । ଜିରାରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିମାଇକ୍ରୋବିଆଲ୍ ଗୁଣ ଭରପୂର ମାତ୍ରାରେ ମିଳିଥାଏ, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ । ନିୟମିତ ଭାବରେ ଜିରା ଖାଇବା ଦ୍ୱାରା ଆପଣ ଥଣ୍ଡା, କାଶ ଏବଂ ଅନ୍ୟାନ୍ୟ ସଂକ୍ରମଣରୁ ମଧ ରକ୍ଷା ପାଇପାରିବେ ।

ଡାଇବେଟିସ୍ ରୋଗୀଙ୍କ ପାଇଁ ଭଜା ଜିରା ବହୁତ ଭଲ । ଏହା ରକ୍ତ ଶର୍କରାର ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଜିରାରେ ଥିବା କିଛି ତତ୍ତ୍ୱ ଇନସୁଲିନ୍ ସେନସିଟିଭିଟିକୁ ବଢ଼ାଏ, ଯାହାଦ୍ୱାରା ଶରୀର ଗ୍ଲୁକୋଜକୁ ଉନ୍ନତ ଉପାୟରେ ବ୍ୟବହାର କରିପାରେ । ଭଜା ଜିରା ହୃଦୟ ପାଇଁ ମଧ ଅତ୍ୟନ୍ତ ଲାଭଦାୟକ । ଏହା ରକ୍ତଚାପ କମାଇବା ଏବଂ କୋଲେଷ୍ଟ୍ରଲର ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହାଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗର ବିପଦ କମ୍ ହୋଇଯାଏ । ଜିରା କେବଳ ଭିତରୁ ନୁହେଁ ବାହାରୁ ମଧ ଆପଣଙ୍କ ତ୍ୱଚା ଏବଂ କେଶର ଯତ୍ନ ନିଏ । ଏହା ବ୍ରଣ, ଦାଗ-ଧଳା ଦାଗ ଏବଂ ତ୍ୱଚାର ଅନ୍ୟାନ୍ୟ ସମସ୍ୟାକୁ କମାଇବାରେ ସାହାଯ୍ୟ କରେ । ଏହା ସହିତ କେଶକୁ ମଜବୁତ ଏବଂ ଚମକଦାର କରିବାରେ ମଧ ସାହାଯ୍ୟକାରୀ ହୁଏ ।

ଆପଣ ପ୍ରତିଦିନ ସକାଳେ ଖାଲି ପେଟରେ ଏକ ଚାମଚ ଭଜା ଜିରା ପାଣି ସହିତ ସେବନ କରିପାରିବେ । ଏହାକୁ ଦହି, ସାଲାଡ୍ କିମ୍ବା କୌଣସି ଖାଦ୍ୟ ସାମଗ୍ରୀରେ ମିଶାଇ ମଧ ଖାଇପାରିବେ । ଭଜା ଜିରାର ପାଉଡର ତିଆରି କରି ମଧ ଖାଇପାରିବେ । ତେବେ ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନେ ଭଜା ଜିରା ଖାଇବା ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ । ଏହା ବ୍ୟତୀତ ଯେଉଁମାନଙ୍କୁ ଜିରାରୁ ଆଲର୍ଜି ଅଛି ସେମାନେ ମଧ ଏହାର ସେବନ କରିବା ଉଚିତ ନୁହେଁ ।



# ଆପଣ ଥଣ୍ଡା-କାଶରେ ପୀଡିତ କି... ଡାକ୍ତରର ପାଖକୁ ନ ଯାଇ କରନ୍ତୁ ଏହି ୫ ଘରୋଇ ଉପଚାର

ଥଣ୍ଡା ଏବଂ ଜ୍ୱରରୁ ମୁକ୍ତି ପାଇବା ପାଇଁ ଲୋକମାନେ ସାଧାରଣତଃ ବିଦେଶୀ ଔଷଧ ବ୍ୟବହାର କରନ୍ତି କିମ୍ବା ଡାକ୍ତରଙ୍କ ନିକଟକୁ ଯାଆନ୍ତି। କିନ୍ତୁ ବେଳେବେଳେ ଏହି ଔଷଧଗୁଡ଼ିକ ମଧ କ୍ଷତିକାର ହୋଇଥାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, କିଛି ଘରୋଇ ଉପଚାର ଚେଷ୍ଟା କରିପାରିବେ। ଏହା କରିବା ଦ୍ୱାରା ଆପଣ ଖୁବ୍ କମ ସମୟରେ ଆରାମ ପାଇପାରିବେ। ଏବେ ପ୍ରଶ୍ନ ଉଠୁଛି କାଶ ଏବଂ ଥଣ୍ଡା ହେଲେ ପ୍ରଥମେ କ'ଣ କରିବା ଉଚିତ ? ଥଣ୍ଡା ଏବଂ କାଶରେ କେଉଁ ଉପଚାର ଉପଯୋଗୀ ହୋଇପାରେ ? ତେବେ ଏନେଇ ବିଶେଷଜ୍ଞମାନେ କ'ଣ କୁହନ୍ତି ଆସନ୍ତୁ ଜାଣିବା।

**ତୁଳସୀ-ଅଦା ଚା':** ଯଦି ଆପଣ ଥଣ୍ଡା-କାଶ ଭଳି ସମସ୍ୟାରେ ପୀଡିତ, ତେବେ ଆପଣ ଏହାକୁ ଘରେ ଭଲ କରିପାରିବେ। ସାଧାରଣତଃ ଏହା କେବଳ ଘରୋଇ ଚିକିତ୍ସା ଦ୍ୱାରା ଆରୋଗ୍ୟ ହୁଏ। ଘରେ ଛୋଟ ଛୋଟ ଟିପ୍ସ ଆପଣେଇ ସହଜରେ ଏଥିରୁ ଆରାମ ପାଇପାରିବେ। ଥଣ୍ଡା ଏବଂ କାଶରେ ପୀଡିତ ବ୍ୟକ୍ତି ତୁଳସୀ ଓ ଅଦା ମିଶାଇ ଚା' ପ୍ରସ୍ତୁତ କରି ପିଅନ୍ତୁ। ଏହା କାଶ ଏବଂ ଥଣ୍ଡାକୁ ତୁରନ୍ତ ଭଲ କରିଦିଏ।



**ମହୁ-ଅଦା ରସ:** ବିଶେଷଜ୍ଞଙ୍କ ଅନୁଯାୟୀ ଥଣ୍ଡା ଏବଂ କାଶରୁ ମୁକ୍ତି ପାଇବାରେ ମହୁ ଏବଂ ଅଦା ରସ ଅତ୍ୟନ୍ତ ଲାଭଦାୟକ। ଯଦି ଆପଣ ମଧ ଥଣ୍ଡା ଏବଂ କାଶରେ ପୀଡିତ ତେବେ ଅଦା ଏବଂ ମହୁ ରସକୁ ଟିକେ ଗରମ କରି ପିଇଲେ ତୁରନ୍ତ ଆରାମ ମିଳିବ।



**ମହୁ-ଲବଙ୍ଗ:** ଯଦି ଆପଣ କାଶ କିମ୍ବା ଥଣ୍ଡା ରୋଗରେ ପୀଡିତ ତେବେ ଲବଙ୍ଗ ଏବଂ ମହୁ ଖାଆନ୍ତୁ। ଲବଙ୍ଗକୁ ଗ୍ରାଇଣ୍ଡ୍ କରି ମହୁ ସହିତ ମିଶାଇ ଦିନକୁ ୨-୩ ଥର ଖାଇବା ଦ୍ୱାରା କାଶରୁ ବହୁତ ଆରାମ ମିଳିଥାଏ। ଯଦି ଏମିତିରେ ଭଲ ହୋଇଯାଏ ତେବେ ଆପଣଙ୍କୁ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିବ ନାହିଁ।



**ଗରମ ପାଣି କୁଲୁକୁଳି:** ଯଦି ଥଣ୍ଡା ସହିତ ଗଳା ଦରଜ, କଫ ଏବଂ କାଶ ତେବେ ତେବେ ଗାର୍ଗଲିଂ ବହୁତ ଲାଭଦାୟକ। ଏଥିପାଇଁ ଉଷୁମ ଲୁଣ ପାଣିରେ ଗାର୍ଗଲ କରନ୍ତୁ। ଏହା ଗଳାରେ ଜମା ହୋଇଥିବା କଫକୁ ଦୂର କରେ ଏବଂ ଗଳା ଦରଜରୁ ଆରାମ ଦିଏ। ଯଦି ଆପଣ ମଧ ଥଣ୍ଡା ରୋଗରେ ପୀଡିତ ତେବେ ଗାର୍ଗଲ୍ କରନ୍ତୁ।



**ବାମ୍ଫ ନେବା:** ଥଣ୍ଡା ଏବଂ କାଶରୁ ଅଧିକ ଆରାମ ପାଇବା ପାଇଁ ବାମ୍ଫ ନେବାକୁ ପଡେ। ଏହା ବନ୍ଦ ହୋଇଯାଇଥିବା ନାକକୁ ଖୋଲିଦିଏ। ସାଧା ପାଣି ହେଉ କି ସେଥିରେ ଚା' ତେଲ, ୟୁକାଲିପଟାସ୍ ତେଲ, ଲେମନ୍ ଗ୍ରାସ୍ ତେଲ, ଲବଙ୍ଗ ତେଲ ମିଶାଇ ବାମ୍ଫ ନିଆଯାଇପାରେ। ଏହା ଦ୍ୱାରା ଗଳା ଖରାପରୁ ଅନେକ ଆରାମ ମିଳେ। ଯଦି ଆପଣ ମଧ ଥଣ୍ଡା ଏବଂ କାଶରେ ପୀଡିତ ତେବେ ନିଶ୍ଚିତ ଭାବରେ ଏହି ଘରୋଇ ଉପଚାର ଚେଷ୍ଟା କରନ୍ତୁ।



# ଟାରିଫ୍ ଛାଡ଼ର ବଡ଼ ମୂଲ୍ୟ: ଭାରତ ହରାଇବ ଶସ୍ତା ତୈଳ

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ନିକଟରେ ଜାରି କରାଯାଇଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ବା ଏକଜିକ୍ୟୁଟିଭ୍ ଅର୍ଡର ଭାରତୀୟ କୂଟନୀତି ଏବଂ ଅର୍ଥନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଚିନ୍ତାଜନକ ମୋଡ଼ ସାବ୍ୟସ୍ତ ହୋଇଛି । ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଭାରତ ଉପରେ ଲାଗୁ ହୋଇଥିବା ୨୫ ଶତାଂଶ ଦଣ୍ଡନୀୟ ଶୁଳ୍କ ବା ଟାରିଫଙ୍କୁ ପ୍ରତ୍ୟାହାର କରାଯାଇଛି ସତ, କିନ୍ତୁ ଏହାର ବଦଳରେ ଭାରତକୁ ଏକ ବଡ଼ ମୂଲ୍ୟ ଦେବାକୁ ପଡ଼ିଛି । ସର୍ତ୍ତ ଅନୁଯାୟୀ, ଭାରତକୁ ରଷିଆଠାରୁ ଅଶୋଧିତ ତୈଳ ଆମଦାନୀ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ପଡ଼ିବ ଏବଂ ଏହା ପରିବର୍ତ୍ତେ ଆମେରିକାରୁ ଉଚ୍ଚ ମୂଲ୍ୟର ଶକ୍ତି ଉତ୍ସ କ୍ରୟ କରିବାକୁ ହେବ । ଏହି ଘଟଣା କେବଳ ଭାରତର ଶକ୍ତି ନିରାପତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିନାହିଁ, ବରଂ ଦୀର୍ଘ ଦଶନ୍ଧି ଧରି ଭାରତ ବଜାୟ ରଖିଥିବା 'ରଣନୀତିକ ସ୍ୱାୟତ୍ତତା' ବା ଷ୍ଟ୍ରାଟେଜିକ୍ ଅଟୋନୋମି ଉପରେ ମଧ୍ୟ ଏକ ଶକ୍ତ ପ୍ରହାର ବୋଲି ବିବେଚନା କରାଯାଉଛି । ଏହି ନିଷ୍ପତ୍ତିର ପରିଣାମ ସୁଦୂରପ୍ରସାରୀ ହେବାର ଆଶଙ୍କା ରହିଛି, ଯାହା ଭାରତର ଅର୍ଥନୀତି, ମୁଦ୍ରାସ୍ଫୀତି ଏବଂ ଭୂ-ରାଜନୈତିକ ସମ୍ପର୍କକୁ ଗଭୀର ଭାବେ ପ୍ରଭାବିତ କରିବ ।

୨୦୨୨ ମସିହାରେ ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ବିଶ୍ୱ ବଜାରରେ ତୈଳ ଦର ଆକାଶଛୁଆଁ ହୋଇଥିଲା । ସେହି ସମୟରେ ଭାରତ ନିଜର ସ୍ୱାର୍ଥକୁ ପ୍ରାଥମିକତା ଦେଇ ପାଶ୍ଚାତ୍ୟ ଦେଶମାନଙ୍କ ଚାପ ସତ୍ତ୍ୱେ ରଷିଆଠାରୁ ରିହାତି ମୂଲ୍ୟରେ ଅଶୋଧିତ ତୈଳ କିଣିବା ଜାରି ରଖିଥିଲା । ପରିସଂଖ୍ୟାନ ଅନୁଯାୟୀ, ଭାରତର ମୋଟ ତୈଳ ଆମଦାନୀରେ ରଷିଆର ଅଂଶ ୨ ଶତାଂଶରୁ ବୃଦ୍ଧି ପାଇ ପ୍ରାୟ ୪୦ ଶତାଂଶରେ ପହଞ୍ଚିଥିଲା । ଏହି ଶସ୍ତା ତୈଳ ଯୋଗୁଁ ଭାରତ ବିଗତ ବର୍ଷଗୁଡ଼ିକରେ ହଜାର ହଜାର କୋଟି ଟଙ୍କାର ବୈଦେଶିକ ମୁଦ୍ରା ସଞ୍ଚୟ କରିପାରିଥିଲା, ଯାହା ଦେଶର ଅର୍ଥନୀତିକୁ ଏକ ବଡ଼ ସୁରକ୍ଷା ପ୍ରଦାନ କରିଥିଲା । କିନ୍ତୁ ବର୍ତ୍ତମାନ ଟ୍ରମ୍ପ ପ୍ରଶାସନର ଏହି ନୂତନ ନିର୍ଦ୍ଦେଶନାମା ଭାରତକୁ ସେହି ସୁବିଧାରୁ ବଞ୍ଚିତ କରିବ । ରଷିଆ ବଦଳରେ ଆମେରିକା କିମ୍ବା ପଶ୍ଚିମ ଏସିଆରୁ ତୈଳ ଆମଦାନୀ କରିବା ଅର୍ଥ ହେଉଛି ଅଧିକ ମୂଲ୍ୟ ଦେବା । ଆମେରିକାରୁ ତୈଳ ଆମଦାନୀ କରିବା କ୍ଷେତ୍ରରେ କେବଳ ତୈଳର ମୂଲ୍ୟ ଅଧିକ ନୁହେଁ, ବରଂ ପରିବହନ ଖର୍ଚ୍ଚ ମଧ୍ୟ ଯଥେଷ୍ଟ ଅଧିକ ହେବ । ଏହାର ସିଧାସଳଖ ପ୍ରଭାବ ଭାରତର ଘରୋଇ ବଜାର ଉପରେ ପଡ଼ିବ । ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଲେ ପରିବହନ ଖର୍ଚ୍ଚ ବଢ଼ିବ, ଯାହା ଫଳରେ ଖାଦ୍ୟଶସ୍ୟଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବ । ଏହା ଦେଶରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ ବାହାରକୁ ନେଇଯିବାର ଆଶଙ୍କା ସୃଷ୍ଟି କରୁଛି ।

ଏହି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶର ସବୁଠାରୁ ଚିନ୍ତାଜନକ ଦିଗଟି ହେଉଛି ଆମେରିକା ଦ୍ୱାରା ଲାଗୁ କରାଯାଇଥିବା 'ନିରୀକ୍ଷଣ ବ୍ୟବସ୍ଥା' ବା ମନିଟରିଂ ମେକାନିଜିମ୍ । ଏହି ବ୍ୟବସ୍ଥା ଅନୁଯାୟୀ, ଆମେରିକାର ବାଣିଜ୍ୟ ବିଭାଗ ଭାରତର ତୈଳ ଆମଦାନୀ ଉପରେ କଡ଼ା ନଜର ରଖିବ । ଯଦି ଭାରତ ପୁନର୍ବାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ରଷିଆଠାରୁ ତୈଳ କିଣୁଥିବାର ପ୍ରମାଣ ମିଳେ, ତେବେ ତୁରନ୍ତ ସେହି ୨୫ ଶତାଂଶ ଦଣ୍ଡନୀୟ ଶୁଳ୍କ ପୁନଃ ଲାଗୁ କରାଯିବ । ଏଠାରେ 'ପରୋକ୍ଷ' ଶବ୍ଦଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଭାରତୀୟ ରିଫାଇନାରୀଗୁଡ଼ିକୁ ମଧ୍ୟ ଅଡୁଆରେ ପକାଇପାରେ । ଭାରତ ଅନେକ ସମୟରେ ରଷିଆରୁ ଅଶୋଧିତ ତୈଳ ଆଣି ତାହାକୁ ପରିଶୋଧନ କରି ଡିଜେଲ କିମ୍ବା ଜେଟ୍ ଇନ୍ଧନ ଭାବରେ ୟୁରୋପ ଓ ଆମେରିକାକୁ ରପ୍ତାନି କରିଥାଏ । ଯଦି ଆମେରିକା ଏହାକୁ ମଧ୍ୟ କଟକଣା ପରିସରଭୁକ୍ତ କରେ, ତେବେ ଭାରତର ରପ୍ତାନି ବାଣିଜ୍ୟ ଗୁରୁତର ଭାବେ କ୍ଷତିଗ୍ରସ୍ତ ହେବ । ଏଭଳି ଏକ ସର୍ତ୍ତ ଭାରତର ସାର୍ବଭୌମତ୍ୱ ଉପରେ ଆଘାତ ସଦୃଶ, କାରଣ ଏହା ଦ୍ୱାରା ଭାରତର ଶକ୍ତି ନୀତି ଆମେରିକାର ବୈଦେଶିକ ନୀତି ଦ୍ୱାରା ନିୟନ୍ତ୍ରିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ନିଷ୍ପତ୍ତି ଭାରତର ଚଳନ୍ତି ଖାତା ନିଅଣ୍ଟ ବା କରେଣ୍ଟ ଆକାଉଣ୍ଟ ଡେଫିସିଟ୍ (CAD) କୁ ଆହୁରି ବଢ଼ାଇଦେବ । ଭାରତ ନିଜର ଆବଶ୍ୟକତାର ପ୍ରାୟ ୮୫ ଶତାଂଶରୁ ଅଧିକ ତୈଳ ଆମଦାନୀ କରିଥାଏ । ଶସ୍ତା ରଷୀୟ ତୈଳର ଅନୁପସ୍ଥିତିରେ ଭାରତର ଆମଦାନୀ ବିଲ୍ ଯଥେଷ୍ଟ ବୃଦ୍ଧି ପାଇବ, ଯାହା ଭାରତୀୟ ମୁଦ୍ରା ଉପରେ ଚାପ ସୃଷ୍ଟି କରିବ । ଟଙ୍କାର ମୂଲ୍ୟ ହ୍ରାସ ପାଇଲେ ବିଦେଶରୁ ଆମଦାନୀ ହେଉଥିବା ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ମହଙ୍ଗା ହେବ । ଏହା ବ୍ୟତୀତ, ରଷିଆ ସହିତ ଭାରତର ବାଣିଜ୍ୟିକ ସମ୍ପର୍କରେ ଏହା ଏକ ବଡ଼ ଫାଟ ସୃଷ୍ଟି କରିପାରେ । ରଷିଆ କେବଳ ଭାରତର ତୈଳ ଯୋଗାଣକାରୀ ନୁହେଁ, ବରଂ ପ୍ରତିରକ୍ଷା, ମହାକାଶ ଗବେଷଣା ଏବଂ ପରମାଣୁ ଶକ୍ତି କ୍ଷେତ୍ରରେ ଭାରତର ଏକ ବିଶ୍ୱସ୍ତ ସହଯୋଗୀ । ଯଦି ଭାରତ ଆମେରିକାର ଚାପରେ ନତିସ୍ୱୀକାର କରି ରଷିଆ ସହ ବାଣିଜ୍ୟ ବନ୍ଦ କରେ, ତେବେ ମସ୍କୋ ଏହାକୁ ଏକ ବିଶ୍ୱାସଘାତକତା ଭାବେ ଗ୍ରହଣ କରିପାରେ । ଏହାର ପ୍ରଭାବରେ ରଷିଆ ଭବିଷ୍ୟତରେ ଭାରତକୁ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସରଞ୍ଜାମ କିମ୍ବା ପ୍ରଯୁକ୍ତିବିଦ୍ୟା ଯୋଗାଇବାରେ ଟାଳଟୁଳ ନୀତି ଅବଲମ୍ବନ କରିପାରେ, ଯାହା ଚୀନ୍ ଓ ପାକିସ୍ତାନ ଭଳି ପଡ଼ୋଶୀଙ୍କ ସହ ମୁକାବିଲା କରିବା କ୍ଷେତ୍ରରେ ଭାରତ ପାଇଁ ଚିନ୍ତାର ବିଷୟ ହୋଇପାରେ । ଭାରତ ସର୍ବଦା ଏକ ସନ୍ତୁଳିତ ବୈଦେଶିକ ନୀତି ଅବଲମ୍ବନ କରିଆସିଛି । ଗୋଟିଏ ପଟେ ଆମେରିକା ସହ ରଣନୀତିକ ଭାଗିଦାରୀ ଏବଂ ଅନ୍ୟ ପଟେ ରଷିଆ ସହ ପାରମ୍ପରିକ ବନ୍ଧୁତା - ଏହି ଦୁଇଟି ମଧ୍ୟରେ ଭାରତ ଏଯାବତ୍ ସଫଳତାର ସହ ସନ୍ତୁଳନ ରକ୍ଷା କରିଆସିଥିଲା । କିନ୍ତୁ ଟ୍ରମ୍ପଙ୍କ ନୀତି ଏହି ସନ୍ତୁଳନକୁ ବିଗାଡ଼ି ଦେଇଛି । ବର୍ତ୍ତମାନର ପରିସ୍ଥିତି ସୂଚାଉଛି ଯେ ଭାରତ ଆମେରିକାର ବାଣିଜ୍ୟିକ ଚାପ ଆଗରେ ମୁଣ୍ଡ ନୁଆଁଇଛି । ଯଦିଓ ଟାରିଫ୍ ପ୍ରତ୍ୟାହାର ଯୋଗୁଁ କିଛି କ୍ଷେତ୍ରରେ (ଯେପରିକି ଟେକ୍ସଟାଇଲ୍, ଔଷଧ ଓ ରତ୍ନପଥର) ଭାରତୀୟ ରପ୍ତାନିକାରୀମାନେ ସାମୟିକ ଆଶ୍ୱସ୍ତି ପାଇବେ, କିନ୍ତୁ ଶକ୍ତି କ୍ଷେତ୍ରରେ ହେବାକୁ ଥିବା କ୍ଷତି ଏହା ତୁଳନାରେ ଯଥେଷ୍ଟ ଅଧିକ । ଶସ୍ତା ଶକ୍ତି ଯେକୌଣସି ବିକାଶଶୀଳ ଅର୍ଥନୀତିର ମେରୁଦଣ୍ଡ । ତେଣୁ, ଏହି ନିଷ୍ପତ୍ତି ଭାରତର ଦୀର୍ଘମିଆଦି ବିକାଶ ଲକ୍ଷ୍ୟକୁ ବାଧାପ୍ରାପ୍ତ କରିବାର ସମ୍ଭାବନା ରହିଛି । ଏହା ସହିତ ଏହି ଘଟଣାକ୍ରମ ବିଶ୍ୱରେ ଏକ ଭୁଲ ବାର୍ତ୍ତା ପହଞ୍ଚାଇପାରେ ଯେ ଭାରତ ଭଳି ଏକ ବିଶାଳ ଗଣତନ୍ତ୍ର ମଧ୍ୟ ବାହ୍ୟ ଶକ୍ତିର ଚାପରେ ନିଜର ନୀତି ପରିବର୍ତ୍ତନ କରିବାକୁ ବାଧ୍ୟ ହେଉଛି ।

ପରିଶେଷରେ, ଏହା କୁହାଯାଇପାରେ ଯେ ଟ୍ରମ୍ପଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଭାରତ ପାଇଁ ଏକ ଶକ୍ତ ପରୀକ୍ଷା । ଏହା କେବଳ ତୈଳ କିଣାବିକାର ପ୍ରସଙ୍ଗ ନୁହେଁ, ବରଂ ଏହା ଭାରତର ସ୍ୱାଧୀନ ବିଦେଶ ନୀତି ଏବଂ ଅର୍ଥନୈତିକ ସୁରକ୍ଷା ସହ ଜଡ଼ିତ । ସରକାରଙ୍କୁ ଏହି ପରିସ୍ଥିତିର ମୁକାବିଲା ପାଇଁ ଅତ୍ୟନ୍ତ ସତର୍କତାର ସହ ପଦକ୍ଷେପ ନେବାକୁ ପଡ଼ିବ । ଆମେରିକା ସହ ବାଣିଜ୍ୟିକ ସମ୍ପର୍କ ବଜାୟ ରଖିବା ଯେତିକି ଜରୁରୀ, ନିଜର ଶକ୍ତି ନିରାପତ୍ତା ଏବଂ ପୁରୁଣା ବନ୍ଧୁ ରଷିଆ ସହ ସମ୍ପର୍କକୁ ଅତୁଟ ରଖିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଯଦି ଭାରତ ଏହି ଚାପରୁ ମୁକୁଳିବା ପାଇଁ ବିକଳ୍ପ ବାଟ ନ ବାହାର କରେ, ତେବେ ଆଗାମୀ ଦିନରେ ଦେଶକୁ ଏହାର ଗମ୍ଭୀର ଅର୍ଥନୈତିକ ଓ କୂଟନୈତିକ ମୂଲ୍ୟ ଦେବାକୁ ପଡ଼ିପାରେ । ବିଶ୍ୱ ରାଜନୀତିରେ କୌଣସି ବନ୍ଧୁ କିମ୍ବା ଶତ୍ରୁ ଚିରସ୍ଥାୟୀ ନୁହନ୍ତି, କିନ୍ତୁ ଜାତୀୟ ସ୍ୱାର୍ଥ ସର୍ବଦା ସର୍ବୋପରି - ଏହି କଥାକୁ ଭାରତୀୟ ନୀତି ନିର୍ଦ୍ଧାରକମାନେ ବିଚାରକୁ ନେବା ଏକାନ୍ତ ଆବଶ୍ୟକ ।

# ବାଣିଜ୍ୟ ବିବାଦର ଅନ୍ତ !



## ସୌଭାଗ୍ୟ ରଂଜନ ମହାନ୍ତି

ଭାରତ-ଆମେରିକା ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇ ନଥିଲେ ମଧ ଦୀର୍ଘ ଦିନରୁ ଲାଗି ରହିଥିବା ବାଣିଜ୍ୟ ବିବାଦ ଦୁଇ ଦେଶର ସରକାରୀ ମୁଖ୍ୟଙ୍କ ମଧ୍ୟରେ ଟେଲିଫୋନ ଯୋଗେ ବାର୍ତ୍ତାଳାପ ପରେ ଆପାତତଃ ସମାଧାନ, ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ଅତିରିକ୍ତ ବାଣିଜ୍ୟ ଶୁଳ୍କ ପ୍ରତ୍ୟାହାର ସହ ଶୁଳ୍କକୁ ୧୮ ପ୍ରତିଶତ ହ୍ରାସ, ରୁଷ ଠାରୁ ଭାରତ ଆଉ ତୈଳ କିଣିବ ନାହିଁ ବୋଲି ଘୋଷଣା ଏବଂ ଏ ନେଇ ଭାରତର ନୀରବତା ସମସ୍ତ ଘଟଣାକୁ ରହସ୍ୟ ମଧ୍ୟକୁ ଠେଲି ଦେଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଆଳରେ ବିଭିନ୍ନ ଦେଶ ଉପରେ ୧୦ପ୍ରତିଶତଠାରୁ ଆରମ୍ଭ କରି ୧୦୦ ପ୍ରତିଶତ ପର୍ଯ୍ୟନ୍ତ ପାରସ୍ପରିକ ଶୁଳ୍କ ଲାଗୁ କରିଥିବା ବେଳେ ଭାରତୀୟ ସାମଗ୍ରୀଗୁଡିକ ଉପରେ ୨୫ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ। ପୁଣି ରୁଷ ଠାରୁ ତୈଳ କିଣୁଥିବା ଯୋଗୁଁ ଭାରତ ଉପରେ ଅତିରିକ୍ତ ୨୫ପ୍ରତିଶତ ଶୁଳ୍କ ଗତ ଅଗଷ୍ଟ ମାସରୁ ଲାଗୁ କରିବା ସହ ୟୁକ୍ରେନ ବିରୁଦ୍ଧରେ ରୁଷର ଯୁଦ୍ଧକୁ ସହାୟତା କରୁଥିବା ନେଇ ବାରମ୍ବାର କଟୁ ମନ୍ତବ୍ୟମାନ ଦେଇ ଆସୁଥିଲା। ପରିଣତି ସ୍ୱରୁପ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ତିକ୍ତ ହୋଇପଡିଥିଲା। ଏପରିକି ମଧ୍ୟ ଭାରତର ଚୀର ଶତ୍ରୁ ଭାବେ ପରିଚିତ ପାକିସ୍ତାନର ସେନାମୁଖ୍ୟଙ୍କୁ ଦୁଇ ଦୁଇ ଥର ହ୍ୱାଇଟ୍ ହାଉସକୁ ଆମନ୍ତ୍ରଣ କରି ଟ୍ରମ୍ପ ସମ୍ମାନିତ କରିବା ଭଳି ଘଟଣା ଘଟିଥିଲା। ଏବେ ରୁଷ ଠାରୁ ଭାରତର ତୈଳ କିଣିବା ବନ୍ଦ ନେଇ ଟ୍ରମ୍ପ ଏବଂ ତାଙ୍କର ପରିଷଦ ବର୍ଗ ବାରମ୍ବାର ଘୋଷଣା କରୁଥିବା ବେଳେ ଭାରତ କୌଣସି ପ୍ରତିକ୍ରିୟା ନଦେଇ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରିଛି। ଅନ୍ୟପକ୍ଷରେ ଅପେକ୍ଷା ବାଣିଜ୍ୟ ବିବାଦର ଅନ୍ତ ଧୈର୍ଯ୍ୟ ଓ ଅପେକ୍ଷାର ଫଳ ଏବଂ ଭାରତର କୁଟନୈତିକ ବିଜୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତବ୍ୟ କେବଳ ବିଜେପି ସଂସଦୀୟ ଦଳ ବୈଠକ ମଧ୍ୟରେ ସୀମିତ ରହିଛି। ଆହୁରି ମଧ୍ୟ ତୁଳନାତ୍ମକ ଭାବେ ଦେଖିଲେ ଆମେରିକା ପାରସ୍ପରିକ ଶୁଳ୍କ ଭାରତର ପଡୋଶୀ ରାଷ୍ଟ୍ରଙ୍କ ତୁଳନାରେ ଭାରତ ଉପରେ କମ୍ ରହିଛି। ଅର୍ଥାତ ଗତ ଜୁନମାସରୁ ଲାଗୁ କରିଥିବା ୨୫ପ୍ରତିଶତ ପାରସ୍ପରିକ ଶୁଳ୍କକୁ ୧୮ପ୍ରତିଶତକୁ ହ୍ରାସ କରିଛି। ଯାହାକି ପାକିସ୍ତାନ-୧୯%, ବାଙ୍ଗଲାଦେଶ-୨୦%, ଶ୍ରୀଲଙ୍କା -୨୦%, ଭିଏତନାମ -୨୦% ଇଣ୍ଡୋନେସିଆ, କାମ୍ବୋଡିଆ, ଥାଇଲାଣ୍ଡ,ମାଲେସିଆ, ଫିଲପାଇନସ୍ ଆଦି ରାଷ୍ଟ୍ର ଉପରେ ୧୯ପ୍ରତିଶତ ଥିବାବେଳେ ଚୀନ ଉପରେ ୪୭.୫ ପ୍ରତିଶତ ରହିଛି। ଏହା ନିସନ୍ଦେହ ଯେ, ଭାରତକୁ ଚାପରେ ରଖିବା ଲାଗି ଟ୍ରମ୍ପ ସମସ୍ତ ପ୍ରକାରର କଳାକୌଶଳ ଲାଗୁ କରିଥିଲେ। ଭାରତ-ପାକିସ୍ଥାନ ଯୁଦ୍ଧ ବନ୍ଦ କରାଇବା, ରୁଷଠାରୁ ତେଲ କିଣିଥିବାରୁ ଭାରତକୁ ଖଳନାୟକ କରାଇବା, ବିଶ୍ୱ ଦରବାରରେ ଭାରତକୁ ନିନ୍ଦିତ କରାଇବା ପାଇଁ କୌଣସି ସୁଯୋଗ ହାତ ଛଡା କରିନଥିଲେ। ଏହା ସତ୍ତ୍ୱେ ତାଙ୍କ ଚାପ ନିକଟରେ ଭାରତ ମୁଣ୍ଡ ନୁଆଁଇ ନଥିଲା। ଅନ୍ୟ ପକ୍ଷରେ ଭାରତ ୟୁରୋପୀୟ ସଂଘ ସହିତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ କରି ୟୁରୋପୀୟ ରାଷ୍ଟ୍ରଗୁଡିକୁ ଭାରତୀୟ ସାମଗ୍ରୀଗୁଡିକ ଉପରେ ଶୂନ୍ୟ ଟାରିଫରେ ସୁଯୋଗ ଦେଇଛି। ଯାହାକି ୟୁରୋପୀୟ ରାଷ୍ଟ୍ରଗୁଡିକରେ ଭାରତୀୟ ସାମଗ୍ରୀ ଗୁଡିକର ଚାହିଦା ବଢିବାରେ ସହାୟକ ହେବା ସହ ତାହାର ବାଣିଜ୍ୟ ପ୍ରତିଯୋଗିତାରେ ଉନ୍ନତି ଆଣିବା ସମ୍ଭାବନାକୁ ଅଣଦେଖା କରାଯାଇ ନପାରେ। ଏହା ଦ୍ୱାରା ଆମେରିକା ପ୍ରଭୁତ କ୍ଷତି ସହିବା ସମ୍ଭାବନା ଥିବାରୁ ଏହାକୁ ଏଡାଇବା ଲାଗି ଟ୍ରମ୍ପ ପ୍ରଶାସନ ଭାରତ ସହିତ ସମ୍ମାନଜନକ ବୁଝାମଣା କରିବାକୁ ବାଧ୍ୟ ହୋଇପାରେ। କେବଳ ଏତିକି ନୁହେଁ, ଭାରତକୁ ଉତମ ବନ୍ଧୁ ରାଷ୍ଟ୍ର ବୋଲି ଟ୍ରମ୍ପ ବାରମ୍ବାର କହୁଥିବାବେଳେ ପ୍ରଧାନମନ୍ତ୍ରୀ କିମ୍ବା କୌଣସି ଭାରତୀୟ ଅଧିକାରୀ କୌଣସି ପ୍ରତିକ୍ରିୟା ନଦେବା, ଟ୍ରମ୍ପଙ୍କ ଏକାଧିକ ଟେଲିଫୋନ କଲ୍‌କୁ ମୋଦୀ ଏଡାଇଯିବା, ମାଲେସିଆରେ ଅନୁଷ୍ଠିତ ଶିଖର ସମ୍ମିଳନୀରୁ ଟ୍ରମ୍ପଙ୍କୁ ସାକ୍ଷାତ ନକରି ମୋଦୀ ଚାଲିଆସିବା, ଭାରତ-ପାକିସ୍ଥାନ ଯୁଦ୍ଧ ବିରତି ନେଇ ଟ୍ରମ୍ପଙ୍କ ଦାବିକୁ ଭାରତ ବାରମ୍ବାର ଖଣ୍ଡ କରିବା, ନିକଟରେ ଟ୍ରମ୍ପଙ୍କ ଗାଜା ଶାନ୍ତି ବୋର୍ଡ ଭାରତ ଦୂରେଇ ରହିବା ଆଦି ଘଟଣା ସମ୍ଭବତଃ ଟ୍ରମ୍ପଙ୍କୁ ମୁଣ୍ଡ ନୁଆଁଇବାକୁ ବାଧ୍ୟ କରିଥାଇପାରେ। ତେବେ ସେ ଯାହା ହେଉ ନା କାହିଁକି ଅଚାନକ ଭାରତ ଆମେରିକା ବାଣିଜ୍ୟ ବିବାଦର ଅବସାନ ନେଇ ଦେଶବାସୀଙ୍କ ମଧ୍ୟରେ ଉଙ୍କି ମାରୁଥିବା ସନ୍ଦେହର ଅବସାନ ସରକାର ତୁରନ୍ତ ଘଟାଇବା ଜରୁରୀ। ଏଥିସହ ରୁଷ ଭାରତର ଅତ୍ୟନ୍ତ ବିଶ୍ୱସ୍ତ ବନ୍ଧୁ ରାଷ୍ଟ୍ର ଭାବେ ଦଶନ୍ଧି ଦଶନ୍ଧି ଧରି ରହିଆସିଛି। ଆମେରିକାର ସ୍ୱାର୍ଥ ଯୁଆଡେ ନୀତି ସେଆଡେ ଏହା ଆମେ ଅତୀତରେ ଅଙ୍ଗେ ନିଭାଇଛୁ ଏବେ ଦେଖୁଛୁ। ତେଣୁ ରୁଷରୁ ତୈଳ ଆମଦାନୀକୁ ବନ୍ଦ କରିବା ପୂର୍ବରୁ ଭାରତ ନିଜର ବିବେକକୁ ପଚାରି କାର୍ଯ୍ୟ କରିବାକୁ ହେବ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯

# ସଶକ୍ତ ହେବୁ ତୁ କେତେଦିନେ ?

## ଡ଼.ମନୋଜ କୁମାର ମହାନ୍ତି

ଉଣେଇଶ ଶହ ଅଣଚାଶରୁ ଦୁଇ ହଜାର ଛବିଶ.... ପ୍ରାୟ ସତୋସ୍ତରୀ ବର୍ଷ ଅତିକ୍ରାନ୍ତ ହୋଇସାରିଛି ଏ ଭାରତର ଗଣତନ୍ତ୍ରକୁ। ରାଜତନ୍ତ୍ରରୁ ପରାଧିନ କମ୍ପାନୀ ଶାସନ ଓ ଶେଷରେ ଗଣତନ୍ତ୍ର ବ୍ୟବସ୍ଥା। କିଛିଗୋଷ୍ଠୀ ଗଣତନ୍ତ୍ର ବ୍ୟବସ୍ଥାରେ ବେଶ୍ ଆତ୍ମସନ୍ତୋଷ ଅନୁଭବ କରୁଛନ୍ତି, କିନ୍ତୁ କିଛି ଏବେବି ନିଜ ନାର୍ଯ୍ୟଦାବି ଅପେକ୍ଷାରେ। ଆମ୍ବେଦକରଙ୍କ ହାତତିଆରି ସମ୍ବିଧାନ ଓ ତାର ଭବିଷ୍ୟତକୁ ସାଧାରଣଜନତାଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିବା ଶାସନ ବ୍ୟବସ୍ଥାକୁ ଆଜି ଯେଉଁରୂପରେ ଉପସ୍ଥାପନ କରାଯାଉଛି ତାହା ଏବେବି କିଛି ଗୋଷ୍ଠୀଙ୍କପାଇଁ ଅଭିମାନ,ଅହଙ୍କାର ତଥା ସ୍ୱେଚ୍ଛାଚାରିତା ପାଲଟି ଯାଇଥିବାବେଳେ ଅନ୍ୟଗୋଷ୍ଠୀଙ୍କପାଇଁ ସନ୍ଦେହ ସହ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସନ୍ଦେହ ସୃଷ୍ଟି ସହ ପ୍ରଶ୍ନବାଚୀ ଏକ ସ୍ୱାଭାବିକ ବିଷୟ। ସମ୍ବିଧାନ ଭଳି ଏକ ପବିତ୍ର ମନ୍ଦିରର ନୀତି ନୈତିକତାକୁ କିଛି ସ୍ୱାର୍ଥବାଦୀଗୋଷ୍ଠୀ ଦୀର୍ଘଦିନରୁ ତାର ଦୁରୋପଯୋଗ କରିଚାଲିଛନ୍ତି। ନିଜକୁ ଦଳିତ ଅବହେଳିତ ଘୃଣିତ, ନିଷ୍ପେସିତ, ନିର୍ଯାତିତ ସହ ଆହୁରି କେତେକଣ ଭାବପ୍ରବଣତାର ଶବ୍ଦକୁ ହତିଆର କରି ଏ ଦେଶରେ କେତେ କଣ କରୁଛନ୍ତି ତାର ହିସାବ ଆମ ପାଖରେ ନାହିଁ। ଅଧିକାଂଶ କ୍ଷେତ୍ରରେ ଅଧିକାରର ହେଉଛି ଦୁରପୋଯୋଗ। କେବଳ ସମ୍ବିଧାନିକ ମୌଳିକ ଅଧିକାରର ସମାନତାକୁ ନେଇ ଚାଲିଛି ଦଳୀୟ ରାଜନୀତି। ସ୍ୱାଧୀନତା ପାଇଁ ଲଢ଼େଇ କରିଥିବା ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟଥିଲା ଦେଶର ସ୍ୱତନ୍ତ୍ରତା ସହ ବ୍ୟକ୍ତିର ସ୍ୱାଧୀନତା ଓ ଅଧିକାର। ଜାତି, ବର୍ଣ୍ଣ ଓ ଲିଙ୍ଗଗତ ବୈଶମ୍ୟତାର ଉର୍ଦ୍ଧ୍ୱରେ ଦେଶର ଶାସନ ବ୍ୟବସ୍ଥା। ଦୀର୍ଘଦିନ ଧରି ଉପେକ୍ଷିତ ଅଛୁଆଁ-ଦଳିତ-ଅବହେଳିତ ଗୋଷ୍ଠୀଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ମୌଳିକ ଅଧିକାର ସହ ଦେଶର ଗଣତନ୍ତ୍ରରେ ପ୍ରତିନିଧିତ୍ୱ ଓ ଅନ୍ୟାନ୍ୟ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାକୁ ଭାରତୀୟ ସମ୍ବିଧାନରେ ପ୍ରଣୟନ ଥିଲା ଆମ୍ବେଦକରଙ୍କ ପ୍ରାଥମିକ ବିଚାରଧାରା।

ବିଶ୍ୱ ଇତିହାସରେ ସବୁକ୍ଷେତ୍ରରେ ଜାତି-ବର୍ଣ୍ଣ-ଧର୍ମ ଓ ଲିଙ୍ଗ ଆଧାରରେ ପରିଚାଳିତ ହେଉଛି ଶାସନତନ୍ତ୍ର। ଦଳିତଗୋଷ୍ଠୀର ପୃଷ୍ଠପୋଷକଭାବେ ଆମ୍ବେଦକର ନିଜର ବିଚାରଧାରାକୁ ଚରିତାର୍ଥ କରିବା ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ପ୍ରତିଟି ଉଚ୍ଚସ୍ଥାନରେ ଅଧିଷ୍ଠିତ ତଥା ଦାୟିତ୍ୱ ତୁଲାଉଥିବା ବ୍ୟକ୍ତି ନିଜ ପାରିପାର୍ଶିକ ଅଞ୍ଚଳରେ ଅବସ୍ଥାପିତ ନିଜ ବର୍ଣ୍ଣ ଓ ଧର୍ମର ଲୋକମାନଙ୍କର ସାମାଜିକ ପରିଚୟ ସୃଷ୍ଟି କରିବା ପ୍ରତ୍ୟେକ ନେତୃତ୍ୱର ଏକ ମାନସିକ ଅବସ୍ଥା। ଜାତିଗତ ତଥା ଧର୍ମଗତ ଦୃଷ୍ଟିକୋଣରୁ ପ୍ରତ୍ୟେକ ବ୍ୟକ୍ତିର ଏକ ମାନସିକ ସ୍ୱଭାବ ନିଜ ଧର୍ମ ଓ ଜାତି ସମୁଦାୟର ଉତ୍ଥାନ। ବର୍ଣ୍ଣ ଓ ଧର୍ମର ସାମାଜିକ ବ୍ୟବସ୍ଥା ପଛରେ ମୁଖ୍ୟ କାରଣ ହେଉଛି ଅନ୍ୟକୁ ନିୟନ୍ତ୍ରଣ ଓ ଦମନ କରିବା। ବିଗତଦିନରୁ ଆଜି ପର୍ଯ୍ୟନ୍ତ ଅଧିକାଂଶ ଲଢ଼େଇ ସମାଜର ବର୍ଣ୍ଣ ଓ ଧର୍ମ ବ୍ୟବସ୍ଥାପାଇଁ। ଖଣ୍ଡବିଖଣ୍ଡିତ ଭାରତ ତଥା ବିଶ୍ୱ ପ୍ରଚ୍ଛଦ ପଟରେ ଧାର୍ମିକ ଏବଂ ବର୍ଣ୍ଣଗତ ବିଭାଜନ। ବାରଭାଇଙ୍କ ବାର ଆଖଡ଼ାରୁ ବେଳେ ବେଳେ ଅନୁଭବ ହୁଏ ଏ ଦେଶର ମୂରବୀ କିଏ? ଏ ବିଶ୍ୱର ମୂରିବୀ କିଏ? ବିଶ୍ୱର କୋଣ ଅନୁକୋଣରେ ସମସ୍ତ ଦ୍ୱନ୍ଦ, ହିଂସା, ଆକ୍ରମଣ ଓ ପ୍ରତିଆକ୍ରମଣ ସହ ଜ୍ଞାତହେବା ସମ୍ଭବ ନୁହେଁ । କିନ୍ତୁ ଭାରତ ଭଳି ଦେଶରେ ଆନ୍ତରିକ ଦ୍ୱନ୍ଦ, ଲଢ଼େଇ, ହିଂସା, ପ୍ରତିବାଦ ଦିନକୁଦିନ ବୃଦ୍ଧି ହେବାରେ ଲାଗିଛି। ଗୋଟେପଟେ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ନାରୀଗୋଷ୍ଠୀକୁ ସୁବିଧାସୁଯୋଗ ଯୋଗାଇ ରାଜନୀତିକୁ ଆଗେଇବା ସହ ଶାସନରେ ଅଧିଷ୍ଠିତ ହେବାମୋହରେ ଶାସକ ଦଳ ଅନ୍ଧ, ଅନ୍ୟପଟେ ସାଧାରଣ ବର୍ଗର ଅଧିକାରକୁ ଧୀରେଧିରେ ସଙ୍କୁଚିତ କରାଯାଉଛି। ଆମ୍ବେଦକରଙ୍କ ଦଶବର୍ଷର ସଂରକ୍ଷଣକୁ ରାଜନୈତିକ ଦଳ ଦଶନ୍ଧି ପରେ ଦଶନ୍ଧି ଭୋଟ ହାତେଇବାର ଏକ ଅମୋଘ ଅସ୍ତ୍ର ରୂପେ ବ୍ୟବହାର କରିଚାଲିଛନ୍ତି। ବିଚାରା ସାଧାରଣ ବର୍ଗର ଲୋକଟିର ଭୁଲ୍ କ'ଣ? ସ୍ୱାଧୀନ ଭାରତରେ ତା କଥା କିଏ ପଚାରୁଛି ନା ବୁଝୁଛି। ସମସ୍ତ ଯୋଗ୍ୟତା ଥାଇ ସାଧାରଣ ବର୍ଗର ଛାତ୍ରଟି ସଂରକ୍ଷଣ ରୋଗରେ ଆକ୍ରାନ୍ତ ହୋଇ ସେ ବି ଜାତୀୟ ସ୍ରୋତରେ ସାମିଲ ହୋଇପାରୁନି। ଏହା ଏ ଦେଶର ଗଣତନ୍ତ୍ରର ଦୁର୍ଭାଗ୍ୟ ନା ବିଡମ୍ବନା? ଜଣକୁ ଶକ୍ତରୁ ଅଧିକ ଶସକ୍ତ କରିବାର ପ୍ରୟାସ ଓ ଅନ୍ୟକୁ ଦୁର୍ବଳରୁ ଅଧିକ ଦୁର୍ବଳ ଏହା କେଉଁ ସମ୍ବିଧାନର ନିୟମ? କେଉଁ ସ୍ୱତନ୍ତ୍ରତା ଓ ମୌଳିକ ଅଧିକାର ? ଏଭଳି ମାନସିକତାରୁ ନେତାମନ୍ତ୍ରୀ କେବେ ନିବୃତ୍ତ ରହିବେ? ଗଣତନ୍ତ୍ରରେ କାହିଁକି ଏତେ ପକ୍ଷପାତିତା? କିଛି ଗୋଷ୍ଠୀଙ୍କୁ ଯୋଗ୍ୟ କରିବା ଲକ୍ଷ୍ୟରେ ଅନ୍ୟ ଏକ ଗୋଷ୍ଠୀକୁ ଅଯୋଗ୍ୟ ଓ ଅଲୋଡ଼ା ଏହା କେଉଁ ନ୍ୟାୟରେ ଅନ୍ତର୍ଭୁକ୍ତ? ଗୋଟେପଟେ ନାରୀକୁ ନାରାୟଣୀ, ଦୁର୍ଗତୀନାସିନୀ କହି ସକଳ ଶକ୍ତିର ଆଧାର କରି ନାରୀଜାତିର ମହିମାମଣ୍ଡନ ପୁଣି ନାରୀଟିକୁ ନ୍ୟାୟଦେବା ଉଦ୍ଦେଶ୍ୟରେ ମହିଳା ସଶକ୍ତିକରଣ ସହ ମହିଳା କମିଶନ ଗଠନ। ବେଳେବେଳେ ନାରୀ ସୁରକ୍ଷା ଓ ଥଇଥାନ ଏକ ହାସ୍ୟାସ୍ପଦ କଥାଭଳି ଲାଗେ। ନିକଟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଦ୍ୱାରା ଶିକ୍ଷାକ୍ଷେତ୍ରରେ ନିର୍ଯାତିତ ହେଉଥିବା ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗର କର୍ମରତ ବ୍ୟକ୍ତିମାନେ ଭେଦଭାବର ମାନସିକ ଯନ୍ତ୍ରଣାର ଉପଶମ ପାଇଁ ସଦନରେ ଏକ ବିଲ୍ ପାସ୍ ନିଶ୍ଚିତ ରୂପେ ଏକ ନୂଆ ରାଜନୈତିକ ପଶାଗୋଟି। ଏ ଦେଶରେ ଉନ୍ନୟନ ମୂଳକ ତଥା ସଂରକ୍ଷଣ ବ୍ୟବସ୍ଥା କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟରେ ସୀମିତ ହେବା ପଛରେ ଭୋଟ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ଭଳି ଦେଶରେ ଜାତିଗତ ସମୀକରଣରେ ଶାସକ ଗୋଷ୍ଠୀ ସର୍ବଦା ଚେଷ୍ଟିତ। ମାତ୍ରାଧିକ ଭୋଟ ହାତେଇବା ଗଣିତରେ ଜାତିଗତ ସମୀକରଣର ଏକ ଦୀର୍ଘସ୍ଥାୟୀ ବ୍ୟବସ୍ଥା। ବ୍ୟକ୍ତିର ସ୍ୱାଧୀନତା, ଅଧିକାର, ସମାନତା ଓ ନ୍ୟାୟ ଜାତି ଆଧାରରେ ନିର୍ଦ୍ଧାରିତ ଏହା ବିଗତଦିନରୁ ସ୍ପଷ୍ଟ। ଯଦି ସଂଖ୍ୟାଗତ ଜାତି ଆଧାରରେ ସଂରକ୍ଷଣକୁ ପ୍ରୋତ୍ସାହନ ସହ ଥଇଥାନ କରାଯାଏ ତେବେ ଏ ରାତି ଆଉ ପାହିବନି କାରଣ ଥରେ ମୁହଁରେ ମହୁବେସର ସ୍ୱାଦ ଲାଗିଲେ ତାହା ଏତେ ସହଜରେ ଦୂରେଇ ହେବନି। ସଶକ୍ତି କାହାକୁ କରିବା ଦୂର୍ବଳକୁ ନା ସବଳକୁ । ସଂରକ୍ଷଣ ଆଧାରରେ ଭିନ୍ନଭିନ୍ନ କ୍ଷେତ୍ରରେ ନିଯୁକ୍ତ ବ୍ୟକ୍ତିଟି ଏବେ ଦୂର୍ବଳ ନା ସବଳ? ନିଶ୍ଚିତ ଭାବେ ସବଳ ଏଥିରେ ଦ୍ୱିମତ ନାହିଁ। ଯେଉଁ ଦୁର୍ବଳତାର ପ୍ରତିକାର ପାଇଁ ସଂରକ୍ଷଣ, ତାର କ'ଣ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ କି? ସାମାଜିକ ଓ ଆର୍ଥିକ ସଶକ୍ତସତ୍ତ୍ୱେ ପୁନଶ୍ଚ ନିଜକୁ ଦୁର୍ବଳ ଅନୁଭବ କରିବା ନିହାତି ହାସ୍ୟାସ୍ପଦ। କାହାକୁ କହିବା କିଏ ଶୁଣିବ? ଶୁଣିବା ଲୋକଟି ଶୁଣି ମଧ ନସୁଣିଲା ପରି। ଖଣ୍ଡେ ଭୋଟ ଓ ଗଦୀ ମାଡ଼ିବସି ରାଜୁତି କରୁଥିବା ଲୋକଗୁଡ଼ାକ ପାଇଁ ସଂରକ୍ଷଣ ଏକ ପ୍ରମୁଖ ଅସ୍ତ୍ର ଯାହାର କୌଣସି ବିକଳ୍ପ ନାହିଁ। ସଶକ୍ତ ନାମରେ ରାଜନୀତି କରିକରି ନେତାମନ୍ତ୍ରୀ ଗୁଡ଼ାକ ଅଧିକ ସଶକ୍ତ ହୋଇଗଲେଣି କିନ୍ତୁ ସଶକ୍ତ ଉହାଡରେ ସାଧାରଣବର୍ଗଙ୍କୁ ଅବହେଳିତ ଓ ଦୁର୍ବଳ କରୁନାହାନ୍ତି ତ?

+ଦର୍ଶନ ବିଭାଗୀୟ ମୁଖ୍ୟ
ବି. ଏନ. ଏମ. ଏ
ମହାବିଦ୍ୟାଳୟ
ଭଦ୍ରକ,
ମୋ: ୮୮୯୫୩୪୧୦୩୩

# ବାଲେଶ୍ୱର କ'ଣ ତିରିଶ ଜିଲ୍ଲା ଭିତରେ ନୁହେଁ ?



## ସୁବ୍ରତ କର

ସାରା ଓଡ଼ିଶାବାସୀ କହିବେ ବାଲେଶ୍ୱର ସବୁଠାରୁ ପୁରାତନ ସହର । ବାଲେଶ୍ୱର ଜିଲ୍ଲା ପରିଚୟ ପାଇଲା ୧୮୩୨ ମସିହାରେ । ପ୍ରଥମ କଲେକ୍ଟର ବାଲେଶ୍ୱର ବାରବାଟି ଠାରେ ଅଫିସ୍ ଆରମ୍ଭ କରିଥିଲେ । ସେ ସମୟରେ ରାଜ୍ୟରେ କଟକ, ପୁରୀ ଏବଂ ବାଲେଶ୍ୱରକୁ ଜିଲ୍ଲା ହିସାବରେ ସରକାରୀ ସ୍ୱୀକୃତି ମିଳିଥିଲା । ଏବେକାର ଓଡ଼ିଶା ଅନ୍ୟ ସବୁ ଜିଲ୍ଲା ପ୍ରାୟ ରଜା ରାଜୁଡ଼ାଙ୍କ ଦ୍ୱାରା ଶାସିତ ହେଉଥିଲା। ସେହି ହିସାବରେ ବାଲେଶ୍ୱର ମୁନିସିପାଲଟି ମଧ୍ୟ ଅତି ପୁରୁଣା ଏବଂ ଏହା ୧୫୦ ବର୍ଷର ପୁରୁଣା ସହରକୁ ୩୧ଟି ୱାର୍ଡରେ ବିଭକ୍ତ କରାହୋଇଛି । ଏତେ ସବୁ ଐତିହାସିକ ହିସାବ ଥାଇ ମଧ୍ୟ ବାଲେଶ୍ୱର ମ୍ୟୁନିସିପାଲିଟକୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ରାସ୍ତାର ଗର୍ତ୍ତ, ଡ୍ରେନ୍ ଭାଙ୍ଗିବା ନେଇ ମାତ୍ର ୪୯.୭୯ ଲକ୍ଷ ଟଙ୍କା ମିଳିଛି । ଏହା ମଞ୍ଜୁରୀ ନଗର ଉନ୍ନୟନ ବିକାଶ ତରଫରୁ ମିଳିଛି। ଲଜ୍ୟାର କଥା ଏବେ ଏବେ ହୋଇଥିବା ରେମୁଣା ଏନ୍.ଏ.ସିକୁ ୧ କୋଟି ଟଙ୍କା, କୁଚିଣ୍ଡା ଏନ୍.ଏ.ସି କୁ ୮ କୋଟି ଟଙ୍କା, ଖୋର୍ଦ୍ଧା ମୁନିସିପାଲିଟିକୁ ୭ କୋଟି ଟଙ୍କା ଅନୁଦାନ ମଞ୍ଜୁର କରାହୋଇଛି ବିଭାଗ ତରଫରୁ। ବାଲେଶ୍ୱର ସହର ବାସୀଙ୍କ ଯୁକ୍ତି ହେଉଛି । ଏହି ମଞ୍ଜୁରୀ କେଉଁ ହିସାବରେ କରାହେଲା ଏବଂ ସରକାର ସବୁ କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲା ହେଉ ୩ ସହରକୁ ଅଣଦେଖା କରିବାରୁ ଉଦ୍ଦେଶ୍ୟ କଣ? ଅନେକ ସହରବାସୀ କହୁଛନ୍ତି ଏହା ଉଦ୍ଦେଶ୍ୟମୂଳକ ଏବଂ ଜାଣି ଜାଣି ବାଲେଶ୍ୱର ସହର ବାସୀଙ୍କୁ ହଇରାଣ ହରକତ୍ କରିବାର ଏକ ବାଟ । ନୂଆ ସରକାର ଜାଣି ଶୁଣି ସବୁ କ୍ଷେତ୍ରରେ ବାଲେଶ୍ୱରକୁ ୨୯ତମ ଜିଲ୍ଲା କରିବାକୁ ଚାହୁଁଛନ୍ତି । ସରକାରଙ୍କ ମୁଖିଆ ଯେଉଁ ଯେଉଁ ଜିଲ୍ଲାକୁ ଯାଉଛନ୍ତି ବା ଯାଇଛନ୍ତି ସବୁଠି କୋଟି କୋଟି ଟଙ୍କା ସରକାରଙ୍କ ତହବିଲରୁ ଦେଇ ପାରୁଛନ୍ତି କିନ୍ତୁ ବାଲେଶ୍ୱର ବେଳେ ପଛାଇ ଯିବାର କାରଣ କଣ? ସେମିତି କହିବାକୁ ଗଲେ ଗୋଟାଏ ସମୟରେ ସାରା ରାଜ୍ୟରେ ୩ ନଂ ସ୍ଥାନ ପାଇଥିବା ଜିଲ୍ଲାକୁ ଏବଂ ଜିଲ୍ଲାବାସୀଙ୍କୁ କିଛି ତ ମର୍ଯ୍ୟାଦା ଦିଆ ହେବା କଥା। ସବୁଠୁ ବଡ଼ ଦୁଃଖର କଥା ହେଲା ସରକାରୀ ମୁଖ୍ୟ ଏ ପର୍ଯ୍ୟନ୍ତ ଥରେ ହେଲେ ବି ସରକାରୀ କାର୍ଯ୍ୟକ୍ରମ ନେଇ ଜିଲ୍ଲାକୁ ଆସି ନାହାନ୍ତି ଏବଂ ସରକାରୀ ସ୍ତରରେ ସେମିତି କିଛି ଅନୁଦାନ ଦେଇ ନାହାନ୍ତି । ବାଲେଶ୍ୱର ବାସି ନିଶ୍ଚିତ ଭାବରେ ଅପେକ୍ଷା କରିବେ ତାଙ୍କର ଆଗମନକୁ ଏବେ ଆଶା କରିବେ ବାଲେଶ୍ୱର ଜିଲ୍ଲା ତା'ର ପୂର୍ବ ଗୌରବ ଫେରି ପାଉ । ଆଉ ଗୋଟାଏ ଦୁଃଖ କଥା ହେଲା ବାଲେଶ୍ୱର ଜନସାଧାରଣଙ୍କୁ ଏ ଗୁଡ଼ିକ ବାଧୁଛି କିନ୍ତୁ ବଛା ହୋଇଥିବା ନେତାମାନଙ୍କୁ ଏ ଗୁଡ଼ାକ ନଜରକୁ ଆସୁନାହିଁ କେମିତି ବା ବାଧୁନାହିଁ କାହିଁକି?




# ମଣିଷ ଚିହ୍ନିବ କିପରି !

## ଅମରନାଥ ବାରିକ୍



ଉଚ୍ଚାରଣ କହେ ମଣିଷ କିପରି
ଥିଲେ କି ନ ଥିଲେ ପାଠ ପଢି
ଆଚରଣ କହେ ଚରିତ୍ର କିପରି
ନୁହେଁ ପୋଷାକ କି ଜୋତା ଘଡି ।

ଉତ୍ତମ ସଂସ୍କାର ପରିଚୟ ଦିଏ
ନୁହେଁ ବଙ୍ଗଳା କି କୋଠା ବାଡି
ମଧୁର ବଚନ ସନ୍ତୁଷ୍ଟି କାରଣ
ଛାଡ଼ିଲେ କି ହେବ ବାଘ ରଡ଼ି ।

ଧନ ଥିଲେ କିବା ବୋଲାଇବ ଧନୀ
ସାହାଯ୍ୟ ସହାନୁଭୂତି ଛାଡ଼ି
ଗେରୁଆ ପିନ୍ଧିଲେ ସାଧୁ କି ହୋଇବ
ନଥିଲେ ଚରିତ୍ରବତ୍ତା ଲୋଡ଼ି ।

ଜ୍ଞାନୀଗୁଣି ହେବୁ ସଂସାରେ ଜାଣିଥା
ପଢୁଥିଲେ ଗୀତା ଦୁଇ ଧାଡ଼ି
ହାତ ନୁହେଁ ଶୋଭା ସୁନା ରୂପା ପିନ୍ଧି
ନଜାଣିଲେ ପୂଜାର୍ଚ୍ଚନା ବାଢ଼ି ।

ଜୀବନ ଜନମ ହୋଇବ ସାର୍ଥକ
ଭକ୍ତି ମାର୍ଗେ ଯାଉଥିଲେ ମାଡ଼ି
ଛନ୍ଦା ଚରଣରେ ଶରଣ ପଶିଲେ
ଆତ୍ମା ଯିବ ବୈକୁଣ୍ଠକୁ ଚଢ଼ି ।

+ଗ୍ରା/ପୋ-କୟାଁ,
ଥା-ମଙ୍ଗଳପୁର, ଜି-ଯାଜପୁର
ପିନ୍ ନମ୍ବର - ୭୫୫୦୧୧
ମୋ:୯୫୪୦୩୦୮୦୯୫

# ପ୍ରେମାନୁଭୁତି

## ସିଦ୍ଧେଶ୍ୱର ତ୍ରିପାଠୀ

ଯେବେ ଟିକିଏ ମୁଁ ପ୍ରେମ ଖୋଜୁଥିଲି
ସେବେଳର ସ୍ୱପ୍ନ ଦେଖି
କିଛି ଶବଦରେ ଶବଦ ଲଗେଇ
ଦେଲି ମୁଁ କବିତା ଲେଖି ।

ତୁମକୁ ପାଇଲି ପ୍ରେମକୁ ଭୋଗିଲି
ମାଟିରେ ନଥିଲା ପାଦ
ସବୁ ଲାଗୁଥିଲା ଫଗୁଣ ଫଗୁଣ
ଝରିଲା ମିଳନ ପଦ ।

ଅଧାବାଟେ ତୁମେ ହାତ ଛାଡିଦେଲ
ମୋତେ କରିଗଲ ଏକା
ସେବେଠୁ ମୋ ଲେଖା ପ୍ରତି ପାହୁଣ୍ଡ ରେ
କହିବୁଲେ ଧୋକା ଧୋକା ।

ଖୋଜିବା ପାଇବା ପାଇ ହରାଇବା
ଏଇ ବୋଧେ ପ୍ରେମ ଥିଲା
ସେଥିପାଇଁ ରାତି ନିତି କୁହୁଳାଏ
ବିରହରେ ଦିନ ଗଲା ।

+କୁଣ୍ଡିଲୋ, ଖୋର୍ଦ୍ଧା

# ଅବ୍ୟକ୍ତ ମୋହ



ଜୟଶ୍ରୀ ପଟ୍ଟନାୟକ



ଶିବାନୀ! ତୁମକୁ ଆଜି ସବୁକଥା ଖୋଲିକି କହିବାକୁ ହେବ। କେତେଦିନ ଆଉ ଅପେକ୍ଷା କରିବ ବାପା ମା'ଙ୍କର ନିଷ୍ପତିକୁ। ତୁମେ ତ ପାଠ ପଢିଛ, ଚାକିରି କରିଛ, ଘରେ ବି ତ ଆମ ଭଲପାଇବା କଥା ଜାଣିଛନ୍ତି ପୁଣି କୋଉ କଥା ପାଇଁ ଅମଙ୍ଗ ସେମାନେ? ମୁଁ ତ ଚାକିରି କରୁଛି ସୁଦୂର କଳାହାଣ୍ଡିରୁ ବଦଳି ହୋଇ ଆସି ଭୁବନେଶ୍ୱରରେ ଚାକିରି କରିଲି। ଘର ଭଡ଼ା ନେଇ ରହିଲି। ଆମେ ଚଳିବା ପାଇଁ ରୋଷେଇଠାରୁ ଘରେ ଆବଶ୍ୟକ ପଡୁଥିବା ଯାବତୀୟ ଜିନିଷ ପତ୍ର କରିଲି। ବ୍ରାହ୍ମଣ ଘର ହୋଇବି ଘରେ ତୁମ ପ୍ରସ୍ତାବରେ ସମସ୍ତଙ୍କୁ ରାଜି କରେଇଲି। ତୁମ ଘର ଲୋକେ ଆମ ପ୍ରସ୍ତବରେ ଯଦି ରାଜି ନ ହେବେ ତେବେ ଆମ ସମ୍ପର୍କ, ଭଲ ପାଇବାକୁ କଣ ଅଧୁରା କାହାଣୀ କହି ଭୁଲିଯିବା। ସାରା ଜୀବନ ତୁମେ ମୋତେ ମୁଁ ତୁମକୁ ପାଖରେ ନ ପାଇବାର ବିରହରେ ନୂଆ ଜୀବନ ଗଢ଼ି ପାରିବା। ଯୋଉ ମୁହୂର୍ତ୍ତ ମାନ ଏକାଠି ସାଙ୍ଗ ହୋଇ ବିତାଇଥିଲେ ତାହା ଭୁଲିପାରିବା? କୁହ ଜବାବ ଦିଅ। ନିରବ ରହିଲେ ମୁଁ ଜାଣିବି ଯେ ତୁମେ ବାପା ମା'ଙ୍କ କଥାକୁ କାଟି ପାରିବନି। ତୁମ ମନ ଭିତରେ ଯାହା ଅଛି ତାକୁ ବ୍ୟକ୍ତ କର ଅନ୍ତତଃ ମୁଁ ଜାଣିବାକୁ ଚାହେଁ ଆମ ସମ୍ପର୍କ ଆଗକୁ ବଢିବ କି ଏଇଠୁ ଶେଷ ହୋଇଯିବ। ବୟସ ହେଲାଣି ବୋଲି ଆମ ଘରେ ବ୍ୟସ୍ତ ହେଲେଣି। ମୋ ପରେ ସାନ ଭଉଣୀ ଅଛି ତା କଥା ପୁଣି ବୁଝିବାକୁ ହେବ। ଜୀବନର ପ୍ରତ୍ୟେକ କଥା ସମୟ ସହିତ ତାଳ ଦେଇ କରିବାକୁ ହୁଏ। ପାଠ ହେଉ ଚାକିରି ବାହାଘର କି ସନ୍ତାନ। ପ୍ରତ୍ୟେକ ମଣିଷର କିଛି ଦାୟିତ୍ୱ ଥାଏ ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ମନ ଚାହେଁ। ଆମେ ବି ସେହି ଦାୟିତ୍ୱରେ ବନ୍ଧା। ଦାୟିତ୍ୱ ମୁକ୍ତ କଲେ ଘର ଲୋକ ଶାନ୍ତିରେ ସମୟ କାଟିବେ।

କିଛି କହି ପାରୁ ନ ଥୁଲା ଶିବାନୀ କାହା କଥାରେ ସମ୍ମତି ଜଣାଇବ ଏପଟେ ବାପା ମା ସେପଟେ ଭଲ ପାଇବା। ସେଦିନ ଘରେ କଥା ପଡୁ ପଡୁ ବାପା ମା କିଛି ନ କହିବା ଆଗରୁ ବିବାହିତ ବଡ଼ ଭଉଣୀ କହିଦେଲା ତୁ ପଛକେ ଛୋଟ ଚାକିରି କରୁଥିବା ପୁଅକୁ ବାହା ହେ କିନ୍ତୁ ନିଜ ଜାତିର ସ୍ୱାଭିମାନ ରଖେ। ନିଜ ଜାତିରେ କଣ ପିଲା ନାହାନ୍ତି ଯେ ଉଚ୍ଚ ଜାତିରେ ବାହା ହେବୁ? ତୁ ପରା ଓ ଏ ଭି ରେ ଶିକ୍ଷକତା କରୁଛୁ, ତୋତେ କଣ ପ୍ରସ୍ତାବ ମିଳିବନି? ଶିବାନୀ ଯୁକ୍ତି କରିଥିଲା ଶିବାଶିଷ ଜଣେ ଆସିଷ୍ଟାଣ୍ଟ ଡ଼ାଇରେକ୍ଟର ଜଣେ ରିସର୍ଚ୍ଚ ଫେଲୋ ତା ଛଡା ଭଲ ପାଇବାରେ ଉଚ୍ଚ ନୀଚ ଜାତି ଭେଦ ଏସବୁର ପ୍ରଶ୍ନ କାହିଁକି ଉଠୁଛି। ବାହାଘର ପାଇଁ ସମ୍ମତି କେବଳ ଲୋଡ଼ିଥିଲା ଶିବାନୀ। କାଠ ଗଡ଼ାରେ ଛିଡା ହୋଇ ଭଲ ପାଇବା ପାଇଁ ପଚାରୁଥିବା ପ୍ରଶ୍ନ ମାନଙ୍କର ଉତ୍ତର ଦେବା ପାଇଁ ନୁହେଁ। ଦୁନିଆରେ କିଏ ଭଲ ପାଉନି ଯେ? ବାପାଙ୍କ ଆଡେ ଚାହିଁଲା ଶିବାନୀ ବାପା କାଳେ କିଛି ହୁଁ କି ଚୁଁ କହିବେ ବୋଲି। ବୋଉ କାଳେ ବାପାଙ୍କୁ ବୁଝେଇ ରାଜି କରେଇବ ବୋଲି। ହେଲେ ସେମିତି କିଛି ଘଟିଲାନି ସେଦିନ। ଶିବାଶିଷ ସେପଟେ ଅପେକ୍ଷା କରିଛି ଶିବାନୀର ଉତ୍ତରକୁ। ଗୋଟିଏ ସପ୍ତାହର ସମୟ ମାଗିଛି। ଶିବାଶିଷ ବହୁତ ସିଧା ସାଧା ପିଲା। କୁଟିଳ ଜଟିଳ ମନ ନୁହେଁ ତାର। ସାଧାରଣ ଘରର ପୁଅ। ଭୁବନେଶ୍ୱରରେ ଚାକିରି। ବଦଳିର ପ୍ରଶ୍ନ ନାହିଁ।କହିଥିଲା ତୁମକୁ ସମ୍ବଲପୁରରୁ ବଦଳି କରି ଭୁବନେଶ୍ୱର କିମ୍ବା ତା ଆଖ ପାଖ ଓ ଏଭିକୁ ନେଇ ଆସିବି, ଖୁସିରେ ରଖିବି। ହଜିଯାଉଥିଲା ଶିବାନୀ କିଛି ସମୟ ଗୋଟେ ଅବ୍ୟକ୍ତ ମୋହରେ। ପଞ୍ଜୁରୀ ଭିତରେ ଶୁଆଟିକୁ ଦେଖି ଭାବୁଥିଲା ଖାଦ୍ୟ, ପାନୀୟ ସବୁ ଦେଲା ପରେ ବି ଶୁଆଟି ପିଞ୍ଜରା ବନ୍ଧ ହୋଇ ଯାହା ଯିଏ ଶିଖାଉଛି ତାକୁ କହୁଚି। ହେଲେ ସ୍ୱାଧୀନତା ହରେଇ ପିଞ୍ଜରାରେ ନିଜକୁ ଆବଦ୍ଧ କରି ରଖିଛି। ନିଜ ଇଚ୍ଛା ମୁତାବକ ଜୀବନ ଜିଇଁ ପାରୁଛି ନା ଉନ୍ମୁକ୍ତ ଆକାଶରେ ଉଡ଼ି ପାରୁଛି। ଦେଖ ଶିବାନୀ! ଜୀବନ ତୁମର, ନିଷ୍ପତ୍ତି ତୁମର ସପ୍ତାହକ ଭିତରେ ତୁମ ନିଷ୍ପତ୍ତି ଜଣାଇଲେ ମୁଁ ପ୍ରସ୍ତୁତ ହେବି ନଚେତ ଆମ ଭଲ ପାଇବାରେ ବିଶ୍ୱାସ ଓ ଭରସା ନ ଥିଲା ବୋଲି ଭାବିନେବି। ଏହା ତୁମପାଇଁ ପରୀକ୍ଷାର ସମୟ ନୁହେଁ ବରଂ ଭାବି ଚିନ୍ତି ଭବିଷ୍ୟତ ଗଢିବାର କଥା। ତୁମ ଜୀବନ ତୁମର। ତୁମେ କଷ୍ଟରେ ରହିଲେ କେହି ତୁମକୁ ପଚାରିବେନି କଣ ହୋଇଛି ବୋଲି କି ବିରହରେ ଲୁହ ଢାଳିଲେ କେହି ବୁଝେଇ ଦେବେନି ମନକୁ। ଆମେ ଗଢ଼ିଥିବା ରାସ୍ତାରେ ଆମେ ହିଁ ପଥଚାରୀ। ଯଦି ରାସ୍ତା ଠିକ ଅଛି ଚାଲିବାରେ ଅସୁବିଧା ନାହିଁ। ଏ ରାସ୍ତା ଆମର ଭଲ ପାଇବାର। ଦୁଇ ଜଣଙ୍କର ଏକା ନିଷ୍ପତ୍ତିର ରାସ୍ତା। ଏ ରାସ୍ତା ଆମକୁ ଚାଲିବାକୁ ହେବ ବାସ ହାତରେ ହାତଟିଏ ରଖି ଆଗକୁ ଚାଲିବାରେ। ତୁମ ନିଷ୍ପତ୍ତିକୁ ମୁଁ ଅପେକ୍ଷା କରିଛି। ଯାଅ ଭାବ ସାଙ୍ଗ ସାଥୀଙ୍କ ସହ ଆଲୋଚନା କର ଏବଂ ମୋତେ ଜଣାଅ। ସପ୍ତାହକ ପରେ କିଛି ଆଉ ଭାବି ନ ଥିଲା ଶିବାନୀ ନା ବାପା ନା ଭଉଣୀ ନା ପରିବାର ନିଜ ଭଲ ପାଇବାକୁ ସ୍ୱୀକୃତି ଦେବାପାଇଁ ଫୋନ କରିଥିଲା ଶିବାଶିଷକୁ। ତୁମେ ପ୍ରସ୍ତୁତ କର ମୁଁ ଆସୁଚି। କେମିତି ଗୋଟିଏ ଅବ୍ୟକ୍ତ ମୋହରେ ହସି ଉଠୁଥିଲା ଶିବାଶିଷ। ହୃଦୟର ଡାକ ସତେ କେତେ ଆପଣାର ଏଇୟା ଭାବିକି।

# କୁକୁର



ସନ୍ତୋଷ ମିଶ୍ର



ଥରେ ରାମେଶ୍ୱର ରୋଗୀ ଦେଖିବା ପାଇଁ ଦୂରବର୍ତ୍ତୀ ଏକ ଗାଁକୁ ଯାଇଥିଲେ। ସେଠାରେ ଅଚାନକ ଗୋଟିଏ କଳା କୁକୁର ପହଞ୍ଚି ତାଙ୍କ ଗୋଡ଼ରେ ଘଷି ହେଲା, ପାଦ ଚାଟିଲା। ଅପଲକ ଆଖିରେ ଚାହିଁ ଭୁକିଲା। ତାପରେ ତାଙ୍କ ପାଦ ପାଖରେ ବସି ରହିଲା।

ରାମେଶ୍ୱର ଘଟଣାଟା ଉପରେ ଏତେ ଗୁରୁତ୍ୱ ଦେଇ ନଥିଲେ। ରୋଗୀ ଦେଖି ସାରିବା ପରେ ଘରକୁ ବାହାରିଲେ। ଦେଖିଲେ କୁକୁରଟି ତାଙ୍କ ପଛେ ପଛେ ଆସୁଚି। ସେ କିଛି ନକହି ମୋଟର ସାଇକେଲ ଷ୍ଟାର୍ଟ କରି ଘରକୁ ପଳାଇ ଆସିଲେ।

ଘରେ ପହଞ୍ଚିବାର କିଛି ସମୟ ପରେ କୁକୁର ଭୁକିବାର ଶବ୍ଦ ଶୁଣି ରାମେଶ୍ୱର ବାହାରକୁ ଆସି ଦେଖିଲେ ସେଇ କଳା କୁକୁର। କୁକୁରଟି ଭୁକି ସାରି ତାଙ୍କୁ କିଛି ସମୟ ଚାହିଁ ଲାଙ୍ଗୁଡ ହଲେଇଲା। ପାଖକୁ ଆସି ତାଙ୍କ ଗୋଡ଼ ପାଖରେ ଶୋଇ ପଡ଼ିଲା। ସେ ଯେମିତି ରାମେଶ୍ୱରଙ୍କୁ କହିବାକୁ ଚେଷ୍ଟା କରୁଥିଲା - ମୋତେ ଛାଡ଼ି କେମିତି ଚାଲି ଆସିଲ। ଏଥର ମୁଁ ତୁମକୁ ଛାଡ଼ି କୁଆଡେ ଯିବିନି। ସବୁବେଳେ ତମ ପାଖେପାଖେ ରହିବି। ରାତିରେ ଘର ଜଗିବି। କେହି ସନ୍ଦିଗ୍ଧ ବ୍ୟକ୍ତିକୁ ଦେଖିଲେ ଭୁକି ଭୁକି ତମକୁ ନିଦରୁ ଉଠାଇ ଦେବି। ଆଜିଠାରୁ ସମସ୍ତ ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରି ତମେ ନିଶ୍ଚିନ୍ତରେ ରୁହ।

କଳା ମଚମଚ କୁକୁରଟିକୁ ଦେଖି ରାମେଶ୍ୱରଙ୍କ ମନରେ ମାୟା ଜାଗିଲା। କୁକୁରଟି ତାଙ୍କୁ ଅନ୍ତରଙ୍ଗ ଭଳି ଲାଗିଲା। ଯେମିତି ବହୁ ବର୍ଷର ଚିହ୍ନା ପରିଚୟ, ନିବିଡ ସମ୍ପର୍କ। ଅତି ଶ୍ରଦ୍ଧାରେ ସେ ତାର ନାମ ରଖିଲେ ଲକି। ତାପରେ ଲକି ତାଙ୍କ ଘରେ ଖାଇପିଇ ବେଶ୍ ଆରାମରେ ରହିବାକୁ ଲାଗିଲା।

ରାମେଶ୍ୱର ଲଞ୍ଚ୍ ସମୟରେ ଆସିଲେ ଲକିକୁ ଖାଇବାକୁ ଦିଅନ୍ତି। ଯୋଉ ଦିନ ଆସି ନପାରନ୍ତି। ଲକି ନଖାଇ ଅପେକ୍ଷା କରି ରହିଥାଏ। ପହଞ୍ଚିଲା ମାତ୍ରେ ଭୁକିଭୁକି ସମସ୍ତଙ୍କୁ ଯେମିତି କହିଦିଏ - ଆଉ ଡେରି କରନା। ଖାଇବା ଆସ।

ରାମେଶ୍ୱର ଡାଇନିଂ ଟେବୁଲରେ ଖାଆନ୍ତି। ଲକି ଅଳ୍ପ ଦୂରରେ ଲାଙ୍ଗୁଡ ହଲେଇ ହଲେଇ ପତରରେ ଖାଉଥାଏ।

କାହିଁକି କେଜାଣି ଲକିକୁ ଖାଉଥିବାର ଦେଖିଲେ, ରାମେଶ୍ୱରଙ୍କର ବାପାଙ୍କ ସହିତ ଖାଇବା କଥା ମନେ ପଡେ।

ବାପା ତ ୧୦ ବର୍ଷ ହେଲା ଆରପାରିକୁ ଗଲେଣି। କୋଉଠି ଜନ୍ମ ହୋଇ ରହିଥିବେ କେଜାଣି!!

ଥରେ ଚିକିତ୍ସା ପାଇଁ ଗାଁରୁ ନିଧି ମହାରଣା ଆସିଥିଲେ। ସେ ଜଣେ ପ୍ରଖ୍ୟାତ ଜ୍ୟୋତିଷ। ଭୂତ ଭବିଷ୍ୟତ ସବୁ ତାଙ୍କ ନଖ ଦର୍ପଣରେ।

ମହାରଣାଙ୍କୁ ଦେଖି ନିହାତି ପରିଚିତ ଲୋକ ଭଳି ଭୁକିଭୁକି ଲାଙ୍ଗୁଡ ହଲାଉ ଥାଏ ଲକି। କିଛି ସମୟ ଲକିକୁ ନିରୀକ୍ଷଣ କରି ସ୍ତବ୍ଧ ହୋଇ ବସି ପଡ଼ିଲେ ମହାରଣା। ହଠାତ୍ ତାଙ୍କ ପାଟିରୁ ବାହାରି ପଡ଼ିଲା - ନନା ନମସ୍କାର !

ପାଖର ଛିଡା ହୋଇଥିବା ରାମେଶ୍ୱର ଆଶ୍ଚର୍ଯ୍ୟ ହୋଇ କହିଲେ - ତମେ ଗୋଟେ କୁକୁରକୁ ନନା ବୋଲି ସମ୍ବୋଧନ କରି ନମସ୍କାର କରୁଚ କାହିଁକି।

ମହାରଣା ଗମ୍ଭୀର ହୋଇ କହିଲେ - ଏବେ ସିନା କୁକୁର। ହେଲେ ପୂର୍ବ ଜନ୍ମରେ ଇଏ ତମ ବାପା ଥିଲେ। ମୁଁ ତାଙ୍କୁ ଆଦରରେ ନନା ବୋଲି ଡାକୁଥିଲି। ସେ ମୋତେ ସାନ ଭାଇ ଭଳି ଭଲ ପାଉଥିଲେ।

ରାମେଶ୍ୱର ଲକ୍ଷ୍ୟ କଲେ - ଲକି ଆଖିରୁ ଧାର ଧାର ଲୁହ ବହି ଯାଉଚି।

ମହାରଣା ଲକିକୁ ଚାହିଁ କହିଲେ - ନନା,ପୂର୍ବ ଜନ୍ମରେ ବହୁ କଷ୍ଟ ସ୍ୱୀକାର କରି ପୁଅକୁ ଡାକ୍ତର କଲ। ଏ ଜନ୍ମରେ କୁକୁର ହୋଇ ପୁଅର ଘର ଜଗୁଚ। ଧନ୍ୟ କହିବ ତମର ପୁତ୍ର ସ୍ନେହକୁ!!

ଲକି ଚୁପ୍ ଚାପ୍ ଛିଡା ହୋଇ ଲାଙ୍ଗୁଡ ହଲାଉ ଥାଏ।

କିଛି ସମୟ ପରେ ମହାରଣା ଯିବାକୁ ବାହାରିଲେ। ଲକିକୁ ଲକ୍ଷ କରି କହିଲେ - ନନା, ଯାଉଚି। ପୁଣି କେବେ ଆସିଲେ ଦେଖା ହେବ।

ହଠାତ୍ ଲକି ଦୌଡ଼ି ଯାଇ ଦୁଆର ମୁହଁ ସାମ୍ନାରେ ଶୋଇ ପଡ଼ିଲା। ଆଗ ଗୋଡ଼ ମୁହଁ ପାଖରେ ରଖି ବାରମ୍ବାର ଭୁକିବାକୁ ଲାଗିଲା। ଯେମିତି ମହାରଣାଙ୍କ ଉଦ୍ଦେଶ୍ୟରେ ସେ କହିବାକୁ ଚାହୁଁଥିଲା - ନା, ତୁମେ ନଖାଇ କୁଆଡେ ଯାଇ ପାରିବନି।

ମହାରଣା କହିଲେ - ହଉ ନନା ତମ କଥା ମାନୁଚି। ଖାଇସାରି ଯିବି। ବ୍ୟସ୍ତ ହୁଅନା। ତମର ସେ ପୁରୁଣା ଆଦତ୍ ଏବେବି ରହିଚି। ଘରକୁ ଯିଏ ଆସିଲେ ନଖୋଇ ତମେ ଛାଡନି। ତମ ଭଳି ଲୋକ ଆଜିକାଲି ଆଉ ନାହାନ୍ତି। ପଶୁ ଜନ୍ମ ପାଇ ସୁଦ୍ଧା ତମେ ମଣିଷର ପ୍ରକୃତି ଭୁଲିନ।

ଖାଇପିଇ ମହାରଣା ଗଲାବେଳେ ଲକିକୁ କହିଲେ - ନନା ଏଥର ଖୁସି ତ । ଆସୁଚି। ନମସ୍କାର!

ମହାରଣା ଗଲା ପରେ ଚିତ୍କାର କରି କହିଲେ ରାମେଶ୍ୱର - ଶଳା, ମୂର୍ଖ ଜ୍ୟୋତିଷ। କୁକୁରଟାକୁ ମୋ ବାପ ବନେଇ ଚାଲିଗଲା। ଆଉ ଥରେ ଆସିଲେ ଶଳାର ଜିଭ କାଟିଦେବି।

କିଛିଦିନ ଅନ୍ତେ ରାମେଶ୍ୱରଙ୍କ ଘରେ ମାଆ ପହଞ୍ଚିଲେ। ଶାରୀରିକ ଅସୁସ୍ଥତା ହେତୁ ଚିକିତ୍ସା ପାଇଁ।

ମାଆଙ୍କୁ ଦେଖି ବିଗିଡ଼ିଗଲେ ରାମେଶ୍ୱର। କହିଲେ - କଣ ଏମିତି ଟିକେ ଦେହ ଖରାପ ହେଲେ ଏଠାକୁ ଦୌଡ଼ି ଆସୁଛୁ। ଉଦଳାରେ କଣ କେହି ଡାକ୍ତର ନାହାନ୍ତି।

ମାଆ କହିଲେ - ସେଠି ତ ସବୁ ପଇସା ଦିଆ ନହେଲେ କୋଟା ଡାକ୍ତର। ରୋଗୀର ଆୟୁଷ ଥିଲେ ବି ସେମାନେ ମାରିଦେବେ। ମୁଁ କଣ ଆୟୁଷ ଥାଉଁଥାଉଁ ମରିବି।

- କଣ ଏମିତି ଗପୁଚୁ....ପଇସା ଦିଆ/ କୋଟା ଡାକ୍ତର.... ମୁଁ କିଛି ବୁଝି ପାରୁନି।

- ଉଭୟେ ଅଯୋଗ୍ୟ। ବାପାମାଆଙ୍କ ଅର୍ଥ ବଳରେ ପ୍ରାଇଭେଟ୍ ମେଡିକାଲରେ ନାମକୁ ମାତ୍ର ପାଠ ପଢ଼ି ସାର୍ଟିଫିକେଟ ହାତେଇ ଆଜି ସରକାରୀ ଡାକ୍ତର। ଆଉ କେତେକ ଜାତି ଭିତ୍ତିକ କୋଟା ବଳରେ ସରକାରୀ ଡାକ୍ତର। ସେମାନଙ୍କର ଅପାରଗତା, ଅଜ୍ଞତା ଯୋଗୁ ବହୁ ରୋଗୀ ଅକାଳରେ ମୃତ୍ୟୁ ମୁଖରେ ପଡୁଛନ୍ତି। ତୁ ପଇସା ଦିଆ କିମ୍ବା କୋଟା ଡାକ୍ତର ନୋହୁଁ। ତାଛଡା ତୁ ମୋ ପୁଅ। ସେଥିପାଇଁ ମୁଁ ଏଠାକୁ ଆସିଚି।

ମାଆଙ୍କୁ ଦେଖି ଲକି ବହୁତ୍ ଖୁସି। ଲାଙ୍ଗୁଡ୍ ହଲେଇ ହଲେଇ ବାରମ୍ବାର ଭୁକିଭୁକି ଯେମିତି କହୁଥିଲା - ତମେ ମୋତେ ଚିହ୍ନି ପାରୁଚ କି। ତମେ ତ ମଣିଷ। ମୁଁ ପଶୁ। କୁକୁର। କେମିତି ଚିହ୍ନିବ।ତାପରେ ସେ ଉପରକୁ ଅନାଇ କାନ୍ଦିବାକୁ ଲାଗିଲା। ଆଖିରୁ ଧାରଧାର ଲୁହ ବହିଗଲା। ମାଆ କିଛି ବୁଝି ନପାରି ଭାବୁଥିଲେ - ହଠାତ୍ କୁକୁରଟା କାନ୍ଦୁଚି କାହିଁକି। ତାପରେ ଅତି ସ୍ନେହରେ ସେ ତାର ପିଠି ଆଉଁସି ଦେଲେ। ଲକି କୃତକୃତ୍ୟ ଅନୁଭବ କରି ତାଙ୍କ ପାଦ ପାଖରେ ବସି ମୁହଁକୁ ତାଙ୍କ କୋଳରେ ଘଷିବାକୁ ଲାଗିଲା।

ଦିନକର ଘଟଣା। ସେଦିନ ଥାଏ ରବିବାର। କିଛି କଟା ମାଛ ବଜାରରୁ ଆଣି ସ୍ତ୍ରୀକୁ ଡାକି ରାମେଶ୍ୱର କହିଲେ - ମୁଁ ଡାକ୍ତରଖାନା ଯାଉଚି। ଆଜି ଗୋଟେ ରୋଗୀର ଅପରେସନ ହେବାର ଅଛି। ଦୁଇଟା ବେଳକୁ ଫେରିବି। ଭାତ, ଡାଲି, ଭଜା ମାଛ। ବାସ୍। ଆମେ ତ ଦୁଇ ଜଣ। ମାଆ ପାଇଁ ଟିକେ ସାଧା ତରକାରୀ ବନେଇ ଦେବ।

ଦୁଇଟା ବେଳକୁ ଆସି ରାମେଶ୍ୱର ଦେଖିଲେ କଟା ମାଛ ସେମିତି ଥୁଆ ହୋଇଛି। ସ୍ତ୍ରୀ ଶୋଇବା ଘରେ କୁନ୍ଥଉଚି। ରାମେଶ୍ୱର ପଚାରିଲେ - ଆଜି କଣ ଉପବାସ। ସ୍ତ୍ରୀ କହିଲା - ମୁଁ କଣ କରିବି। ଦେହ ଅସୁସ୍ଥ। ମାଆଙ୍କୁ କହିଲି। ସେ କିଛି ଶୁଣିଲେନି।

କଣ କରାଯିବ ! ପେଟରେ ଭୋକର ଜ୍ୱାଳା। ରାମେଶ୍ୱର ପାଖ ରୁମକୁ ଯାଇ ଦେଖିଲେ - ମାଆ ଶୋଇଚି। ଦୁଆର ମୁହଁରେ ଲକି ଶୋଇଚି। ରାମେଶ୍ୱର ଚିତ୍କାର କରି କହିଲେ - ମା ' ରାନ୍ଧା ବଢ଼ା କେତେବେଳେ ହେବ। ଜାଣିଚୁ ବୋହୂ ଦେହ ଖରାପ ଅଛି। ତୁ ଚୁପ୍ ଚାପ୍ ଶୋଇଚୁ କେମିତି। ଉଠ, ଶୀଘ୍ର ଉଠ। ମାଆ ଆଖି ଖୋଲି ଚାହିଁଲେ। ହଠାତ୍ କିଛି ବୁଝି ନପାରି ପଚାରିଲେ - କଣ ହେଲା।

ଭାତ ତରକାରୀ ରାନ୍ଧିବୁ ଚାଲ୍। ମାଛ ପଚିଯିବାକୁ ବସିଲାଣି। ତୁ ଶୋଇଚୁ।

- ମୋ ଦେହ ପରା ଖରାପ। ନହେଲେ ମୁଁ ଏଠାକୁ ଆସି ଥାଆନ୍ତି କାହିଁକି। ମୁଁ ତ ମାଛ ଛୁଏଁନି। ରାନ୍ଧିବି କେମିତି।

- ମୁଁ ଏତେ କଥା ଜାଣେନି।

ଏତିକି କହି ମାଆର ଚୁଟି ଧରି ଖଟ ତଳକୁ ଘୋଷାରି ଆଣିଲେ ରାମେଶ୍ୱର। ଲକି ଖୁବ୍ ଜୋରରେ ଭୁକି ଉଠିଲା। ରାମେଶ୍ୱର ସେ ଆଡ଼କୁ ନିଘା ନକରି ସେମିତି ମାଆକୁ ରୋଷେଇ ଘର ଆଡ଼କୁ ଘୋଷାରି ନେଇ ଯାଉଥାନ୍ତି। ମାଆ ମୁଣ୍ଡରୁ ଉପୁଡ଼ି ଯାଇଥିବା କିଛି ରକ୍ତବୋଳା ଚୁଟି ରାମେଶ୍ୱରଙ୍କ ହାତରେ ରହି ଯାଇଥିଲା।

ଲକି ଖୁବ୍ ଜୋରରେ ଭୁକିଭୁକି ପ୍ରତିବାଦ କରୁଥିଲା - ରେ ଚଣ୍ଡାଳ ! ତୁ ଏ କଣ କରୁଚୁ। ତତେ ଧର୍ମ ଛାଡ଼ିଲାଣି କି। ତାପରେ ସେ ରାମେଶ୍ୱର ଆଡ଼କୁ ଦୌଡ଼ି ଯାଉଥିବା ସମୟରେ ରାମେଶ୍ୱର ଅଣାୟତ୍ତ କ୍ରୋଧରେ ଲକିକୁ ପ୍ରଚଣ୍ଡ ପଦାଘାତ କରି କହିଲା - ଶଳା ! ବାପ ପଣିଆ ଦେଖେଇ ହଉଚୁ। ନେ ବୁଢ଼ୀର ଚୁଟିଖା।

ଖଣ୍ଡେ ଦୂରରେ ଛିଟିକି ହୋଇ ପଡ଼ିଥାଏ ଲକି। ଯନ୍ତ୍ରଣାରେ କୁଁ କୁଁ ହେଉଥାଏ। ରାମେଶ୍ୱର ଦୌଡ଼ି ଯାଇ ରୋଷେଇ ଘରୁ ସବୁତକ କଞ୍ଚା ମାଛ ଆଣି ଲକି ଉପରେ ଢାଳି ଦେଇ କହିଲେ - ଶଳା ! ବାପ ହେଇ ଆସିଚୁ ପରା ! ନେ ସବୁ ମାଛ ଖା। ତାପରେ ଲକିକୁ ଗୋଇଣ୍ଠା ପରେ ଗୋଇଣ୍ଠା ମାରି ଚାଲିଲେ.... ।


+ଉଦଳା,ମୟୂରଭଞ୍ଜ
ମୋ: ୯୪୩୯୨୯୫୦୦୯


# ଅହଂକାର

ମନୋଜ କୁମାର ବେହେରା



ବ୍ୟକ୍ତିତ୍ୱର ବିକାଶର ସବୁଠୁ ବଡ ଅବରୋଧ ହେଲା ଅହଂକାର । ମନୁଷ୍ୟ ସ୍ୱଭାବରେ ମରତ୍ତ୍ୱକାଂକ୍ଷୀ ଅଟେ । ସେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢିବାକୁ ଚାହିଁଥାଏ । ସମ୍ମାନ, ପ୍ରତିଷ୍ଠା ଆଉ ସଫଳତାର ଉଚ୍ଚକୁ ଛୁଇଁବାର ଆକାଂକ୍ଷା ରଖିଥାଏ । ଏହି ଆକାଂକ୍ଷା ନା' ତ ଭୂଲ୍ ଅଟେ ନା' ହିଁ ଅନୁଚିତ। କିନ୍ତୁ ଯେତେବେଳେ ଏହି ଆକାଂକ୍ଷା ଅହଂକାର ରୂପ ନେଇଥାଏ, ସେତେବେଳେ ଏହା ଉନ୍ନତିର ମାର୍ଗରେ ସବୁଠୁ ବଡ ବାଧା ପାଲଟିଯାଏ । ଅହଂକାର ଏମିତି ତତ୍ତ୍ୱ ଅଟେ, ଯିଏ ମନୁଷ୍ୟକୁ ଭିତରେ ଭିତରେ ଖୋଳପା କରିଦିଏ । ଆଉ ବାହାରେ ତାକୁ ଶକ୍ତିଶାଳୀ ହେବାର ଭ୍ରମ ଦେଇଥାଏ । ବାସ୍ତବରେ ଏହି ଭ୍ରମ ତା'ର ପତନର କାରଣ ହୋଇଥାଏ । ଜୀବନ-ବିକାଶର ଇତିହାସ ସାକ୍ଷୀ ଅଟେ କି ଯିଏ ଅହଂକାରକୁ ଆପଣେଇଲା ସେ ଶୀଘ୍ର କିମ୍ବା ଡେରିରେ ତଳକୁ ପଡିଥାଏ ଆଉ ଯିଏ ବିନମ୍ରତାକୁ ଆପଣାଏ, ସେ ସ୍ଥାୟୀ



ସମ୍ମାନ ଆଉ ଯଶ ପ୍ରାପ୍ତ କରିଥାଏ। ଅହଂକାରକୁ ଜଣେ ବିଚାରକ ଆଲପିନ୍‌ର ଉପମା ଦେଇଛନ୍ତି । ଆଲପିନ୍‌କୁ କାଗଜରେ ପ୍ରବେଶ କରାଯାଏ, କିନ୍ତୁ ତା'ର ବଡ ମୁଣ୍ଡ ତାକୁ ଆଗକୁ ବଢିବାରେ ଅଟକେଇ ଦେଇଥାଏ । ଠିକ୍ ସେହି ସ୍ଥିତି ଅହଂକାରୀ ବ୍ୟକ୍ତିର ହୋଇଥାଏ । ସେ କିଛି ସୀମା ପର୍ଯ୍ୟନ୍ତ ଆଗକୁ ବଢିଥାଏ,କିନ୍ତୁ ତାହାର ଅହଂ ତାକୁ ଆଗକୁ ଯିବାକୁ ଦିଏ ନାହିଁ । ଅହଂକାର ମନୁଷ୍ୟର ବୁଦ୍ଧିକୁ ସୀମିତ କରିଦିଏ, ତାହାର ଦୃଷ୍ଟିକୁ ସଂକୀର୍ଣ୍ଣ କରିଦିଏ ଆଉ ତାକୁ ଆତ୍ମମୁଗ୍ଧତାର ଅନ୍ଧକାରରେ ଠେଲି ଦେଇଥାଏ । ଏହାର ବିପରୀତ ଯେଉଁ ବ୍ୟକ୍ତି ମାନ-ଅଭିମାନ ଠାରୁ ଦୂରରେ ରହିଥାଏ, ସେ ଶାନ୍ତ ଭାବରେ ନିରନ୍ତର ଆଗକୁ ବଢି ଚାଲିଥାଏ । ଜୈନ ଆଗମ ଗ୍ରନ୍ଥ ଭଗବତୀ ଆରାଧନାରେ କୁହାଯାଇଛି କି 'ନିରଭିମାନୀ ମନୁଷ୍ୟ ଜନ-ଜନକୁ ପ୍ରିୟ ଲାଗିଥାଏ ଆଉ ସେହି ଜ୍ଞାନ, ଯଶ ତଥା ଧନ ପ୍ରାପ୍ତ କରି ନିଜର କାର୍ଯ୍ୟକୁ ସିଦ୍ଧ କରିଥାଏ' । ଏହି କଥା କେବଳ ଧାର୍ମିକ ଉପଦେଶ ନୁହେଁ, ଏହା ଜୀବନର ବ୍ୟାବହାରିକ ସତ୍ୟ ଅଟେ । ଅହଂକାର କେବଳ ଦୋଷ ନୁହେଁ, ଏହା ଅନେକ କଷାୟର ମୂଳ ଅଟେ । ବିଶେଷ ରୂପରେ କ୍ରୋଧର ଜନ୍ମ ଅହଂକାରରୁ ହିଁ ହୋଇଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟର ଭିତରେ 'ମୁଁ'ର ଭାବନା ପ୍ରବଳ ରହିଥାଏ, ସେପର୍ଯ୍ୟନ୍ତ ଛୋଟ-ଛୋଟ କଥାର ଉପରେ କ୍ଷତ ଲାଗିଥାଏ । ପ୍ରତ୍ୟେକ କଥା ତାକୁ ନିଜର ଅସ୍ତିତ୍ୱ ଉପରେ ଆଘାତ ଭଳି ଲାଗିଥାଏ । ଗୋଟିଏ ରୋଚକ କଥାରେ ଫୁଟବଲ୍‌କୁ ପଚରାଗଲା ଦୁନିଆ ତୁମକୁ ପଦାଘାତ କାହିଁକି କରିଥାଏ । ଫୁଟବଲ୍ ଉତ୍ତର ଦେଲାକି ତା'ର ଭିତରେ ଅହଂକାରର ପବନ ଭରିକି ଅଛି ଆଉ ସେହି ପବନ ତାକୁ ପଦାଘାତରେ ଖେଳେଇ ଥାଏ। ଯେତେବେଳେ ସେହି ପବନ ବାହାରି ଯାଏ, ସେତେବେଳେ ସେହି ଫୁଟବଲ୍ ଗୋଡରେ ପଦାଘାତ କରିବା ବଦଳରେ ହାତରେ ଉଠା ଯାଇଥାଏ । ଏହି କଥା ଗଭୀର ଜୀବନ ସତ୍ୟକୁ ପ୍ରକଟ କରିଥାଏ। ଅହଂକାର ଯେପର୍ଯ୍ୟନ୍ତ ଭିତରେ ଭରି ରହିଥାଏ, ସେପର୍ଯ୍ୟନ୍ତ ମନୁଷ୍ୟକୁ ସମାଜର ପଦାଘାତ ଖାଇବାକୁ ପଡଥାଏ ।


+ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

# ସିଏମ ଟ୍ରଫି କବାଡି ପ୍ରତିଯୋଗିତା ନିମନ୍ତେ ଚୟନ ପ୍ରକ୍ରିୟା ଆରମ୍ଭ

ନୂଆପଡା, ୮/୨ (ନି.ପ୍ର): ନୂଆପଡା ସ୍ଥିତ ପି ଏମ ଶ୍ରୀ ନେସନାଲ ଉଚ୍ଚ ବିଦ୍ୟାଳୟରେ ସି ଏମ ଟ୍ରଫି କବାଡି ପ୍ରତିଯୋଗୀତା ନିମନ୍ତେ ଚୟନ ପ୍ରକ୍ରିୟା ଆଜି ଆରମ୍ଭ ହୋଇଯାଇଛି । ଉକ୍ତ ଚୟନ ପ୍ରକ୍ରିୟାରେ ଜିଲ୍ଲାର ସମସ୍ତ ବ୍ଲକରୁ ଏବଂ ସମସ୍ତ ବିଜ୍ଞାପିତ ଅଂଚଳ ପରିଷଦରୁ ବାଳକ ବିଭାଗରେ ୨୦୫ ଜଣ ଓ ବାଳିକା ବିଭାଗରେ ୯୪ ଜଣ କବାଡି ଖେଳାଳୀ ଅଂଶଗ୍ରହଣ କରିଥିଲେ । ନେସନାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଖେଳ ଇଣ୍ଡିଆ କବାଡି ସେଂଟରରେ ଏହି ଚୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଜିଲ୍ଲାର ବିଶିଷ୍ଟ କ୍ରୀଡାବିତ୍ ତଥା ଜିଲ୍ଲା କ୍ରିକେଟ ଏସୋସିଏସନ ର ସମ୍ପାଦକ ତଥା ଓସିଏର ଉପସଭାପତି ଭୈରବ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ନେସନାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ, ସମାଜସେବି ଯାଜ୍ଞସେନି ମହାପାତ୍ର, ପ୍ରତିଭା ହୋତା ପ୍ରମୁଖ ଯୋଗ ଦେଇଥିଲେ । ମହତାବ ଆଡଜୁଆଡ଼, ମୋହନ କୁମାର ମହନ୍ତ, ଅନିଲ ରାଉତ, ସୁରୁବାବୁ ପ୍ରଧାନ, ଭରତ ପ୍ରଧାନ, ନିରୁପମା ପଟେଲ, କୁମକ୍ଷରୀ ରିଙ୍କି ଦଣ୍ଡସେନା, ଚମନଲାଲ ରାଉତ ଇତ୍ୟାଦି ସମସ୍ତ ଖେଳ ଶିକ୍ଷକ ମାନେ ଚୟନ ପ୍ରକ୍ରିୟାକୁ ସୁଚାରୁରୂପେ କାର୍ଯ୍ୟକାରୀ କରିଥିଲେ । ଆଜିର ଏହି ଚୟନ ପ୍ରକ୍ରିୟାରୁ ୧୬ ବର୍ଷରୁ କମ ବାଳକ ବିଭାଗରେ ୧୦ ଗୋଟି ଦଳ ଓ ୧୬ ବର୍ଷରୁ କମ ବାଳିକା ବିଭାଗରେ ୬ ଗୋଟି ଦଳ ଚୟନ କରାଯିବ ଏବଂ ଏହି ଦଳ ମକ୍ଷନେ ଆଗାମୀ ଫାଇନାଲରେ ହେବାକୁ ଥିବା ସି ଏମ ଟ୍ରଫି କବାଡି ପ୍ରତିଯୋଗୀତାରେ ଭାଗ ନେବେ । ପ୍ରକାଶ ଥାଉକି, ଏହି ଜିଲ୍ଲାର କବାଡ଼ି ଖେଳଳୀ ମାନେ ପ୍ରତି ବର୍ଷ ଓଡିଶା ରାଜ୍ୟକୁ ପ୍ରତିନିଧିତ୍ୱ କରି ଜାତୀୟ ସ୍ତରରେ ଭାଗ ନେଉଛନ୍ତି କ୍ଷ ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ପ୍ରକାଶ କରିଛନ୍ତି ଯେ, ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଠିକ ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ଚଳିତ ସି ଏମ ଟ୍ରଫି କବାଡିରେ ଉଚ୍ଚତର ଖେଳ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଏମାନେ ନିଶ୍ଚୟ ପ୍ରଶଂସା ଆଣିବେ । ଜିଲ୍ଲାର ସମସ୍ତ ବରିଷ୍ଠ କ୍ରୀଡାବିତ୍ ଓ ଆୟୋଜକ ମାନେ ଖେଳାଳୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆଜି ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଜିଲ୍ଲାର ସମସ୍ତ ରେଜିଷ୍ଟ୍ରୀଭୁକ୍ତ ଖୋ ଖୋ, ଫୁଟବଲ ଓ ଭଲିବଲ୍ ଖେଳାଳୀ ମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ, ଅଳ୍ପ ଦିନ ମଧ୍ୟରେ ଅନ୍ୟ ତିନି ଗୋଟି ଖେଳର ଚୟନ ପ୍ରକ୍ରିୟା ଆରମ୍ଭ ହେବ । ସେଥିପାଇଁ ରେଜିଷ୍ଟ୍ରିଭୁକ୍ତ ଖେଳାଳୀ ମାନେ ପ୍ରସ୍ତୁତ ରହିବାକୁ ସେ ଅନୁରୋଧ କରିଛନ୍ତି ।

# ଜିଲ୍ଲାପାଳଙ୍କ ଜଳସେଚନ ବିଭାଗ (ମଧ୍ୟମ) କାର୍ଯ୍ୟାବଳୀର ମାସିକ ସମୀକ୍ଷା ବୈଠକ

ନୂଆପଡ଼ା, ୮/୨ (ନି.ପ୍ର): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜଳସେଚନ ବିଭାଗ (ମଧ୍ୟମ ଜଳସେଚନ ପ୍ରକଳ୍ପ)ର କାର୍ଯ୍ୟାବଳୀର ମାସିକ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ରୋହିତ ଅଗ୍ରୱାଲ କାର୍ଯ୍ୟ ଖସଡା ଓ ସଫଳତାର ବିବରଣୀ ଉପସ୍ଥାପନା କରିଥିଲେ । ସର୍ବ ପ୍ରଥମେ, ନୂଆପଡ଼ା ଜିଲ୍ଲାର ସଫଳ ରବି ଜଳସେଚନ ବିଷୟରେ ସମ୍ୟକ ଭାବେ ଆଲୋଚନା କରାଯାଇଥିଲା । ବିଭାଗ ଦ୍ୱାରା ଖରିଫ୍ ଋତୁରେ ୨୨୬୨୫ ଏବଂ ରବିରେ ୬୯୭୪ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଛି । ଏହାଦ୍ୱାରା ୧୧୮ ଟି ଗ୍ରାମର ଚାଷୀ ୫୨ ଟି ପାଣି ପଂଚାୟତ ଦ୍ୱାରା ଉପକୃତ ହେଉଛନ୍ତି । ଜିଲ୍ଲାପାଳଙ୍କ ପୂର୍ବ ସମୀକ୍ଷା ବୈଠକରେ ୩ ଗୋଟି ସର୍ଭିସ ରୋଡ଼, ୫ ଗୋଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟ, ସାଇପଲା ନଦୀବନ୍ଧର ଉନ୍ନତିକରଣ, ୬ ଗୋଟି ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ଲାଇନିଙ୍ଗ, ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା କ୍ଷ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଗୁଣବତାକୁ ବଜାୟରଖି ସମୟସୀମା ମଧ୍ୟରେ ଶୀଘ୍ର ସମ୍ପାଦନ କରିବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ, ସେଥିମଧ୍ୟରୁ ୧ ଗୋଟି ସର୍ଭିସ ରୋଡ଼ କାମ ସମାପ୍ତ ହୋଇ ସାରିଛି ଅନ୍ୟ ଦୁଇ ଗୋଟି ସର୍ଭିସ ରୋଡ଼ ୭୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି । କେନାଲ ଲାଇନିଙ୍ଗ, ମରାମତି ଓ ରକ୍ଷଣା ବେକ୍ଷଣ କାର୍ଯ୍ୟ ୯୦ ପ୍ରତିଶତ ହୋଇ ସାରିଛି । ବଳକା କାର୍ଯ୍ୟଗୁଡ଼ିକୁ ମଧ୍ୟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୪ ଗୋଟି କାର୍ଯ୍ୟର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ବର୍ତ୍ତମାନ, ଏହି କାର୍ଯ୍ୟର ଡି ପି ଆର୍ ଓ ଖର୍ଚ୍ଚ ଆକଳନ ପାଇଁ ଉକ୍ତ ସ୍ଥାନଗୁଡ଼ିକର ସର୍ଭେ କାର୍ଯ୍ୟ ଜାରୀ ରହିଛି । ଏହା ସରିଲା ପରେ, ଉକ୍ତ ପ୍ରକଳ୍ପ ଗୁଡ଼ିକ ପ୍ରାୟତଃ ଜୁନ ମାସରେ ଆରମ୍ଭ ହେବାର ସମ୍ଭାବନା ଅଛି । ଏହି ବୈଠକରେ ନୂଆପଡ଼ା ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟ ରଞ୍ଜନ ନାୟକ, ସହକାରୀ ଯନ୍ତ୍ରୀ ଜ୍ୟୋତିର୍ମୟୀ ଦାସ, ବିଘ୍ନେଶ୍ୱର ପ୍ରଧାନ, ସୁଶାନ୍ତ କିସାନ୍ , ସୌରଭ ରଞ୍ଜନ ପରିଡ଼ା, ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍କୁଟିକୁ ଧକ୍କା ଦେଲା ପିକଅପ: ଜଣେ ଆହତ

କୋରେଇ, ୮/୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଟାଙ୍କି ଡ଼ାଇଭର୍ସନ ନିକଟରେ ଏକ ପିକଅପଭ୍ୟାନ ଧକ୍କାରେ ଜଣେ ସ୍କୁଟି ଆରୋହୀ ଆହତ ହୋଇଛନ୍ତି । ପ୍ରକାଶଯେ ଶୁକ୍ରବାର ବିଳମ୍ବିତ ରାତ୍ରୀରେ ଯାଜପୁର ଟାଉନ ଥାନା ଅନ୍ତର୍ଗତ ଅର୍ଥଙ୍ଗା ଗ୍ରାମର ଦିବାକର ମଲ୍ଲିକ(୫୮) ଏକ ସ୍କୁଟିରେ ପାଣିକୋଇଲି ପଟ୍ଟୁ ଯାଉଥିବା ବେଳେ ପଛପଟୁ ଏକ ଦ୍ରୁତଗାମୀ ପିକଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଦିବାକର ଆହତ ହୋଇଥିଲେ । ଖବର ପାଇ ସ୍ଥାନୀୟ ଜନସାଧାରଣ ଘଟଣାସ୍ଥଳରେ ପହଂଚି ତାଙ୍କୁ ନିକଟସ୍ଥ ଏକ ବେସରକାରୀ ଡ଼ାକ୍ତରଖାନାରେ ଚିକିତ୍ସିତ କରାଇଥିଲେ ।

# ଉଦ୍‌ଯାପିତ ହେଲା ସ୍ରଷ୍ଟାର ରାଜ୍ୟ ସ୍ତରୀୟ ବାର୍ଷିକ ନାଟକ ମହୋତ୍ସବ

## ଅଷ୍ଟମ ତଥା ଶେଷ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ଭିନ୍ନ ଏକ ସିଦ୍ଧାନ୍ତ'

ବାଲେଶ୍ୱର, ୮/୨ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟାନୁଷ୍ଠାନ ସ୍ରଷ୍ଟାର ୪୮ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଅଷ୍ଟମ ତଥା ଶେଷ କାର୍ଯ୍ୟ ଉଦଯାପିତ ହୋଇ ଯାଇଛି । ଏଇ ସନ୍ଧ୍ୟାଟି ସଂସ୍କୃତି ପ୍ରେମୀ ,ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ବିଜୟ କୁମାର ଗିରିଙ୍କୁ ଉତ୍ସର୍ଗ କରାଯାଇଥିଲା । ପ୍ରଯୋଜନା କରିଥିଲେ ତାଙ୍କର ପୁତ୍ର ଓ ପୁତ୍ର ବଧୂ ଡାକ୍ତର ଅମିତାଭ ଗିରି ଓ ଡାକ୍ତର ମଧୁବାଳା ଗିରି । ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି , ଡି .ଆର. ଡି.ଓ.ର ଅସିଷ୍ଟାଣ୍ଟ ଡାଇରେକ୍ଟର ଶ୍ରୀ ନୀଳାଦ୍ରି ରାଏ ଓ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଏଲାୟେଜର ସଭାପତି ଶ୍ରୀ ରାଜୀବ ମହାପାତ୍ର ଓ ନାଟକ ନିର୍ଦ୍ଦେଶକ ଶ୍ରୀ ସଂଗ୍ରାମ କେଶରୀ ମହାନ୍ତି ଅଧୁନା ନାଟକ ଦେଖିବା ପାଇଁ ଦର୍ଶକ ଙ୍କ ଆଗ୍ରହ କମି ଯାଉଛି ଓ ତାକୁ କିପରି ଆହୁରି ଲୋକାଭିମୁଖୀ କରିବା ପାଇଁ ଭଲ ନାଟକ ମଞ୍ଚସ୍ଥ କରିବାର ଆବଶ୍ୟକତା ଅଛି, ଯାହାକି ବର୍ତ୍ତମାନ ସମୟରେ ଏଇ ନାଟକ ମାଧ୍ୟମରେ କିପରି ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସମାଜକୁ ସୁନ୍ଦର ବାର୍ତ୍ତା ପ୍ରଦାନ ପୂର୍ବକ ସମାଜକୁ ପରିବର୍ତ୍ତନର ଉତ୍ତମ ମାର୍ଗ ଦେଖାଇବ ବୋଲି ମତ ବ୍ୟକ୍ତ କରିଥିଲେ । ସ୍ରଷ୍ଟା ର ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ପୌରୋହିତ୍ୟ କରିଥିଲେ ଓ ଅନୁଷ୍ଠାନର ସଭାପତି ଶ୍ରୀ ଆଲୋକ କୁମାର ସାହୁ ପ୍ରାକ୍ କଥନ ରଖି ଥିଲା ବେଳେ ସ୍ରଷ୍ଟାର ସଦସ୍ୟ ବ୍ରହ୍ମ ନାଥ ରଥ ମଞ୍ଚ ପରିଚାଳନା କରି କରିଥିଲେ । ସାହିତ୍ୟିକ, ନାଟ୍ୟକାର ପୀତାମ୍ବର ଦାସ ଶେଷ କଥନ ସହ ଧନ୍ୟବାଦ ଦେଇଥିଲେ । ପରେ ସ୍ରଷ୍ଟାର ନିଜସ୍ୱ ନାଟକ' ଭିନ୍ନ ଏକ ସିଦ୍ଧାନ୍ତ' ନାଟ୍ୟା ନୁଷ୍ଠନର କଳାକାର ଙ୍କ ଦ୍ୱାରା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ଲିଖିତ ନିର୍ଦ୍ଦେଶନାଓ ଗୌରୀ ଶଙ୍କର ସାହାଣିଙ୍କ ସହନିର୍ଦ୍ଦେଶନା ତଥା ନାଟ୍ୟକାର ସୁଶାନ୍ତ କୁମାର ଦାସ ଙ୍କ ସଙ୍ଗୀତ ନିର୍ଦ୍ଦେଶନା ରେ ମଞ୍ଚସ୍ଥ ହୋଇଥିଲା । ' ମୁମ୍ବାଇର ଜଣେ ଶିଳ୍ପପତି ଙ୍କ ସ୍ତ୍ରୀ ରାଜନୀତି କରନ୍ତି ।



ଯଶ ଓ କ୍ଷମତା ଲୋଭରେ ବଂଶର ଦାୟଦ ପାଇଁ ପୁତ୍ର ଟିଏ ଜନ୍ମ ଦେବାକୁ ତାଙ୍କ ପାଖରେ ସମୟ ନଥାଏ । ଶିଳ୍ପପତି ତାଙ୍କର ଜଣେ ଖ୍ୟାତି ସମ୍ପନ୍ନ ଡାକ୍ତର ଦ୍ୱାରା ନିଜ ଔରସରୁ ଅନ୍ୟ ଜଣେ ନାରୀ ଗର୍ଭରୁ ବଂଶ ରକ୍ଷା ପାଇଁ ପୁତ୍ର ଟିଏ ଜନ୍ମ ଦେବାକୁ ଚାହାନ୍ତି ।ଡାକ୍ତରଙ୍କ ପିଲା ଦିନର ବନ୍ଧୁ ଇଞ୍ଜିନିୟର ଦମ୍ପତି ଚାକିରି ଆଶାରେ ଆସି ଡ଼ାକ୍ତରଙ୍କୁ ଅନୁରୋଧ କରନ୍ତି । ଡାକ୍ତର ଶିଳ୍ପପତି ଙ୍କ ପାଖରେ ଚାକିରି ଯୋଗାଡ କରି ଦିଅନ୍ତି । ଶିଳ୍ପପତି କିଛି ଧନ ସଂପତ୍ତି ଇଞ୍ଜିନିୟର ଙ୍କୁ ପ୍ରଦାନ କରି ତାଙ୍କ ସ୍ତ୍ରୀ ଗର୍ଭରୁ ବଂଶ ରକ୍ଷା ପାଇଁ ଉଘଇ ରୋପଣ କରି ପୁତ୍ର ଟିଏ ଚାହାନ୍ତି । ଡାକ୍ତର ତାଙ୍କୁ ଏ ଦିଗରେ ସବୁ ଚେଷ୍ଟା କରି ସଫଳ ହୁଅନ୍ତି ।ମାତ୍ର ପୁତ୍ର ବଦଳରେ ଝିଅଟିଏ ଜନ୍ମ ଦେଇ ଇଞ୍ଜିନିୟରଙ୍କ ସ୍ତ୍ରୀ ମୃତ୍ୟୁ ବରଣ କରନ୍ତି । ମାତ୍ର ଝିଅ ଟିଏ ବଂଶର ଦାୟାଦ ହୋଇ ପାରିବନି ବୋଲି ଶିଳ୍ପପତି ଦମ୍ପତି ଗ୍ରହଣ କରନ୍ତି ନାହିଁ । ଇଞ୍ଜିନିୟର ପାଳି ପୋଷି ବଡ଼ କରନ୍ତି କନ୍ୟାଟିକୁ ।କନ୍ୟା ପାଠ ପଢ଼ି,ଗୀତ,ନାଚ,କ୍ରିକେଟ ଖେଳି ଯେତେବେଳେ ସାରା ସମାଜରେ ଖ୍ୟାତି ଲାଭ କରେ, ସେତେବେଳେ ଶିଳ୍ପ ପତି ଦମ୍ପତି କନ୍ୟା ଟି ତାଙ୍କରବୋଲି ଦାବି କରି ଇଞ୍ଜନୀୟର ଠାରୁ ନେଇ ଯିବାକୁ ଚାହାନ୍ତି,ମାତ୍ର ସେ କନ୍ୟା କୁ ତାଙ୍କୁ ଫେରାଇଦେବାକୁ ରାଜି ହୁଅନ୍ତି ନାହିଁ । ଶିକ୍ଷିତା କନ୍ୟାଟି ଆସ୍ତେ ଆସ୍ତେ ସବୁ ଜାଣିପାରେ ତା ଜନ୍ମ ବୃତ୍ତାନ୍ତ ର ପ୍ରକୃତ ରହସ୍ୟା ତା ପରେ ସେ ସିଦ୍ଧାନ୍ତ ନିଏ ସେ କେଉଁ ବାପର ଝିଅ ହୋଇ ପରିଚିତ ନ ହୋଇ ଜନ୍ମିତ ମାଆର ପରିଚୟରେ ସମାଜରେ ତିଷ୍ଠିବାକୁ ।' ଏମିତି ଏକ କାହାଣୀ କୁ ନାଟକ' ଭିନ୍ନ ଏକ ସିଦ୍ଧାନ୍ତ '। ରତିକାନ୍ତ ମଲିକ, ପ୍ରସନ କୁମାର ଦାସ,ବିଶ୍ୱଜିତ୍ ମହାପାତ୍ର, ଦିବାକର ମହାନ୍ତି,ପୁଷ୍ପିତା ପାଢ଼ୀ,ସ୍ୱାତୀ ପଣ୍ଡା ଙ୍କ ନିଖୁଣ ଅଭିନୟ ଦର୍ଶକ ମହଲରେ ମନମୁଗ୍ଧ କର ପରିବେଶ ସୃଷ୍ଟି କରି ଏକ ଅପୂର୍ବ ଆଲୋଡନ ସୃଷ୍ଟି କରିଥିଲା । ସ୍ରଷ୍ଟା ର ଶ୍ରୀ ଦିବାକର ମହାନ୍ତି, ଗୌରୀ ଶଙ୍କର ସାହାଣୀ,ସମ ରାଇ କର, ସଂଗ୍ରାମ ମହାନ୍ତି, ରାମ ଚନ୍ଦ୍ର ମହାପାତ୍ର,ସରୋଜ ରାଉତ, ରତିକାନ୍ତ ମଲିକ, ମଦନ ମୋହନ ସାହୁ, ଅଜିତ ପଣ୍ଡା, ପୁଷ୍ପିତା ପାଢ଼ୀ, ଗିରିଜା ଶଙ୍କର କର, ପ୍ରଦୀପ ସତପଥି, ରଶ୍ମି ରଞ୍ଜନ ଦାସ,ବିଶ୍ୱଜିତ୍ ମହାପାତ୍ର, ମନୋରଞ୍ଜନ ଦାସ, ସ୍ୱାଗତିକା ବାରିକ, ସ୍ୱାତୀ ଶ୍ମିତା ଦାସ ସୁମନା ପରିଡ଼ା, ସ୍ୱାତୀ ପଣ୍ଡା,ଋତୁରାଜ ବାରିକ,ସୌର ଜିତ୍ ସାହୁ,ଅନୁଭା ଶତପଥୀ ,ସନ୍ତୋଷ କମିଳା ପ୍ରମୁଖ ସଦସ୍ୟ କାର୍ଯକ୍ରମକୁ ସୁପରିଚାଳନା କରିଥିଲେ ।

# ବିଦ୍ୟାଳୟ ସ୍ତରୀୟ ପରିଭ୍ରମଣ କାର୍ଯ୍ୟକ୍ରମ

ମାଲକାନଗିରି, ୮/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଉପାନ୍ତ ମାଥିଲି ବ୍ଲକ ଟେମୁରୁପାଲି ପଂଚାୟତ ଅନ୍ତର୍ଗତ କୁକୁରକୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟ ପରିଭ୍ରମଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା । ସାଲିମି ପଂଚାୟତ ଅନ୍ତର୍ଗତ ଚାମୁଣ୍ଡାରାଣି ନିକଟରେ ଥିବା ଏକାଗୋଡ଼ି ଜଳପ୍ରପାତ ପରିଭ୍ରମଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବାଲ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ମାନଙ୍କ ସହ କେତେକ ଅବିଭାବକ ଉପସ୍ଥିତଥିଲେ । ଏହି ଅବସରରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ନକୁଳ ଚନ୍ଦ୍ର ବିଶ୍ୱାଳ ଛାତ୍ରଛାତ୍ରୀ ମାନଙ୍କୁ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଜଳପ୍ରପାତ କିପରି ସୃଷ୍ଟି ହେଉଛି ଏବଂ ଭୂମିରୂପ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । ସେହିପରି ସହକାରୀ ଶିକ୍ଷକ ପି. ଜାନକୀ ରାଓ ପ୍ରାକୃତିକ ଭାବେ ଜଙ୍ଗଲ ସୃଷ୍ଟି ସହ ବୃକ୍ଷର ବିଭିନ୍ନ ଅଂଶ ଉପରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ପାଲଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଟେମୁରୁପାଲି ପଂଚାୟତ ସରପଂଚ ତୁମେଶ୍ୱର ସମରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସିଆରସି ସତ୍ୟବ୍ରତ ବେହେରା, ଟେମୁରୁପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଜେନା, ପରିଚାଳନା କମିଟି ସଭାପତି ମାରୁ ଦୂରୂଆ ଯୋଗଦେଇ ପରିଭ୍ରମଣ କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଲେ ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ପ୍ରକାରର ଦକ୍ଷତା ବୃଦ୍ଧି ହେବ ବୋଲି ମତ ଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଦୂରଭାଷ ଯୋଗେ ଛାତ୍ର ଛାତ୍ରୀ ମାନଙ୍କୁ ବାର୍ତା ପ୍ରଦାନ କରିଥିଲେ ।
ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ଆଶିଷ କୁମାର ଓଡ଼ିଆ ନିଳାରାମ ଦୁରୁଆ, ସନା ସୋଢ଼ି, ମଙ୍ଗଲି ସୋଡି, ମଙ୍ଗଳା ମିଡିଆମି, ବଳରାମ ଦୁରୁଆ, ବୁଦ୍ରୀ ସୋଡି, ବାଲମତି ଦୁରୁଆ, ସୁନୀଲ ଦୁରୁଆ ଉପସ୍ଥିତ ଥିଲେ ।

# ରସୁଲପୁର ବ୍ଲକ ମିଶନ ଶକ୍ତି ବାଟବଣା : ପୂର୍ବସ୍ଥାନକୁ ଫେରିଲେ ବିବାଦୀୟ ବିପିଏମ୍

ଧର୍ମଶାଳା,୭ ଫେବୃଆରୀ(ହି.ସ.) - ପୂର୍ବ ସରକାର ମହିଳାମାନଙ୍କୁ ସଶକ୍ତ କରାଇବା ଦିଗରେ ଅର୍ଥନୈତିକ ବିକାଶ ଓ ନେତୃତ୍ୱ ବିକାଶ ପାଇଁ ଅନେକ କାର୍ଯ୍ୟକ୍ରମ କରିଥିଲେ । ହେଲେ ଓଡିଶା ଜୀବିକା ମିଶନ ଦାୟିତ୍ୱରେ ଥିବା କିଛି ବିପିଏମ୍ ଓ ବିଏଲସି ସ୍ଥାନୀୟ ରାଜନେତାଙ୍କୁ ହାତ କରି ବର୍ଷ ବର୍ଷ ଧରି ନିଜର ଚୌକି ମାଡି ବସି ନିଜ ମନମୁଖୀ କାର୍ଯ୍ୟ କରୁଛନ୍ତି । ସର୍ବଦା ଶାସକ ଦଳର ନେତାଙ୍କ ଶକ୍ତି ରହିଛି ଭାବି ନିଜ ମନଇଚ୍ଛା ମୁତାବକ କାର୍ଯ୍ୟ କରିବା ସହ ଅଭିଯୋଗକାରୀଙ୍କୁ ନାଲି ଆଖି ଦେଖାଇ ଭୟଭିତ କରୁଛନ୍ତି । ଗାଇଡ ଲାଇନକୁ ଖୋଲାଖୋଲି ଉଲଘଂନ କରି ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ଆଡା ଜମେଇଛନ୍ତି । ତେବେ କେମିତି ଯଦି ବଦଳି ନିର୍ଦ୍ଦେଶ ଆସୁଛି ବିଭିନ୍ନ ଆଳ ଦେଖା ନେତାଙ୍କ ସହ ସାଲିସ କରି ପୁନଃର୍ବାର ଭାବେ ସେହି ସ୍ଥାନରେ ରହୁଛନ୍ତି । ତେବେ ବାରମ୍ବାର ଅଭିଯୋଗ ପରେ ପୂର୍ବ ସରକାର ସମୟରେ ବିବାଦୀୟ ବିପିଏମଙ୍କୁ ଜିଲା ପାର ବଦଳି କରାଯାଇଥିଲା । ତେବେ ସରକାର ପରିବର୍ତ୍ତନ ପରେ ସେହି ବିବାଦୀୟ ବିପିଏମ ପୁନଃର୍ବାର ସେହି ସ୍ଥାନକୁ ଫେରିଆସିଛନ୍ତି । ଯାହାକୁ ନେଇ ଅଭିଯୋଗକାରୀ ପ୍ରଶାସନ ଓ ସ୍ଥାନୀୟ ନେତାଙ୍କୁ ଦାୟୀ କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ମିଶନ ଶକ୍ତି କ୍ଷେତ୍ରରେ । ଏହି ମିଶନ ଶକ୍ତି ଏବେ ବାଟବଣା ହୋଇଥିବା ନେଇ ଅଭିଯୋଗ ହୋଇଛି । ରସୁଲପୁର ବ୍ଲକର ଓଏଲଏମରେ ଅଧିନରେ ଥିବା ବିପିଏମ ସୁପ୍ରଭା ଜେନାଙ୍କ କ୍ଷେତ୍ରରେ । ଏବେ ତାଙ୍କ କାର୍ଯ୍ୟକଳାପକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଭିଯୋଗ ମୁତବାକୁ ବିପିଏମ ସୁପ୍ରଭା ଜେନା ଦୀର୍ଘ ଦିନ ଧରି ଗୋଟିଏ ସ୍ଥାନରେ ରହି ମନ ଇଚ୍ଛା ମୁତାବକ କାମ କରି ଆସୁଥିଲେ । ବହୁ ଅଭିଯୋଗ ପରେ ରସୁଲପୁର ବ୍ଲକରୁ ଓଡିଶା ଜୀବିକା ମିଶନ ରାଜ୍ୟ ମିଶନ ନିର୍ଦ୍ଦେଶକ ପତ୍ର ସଂଖ୍ୟା ୧୧୪୭/ ୨୩,ଓଏଲଏମ/ଟି ଆଣ୍ଡ ପିଏସ୍ ଏନଆରଏଲଏମ/୩୦୪/୧୫ ପି ତାରିଖ ୧।୧୨।୨୦୨୩ ମସିହାରେ ସୁପ୍ରଭାଙ୍କ ସମେତ ମୋଟ ୯ଜଣଙ୍କୁ ବ୍ଲକ ବିପିଏମକୁ ବଦଳି କରାଯାଇଥିଲା । ସୁପ୍ରଭାଙ୍କୁ ରସୁଲପୁର ବ୍ଲକରୁ ଢେଙ୍କାନାଳ ଜିଲା ଓଡପଡାକୁ ବଦଳି କରାଯାଇଥିଲା । ମାତ୍ର ଏକ ସରକାର ପରିବର୍ତନ ପରେ ପୁଣି ସେ ନିଜ ପୂର୍ବ ସ୍ଥାନକୁ ଫେରି ଆସିଛନ୍ତି । ଯାହାକୁ ନେଇ ଏବେ ଅଭିଯୋଗକାରୀ ଅଭିଯୋଗ କରିଛନ୍ତି । ନୂଆ ସରକାର ଆସିବା ପରେ ଗାଦି ମଡାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ । ତେବେ କିପରି ଗାଡିମଡା ଫେରି ଆସି ପୁଣି ବିବାଦୀୟ କାମ ଆରମ୍ଭ କରି ଦେଇଥିବା ନେଇ ଅଭିଯୋଗ ହୋଇଛି । ଏପରିକି ମୁଖ୍ୟମନ୍ତ୍ରୀ ଓ ଜିଲାର ଉପରିସ୍ଥ ଅଧିକାରୀଙ୍କଠାରୁ ଆସୁଥିବା ଅଭିଯୋଗକୁ ସମାଧାନ ନ କରି ମନମୁଖୀ ଭାବେ ଉତର ନ ଦେଇ ଫାଇଲକୁ ପକାଇ ଦେଉଛନ୍ତି । ନିକଟରେ ମଙ୍ଗରାଜପୁର ବ୍ୟାଙ୍କ ମିତ୍ର ନିଯୁକ୍ତି ଘଟଣାକୁ ନେଇ ଯାଜପୁର ପିଡିଙ୍କ ନିକଟରେ ଅଭିଯୋଗ ହୋଇଥିଲା । ପତ୍ର ସଂଖ୍ୟା ୨୪ରେ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏହି ତଦନ୍ତକୁ ସହଯୋଗ କରୁ ନଥିବା ଜଣାପଡିଛି । ଏକ ନିର୍ଦ୍ଦିଷ୍ଟ ଦୋକନରୁ କମ୍ପ୍ୟୁଟର ସହ ଅନ୍ୟାନ୍ୟ ସାମଗ୍ରୀ କିଣିବାକୁ ବାଧ କରୁଛନ୍ତି । । ଯାହା ଫଳରେ ପ୍ରତ୍ୟେକ ପଂଚାୟତରେ ଲାଭାଶଂର ଏକ ଭାଗ ନେଉଥିବା ଅଭିଯୋଗ ହୋଇଛି । ନିକଟରେ ଲକ୍ଷପତି ଯୋଜନାରେ ବ୍ୟାପକ ହେରଫେର କରାଯାଇଛି । ଜଣକୁ ନିଯୁକ୍ତି ଦେଇ ଅନ୍ୟ ଜଣକୁ ଟ୍ରେନିଂ ଏବଂ କାର୍ଯ୍ୟ କରାଯାଉଥିବା ସୂଚନା ଅଧିକାର ଆଇନରୁ ସୂଚନା ସଂଗ୍ରହ କରାଯାଇଛି । ତେବେ ସିଆରପିଭାବେ ୨ବର୍ଷ କାର୍ଯ୍ୟ କରିଥିବା ନିବେଦିତା ଶତପଥୀଙ୍କୁ ୧୦ମାସର ପାରିଶ୍ରମିକ ଦିଆଯାଇ ନାହିଁ । ଏହି ଘଟଣାକୁ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନାହିଁ । ଏପରିକି ସୂଚନା ଅଧିକାରୀ ଆଇନରେ ଅଭିଯୋଗ ପରେ ଭୁଲ ତଥ୍ୟ ଦିଆ ଯାଉଥିବା ଜଣାପଡିଛି । ଯାହା ଫଳରେ ଜଣେ ନିରୀହ ମହିଳା ହଇରାଣ ହରକତ ହେଉଥିବା ଜଣାପଡିଛି । ଶେଷରେ ନିବେଦିତା ନିରାଶ ହୋଇ ନ୍ୟାୟାଳୟର ଦ୍ୱାରସ୍ଥ ହେବାରୁ ୧ ବର୍ଷ ପରେ ଜିଲାପାଳ ତାଙ୍କ ରେଗୁଲାର ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ସୁପ୍ରଭା ଏହାକୁ ବିଭିନ୍ନ ଆଳ ଦେଖାଇ ସହଯୋଗ କରୁ ନ ଥିବାରୁ ନିବେଦିତାଙ୍କୁ ଉପେକ୍ଷା କରିବାକୁ ପଡୁଛି । ଏହାର ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି । ତେବେ ସୁପ୍ରଭାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଂଚଳବାସୀ ଦାବି କରିଛନ୍ତି । ବଦଳି ଦାୟିତ୍ୱ ସରକାର ଓ ମିଶନ ଶକ୍ତି ବିଭାଗର ।

# ଯୁଗ୍ମ କୃଷି ନିର୍ଦ୍ଦେଶକଙ୍କ ମାଣ୍ଡିଆ ମଣ୍ଡି ପରିଦର୍ଶନ

ଜୟପୁର, ୮/୨ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକ ଦଶମନ୍ତପୁର ମାଣ୍ଡିଆ ମଣ୍ଡିକୁ ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ଦଳେଇ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲା ଓ ବ୍ଲକ୍ ସ୍ତରର କୃଷି ବିଭାଗର ଅଧିକାରୀ , ୱାସନ୍ କର୍ମୀ ଟିଡିସିସି କର୍ମୀ ଓ ସିୱାଏସଡି ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ ଏହି ପରିଦର୍ଶନ ବେଳକୁ ଯୁଗ୍ମ କୃଷି ନିର୍ଦ୍ଦେଶକ ନନ୍ଦିନୀ ଦଳେଇ ମଣ୍ଡିରେ ଉପସ୍ଥିତ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରି ମାଣ୍ଡିଆ କ୍ରୟ ସମ୍ପର୍କିତ ବିଭିନ୍ନ ଏଫଏକ୍ୟୁ (ପ୍ରଶ୍ନ–ଉତର) ଉପରେ ସ୍ୱଷ୍ଟତା ପ୍ରଦାନ କରିଥିଲେ । କ୍ରୟ ଦର, ଗୁଣମାନ, ମାପ ତୋଳା ପ୍ରଣାଳୀ ଓ ପ୍ରକ୍ରିୟାଗତ ବିଷୟରେ ଚାଷୀମାନଙ୍କ ସନ୍ଦେହ ନିରାକରଣ କରାଯାଇଥିଲା ।ଖରିଫ ବିପଣନ ଋତୁ ୨୦୨୫–୨୬ ପାଇଁ ବୈପାରିଗୁଡ଼ା ବ୍ଲକର ସବୁଜିମା ପ୍ରଡ୍ୟୁସର୍ସ କମ୍ପାନୀ ଲିମିଟେଡ୍ ମାଧ୍ୟମରେ ମାଣ୍ଡିଆ କ୍ରୟ ସଫଳତାର ସହିତ କରାଯାଇଥିଲା । ଏହି ଦିନ ୪୦ ଜଣ ଚାଷୀଙ୍କୁ ଠାରୁ ସମୁଦାୟ ୫୭୮ କ୍ୱିଂଟାଲ୍ ମାଣ୍ଡିଆ କ୍ରୟ କରାଯାଇଛି ।

# ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୮/୨ (ନି.ପ୍ର): ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ବାସୁଦେବପୁର ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଓଡ଼ିଶାର ବିଶିଷ୍ଟ କବି ସାହିତ୍ୟିକ ଓ ଅନୁବାଦକ ଅଭିମନ୍ୟୁ ବେହେରା । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଧାୟକ ଶ୍ରୀ ଦାସ ଉତ୍ସବକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଓ ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର



ସୃଜନୀ ଏବଂ କବି ଅଭିମନ୍ୟୁ ବେହେରା ଙ୍କ କ୍ଷୁଦ୍ର ନାଟକ ପୁସ୍ତକ ମୁଁ ବଞ୍ଚିଛି ଏବଂ ଶିଶୁ କବିତା ସଂକଳନ ଥୁକୁଲୁ ଥାକୁଲୁ ଓ ଶିଶୁ ଗୀତ ମାଳା ଉନ୍ମୋଚିତ ହୋଇ ଥିଲା । ଏହି ଉତ୍ସବରେ ପୁରାତନ ଛାତ୍ର ସାଇ ଶୁଭମ ସମ୍ଭବ ମଲ୍ଲିକ, ଛାତ୍ରୀ ପ୍ରିୟଙ୍କା ଟୁଡୁ , ବି ଏଲ ପ୍ରତୀକ୍ଷା ବେହେରା, ଚନ୍ଦନ ଖିଲାର ଏମ୍ ବି ବି ଏସ ଛାତ୍ର, ରାଜଶ୍ରୀ ମାଝି ଏମ୍ ବି ବି ଏସ ଛାତ୍ରୀ , ସୂର୍ଯ୍ୟସ୍ନାତା ବେହେରା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଧାୟକଙ୍କ ପ୍ରତିନିଧି କବି ଅଚ୍ୟୁତାନନ୍ଦ ପାଢ଼ୀ ଖୁବ୍ ସୁନ୍ଦର ଭାବେ ସାହିତ୍ୟର ମଧୁର ଶବ୍ଦ ଓ ଭାଷା ମାଧ୍ୟମରେ ମଞ୍ଚ ସଂଯୋଜନା କରିଥିଲେ । ଫିନିକ୍ସ ଏକାଡେମୀର ଉପ ସଭାପତି ସୁଧାଂଶୁ ଶେଖର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ସମ୍ପାଦକ ଚନ୍ଦ୍ର ଶେଖର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ନାଟକ ମୁଁ ବଞ୍ଚିଛି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇ ଥିଲା । ଏହି ଉତ୍ସବକୁ ପରିଚାଳନା କରିବାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସୁଧାଂଶୁ ଶେଖର ମୁଦୁଲି, ସୁକାନ୍ତ ଦାସ,ମହେଶ୍ୱର ଗାହାଣ,ଭାଗୀରଥି ଦାସ, ବିଜୟ ପାଣିଗ୍ରାହୀ, ରଞ୍ଜନ ନାୟକ, ରଶ୍ମି ଭଞ୍ଜ, ସାନ୍ତ୍ୱନା ଦାସ, ସ୍ୱାଧି ଶର୍ମିଷ୍ଠା ଦାସ, ବିଜୟିନୀ ଦାସ,ମଧୁସ୍ମିତା ରାଉତ, ଭଗ୍ୟଲକ୍ଷ୍ମୀ ଦାସ, ଜୟନ୍ତୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ ।

# ସଂସ୍କାର ଓ ଶୃଙ୍ଖଳା ମଣିଷର ଉପଯୁକ୍ତ ଲକ୍ଷଣ

ରୁଷା , ୮/୨ (ନି.ପ୍ର): କାସିପଦା ସ୍ଥିତ ମାନବୀୟ ଗୁଣାତ୍ମକ ଶିକ୍ଷା ବିଷୟକ ମୁକ୍ତ ବିଦ୍ୟାଳୟ ର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଶିକ୍ଷାବିତ ଜଗଦୀଶ ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା, ଭୁବନେଶ୍ୱର ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ଶିକ୍ଷା ବ୍ୟବସ୍ଥା ରେ ସଂସ୍କାର ଓ ନୈତିକ ଶିକ୍ଷା ରହିବା ଜରୁରୀ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଉତ୍କଳ ଶିକ୍ଷା ଯୋଗ ସମାଜ, ଓଡିଶା ର ସହ ସମ୍ପାଦିକା ଲିଜା ରାଣୀ ଦାଶ ଯୋଗ ଦେଇ ଅଧୁନା ସମାଜ ରେ ଏହି ଭଳି ସଂସ୍କାର ଓ ନୈତିକ ଶିକ୍ଷା ଯୁକ୍ତ ମୁକ୍ତ




ବିଦ୍ୟାଳୟ ପ୍ରତି ପଞ୍ଚାୟତ ରେ ଖୋଲିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟ ରେ କାହିଁଥିଲେ । ଆଚାର୍ଯ୍ୟ ରାଜେଶ ଜୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସୋମନାଥ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ଓ ଶିକ୍ଷାବିତ ନିତ୍ୟାନନ୍ଦ ପଟ୍ଟନାୟକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ବରିଷ୍ଠ ସଂସ୍କୃତ ପଣ୍ଡିତ ଗୌର ହରି ପ୍ରହରାଜ, ପ୍ରମୁଖ ଯୋଗ ଦେଇ ମାନବିକ ମୂଲ୍ୟବୋଧ ଶିକ୍ଷା ଉପରେ ନିଜ ନିଜ ର ବକ୍ତବ୍ୟ ରଖିଥିଲେ । ମୁକ୍ତ ବିଦ୍ୟାଳୟ ମୁଖ୍ୟ ପରିଚାଳକ ଶିକ୍ଷାବିତ ତାପସ କୁମାର ପଣ୍ଡା ଅଭିନବ ବିଦ୍ୟାଳୟ ଗଠନ ର ଅଭିମୁଖ୍ୟ ବିଷୟ ରେ ନିଜ ର ବିବରଣୀ ପ୍ରଦାନ କରିଥିଲେ । ଉପ ପ୍ରଧାନ ଆଚାର୍ଯ୍ୟ ଆରତୀ ଦଳେଇ ମହା ବିଲୋପ ର ସତର୍କ ଉପରେ ଘୋଷଣା ନାମା ପଢ଼ିଥିଲେ । ଶେଷରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀ ଙ୍କୁ ଶପଥ ପାଠ କରାଯାଇ ପ୍ରେରଣା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ଶେଷରେ ପିଲା ମାନଙ୍କ ଦ୍ୱାରା ନାଟିକା ' ବୃଦ୍ଧ ପିତା ମାତା ଙ୍କ ସେବାର ସୁଫଳ ' ପାରିବେଷିତ ହୋଇଥିଲା ।

# ବୌଦ୍ଧିକ କ୍ଷେତ୍ରରେ ଉନ୍ନତି ହେଲେ ସମାଜରେ ଅଭୁତପୂର୍ବ ବିକାଶ ହେବ



ଆଳି, ୮/୨ (ନି.ପ୍ର): ଯେଉଁ ସମାଜ ବୌଦ୍ଧିକ କ୍ଷେତ୍ରରେ ଯେତେ ଉନ୍ନତ ସେ ସମାଜ ସେତେ ଶୃଙ୍ଖଳିତ ହୋଇଥାଏ ଓ ଭବିଷ୍ୟତ ପିଢ଼ି ସେଇଭଳି ଭାବେ ନିଜକୁ ଗଢି ତୋଳିବାକୁ ଚେଷ୍ଟା କରିବେ। ଆଜିର ବିଶ୍ୱ ବୈଷୟିକ କ୍ଷେତ୍ରରେ ଯେତିକି ଉନ୍ନତି ଲାଭ କରିଛି, ବୌଦ୍ଧିକ କ୍ଷେତ୍ରରେ ସେହି ପରିମାଣରେ ଉନ୍ନତି କରି ନାହିଁ ବୋଲି ପରାଗ ସାହିତ୍ୟ ସଂସଦ ର ୪୪ ତମ ବାର୍ଷିକ ଉତ୍ସବ ରେ ଅତିଥି ମାନେ ଏହା ପ୍ରକାଶ କରିଛନ୍ତି।ଆଳି ର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ପରାଗ ସାହିତ୍ୟ ସଂସଦ ର ସଭାପତି ଅଧାପକ ରମେଶ ଚନ୍ଦ୍ର ପଣ୍ଡା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ କହିଲେ ଯେ ପରିବର୍ତ୍ତିତ ବିଶ୍ୱ ରେ ଆମେ ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ଯେତିକି ଉନ୍ନତି ଲାଭ କରିଛି, ସମପରିମାଣରେ ବୌଦ୍ଧିକ କ୍ଷେତ୍ରରେ ଆମେ ଉନ୍ନତି ଲାଭ କରି ପାରିନାହାନ୍ତି। ବୌଦ୍ଧିକ କ୍ଷେତ୍ରରେ ଉନ୍ନତି ନ ହେଲେ ସମାଜ ନିମ୍ନ ଗାମୀ ହେବ। ଅନ୍ୟାୟ ଅତ୍ୟାଚାର ବଢ଼ି ବଢ଼ି ଚାଲିବ। ତେଣୁ ଆମକୁ ଏବେ ଠାରୁ ସଚେତନ ହେବାକୁ ପଡିବ। ଯେଉଁ ସମାଜ ବୌଦ୍ଧିକ କ୍ଷେତ୍ରରେ ଯେତେ ଉନ୍ନତ, ସେହି ସମାଜ ନିମ୍ନ ମୁଖୀ ନୁହେଁ ଉର୍ଦ୍ଧ ମୁଖୀ ହୋଇ ଉନ୍ନତିର ଚରମ ସୀମା ସ୍ପର୍ଶ କରେ।ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ କବି ଡ. ଶ୍ରୀହରି ଧଳ କହିଲେ ଯେ ମଣିଷ ଏବେ୍ୟକ୍ତି କେନ୍ଦିକ ହୋଇଯାଇଛି। ଯାହା ଫଳରେ ପରିବାର ମଧ୍ୟରେ ଠିକ୍ ସମନ୍ୱୟ ରହି ପାରୁନାହିଁ। ବାପା ମାଆ ଙ୍କୁ ପିଲାମାନେ ଯତ୍ନ ନେବାରେ ଅବହେଳା ପ୍ରକାଶ କରୁଛନ୍ତି। ଏଥିପାଇଁ ପିଲା ମାନଙ୍କୁ ବ୍ୟକ୍ତି କୈନ୍ଦ୍ରିକ କର ନ ଗଢି ସମାଜ କୈନ୍ଦ୍ରିକ କରି ଗଢି ତୋଳିବା ଉଚିତ। ସମ୍ମାନିତ ଅତିଥି ଭାବେ କବି ଓ ପ୍ରାବନ୍ଧିକ ରାଜୀବ ପାଣି କହିଲେ ଯେ ସମାଜ ଆଜି ନିମ୍ନ ଗାମୀ ହେଉଛି। ସାହିତ୍ୟ ହିଁ ଏହି ନିମ୍ନ ଗାମୀ ସମାଜ କୁ ବାଟ ଦେଖେଇ ପାରିବ। ତେଣୁ ବୌଦ୍ଧିକ କ୍ଷେତ୍ରକୁ ଉନ୍ନତି କରାଯିବା ଉଚିତ। ଅନ୍ୟତମ ସମ୍ମିନିତ ଅତିଥି ଇଂ ନିଳାଦ୍ରୀଭୂଷଣ ମହାପାତ୍ର ଯୋଗ ଦେଇ କହିଲେ ଯେ ସାହିତ୍ୟ କ ମାନେ ଜଣେ ଜଣେ ବଡ ସମାଜ ସଂସ୍କାରକ। ସେମାନେ ହିଁ ସମାଜରେ ଉନ୍ନତି ର ପରିବାହକ। ଏହି ଅବସରରେ ଗୋକର୍ଣିକାର ସଂପାଦକ ରମାକାନ୍ତ ଯେନାଙ୍କୁ ପରାଗ ସ୍ୱତନ୍ତ୍ର ସମ୍ମାନ, ରାଜୀବ ପାଣି ଙ୍କୁ ପ୍ରଥମ ଶୋଭମଣି ସ୍ମୃତି କବିତା ସମ୍ମାନ, ପ୍ରେମାନନ୍ଦ ଖଣ୍ଡୁଆଳଙ୍କୁ ରତ୍ନାକର ମିଶ୍ର ଶିକ୍ଷା ଓ ସାହିତ୍ୟ ସମ୍ମାନ, ସୀମାଚଳ ଦାସ ଙ୍କୁ ପରାଗ ଗଳ୍ପ ସମ୍ମାନ, ଡ଼. ସ୍ୱର୍ଣ୍ଣ ପ୍ରଭା ଖଟୁଆ ଙ୍କୁ ପରାଗ ଯୁବ କବି ସମ୍ମାନ, ପ୍ରଦୀପ୍ତ ମହାନ୍ତି ଙ୍କୁ ପରାଗ ସର୍ଜନ ସମ୍ମାନ, ଖଗେଶ୍ୱର ମହାନ୍ତି ଙ୍କୁ ପରାଗ କବିତା ସମ୍ମାନ ୨୦୨୬, ଶୋଭନା ଜେନା ଙ୍କୁ ପରାଗ ସଫଳ ସାହିତ୍ୟିକ ସମ୍ମାନ, ନିହାରିକା ରଥ ଙ୍କୁ କବିତା ସମ୍ମାନ,ସନ୍ତୋଷୀନି ଦାଶ ଗିରି ଙ୍କୁ ସଫଳ କବି ସମ୍ମାନ ରେ ସମ୍ମାନିତ କରାଯାଇ ଥିଲା। ଦିତୀୟ ଅଧିବେଶନ ରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବରେ ବରିଷ୍ଠ କବି ଅଶୋକ ବିଶ୍ୱାଳ ଅଧକ୍ଷତା କରିଥିଲେ। କବି ସର୍ବାଣି ଦାସ ଓ ଚାରୁଲତା ଭୂୟାଁ ଙ୍କ ସଯୋଜନାରେ ଓଡିଶା ର ବିଭିନ୍ନ ପ୍ରାନ୍ତର ରୁ ଆସି ଥିବା ୪୦ ରୁ ଉର୍ଦ୍ଧ୍ୱ ଅତିଥିକବି ସେମାନଙ୍କ ର ସ୍ୱରଚିତ କବିତା ପାଠ କରିଥିଲେ। ସଂପାଦକ ବନମାଳୀ ସେନାପତି ସଂପାଦକୀୟ ବିବରଣୀ ପାଠ କରିଥିଲେ ଓ କବି ସୁରେନ୍ଦ୍ର ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ।

# ଜୈବବିବିଧତା ସୁରକ୍ଷା ପ୍ରବନ୍ଧ ଲିଖନ କୁଇଜ ଓ ଆଲୋଚନା




ଉଦଳା, ୮/୨ (ନି.ପ୍ର): ମାନବ ଓ ପ୍ରକୃତି ପରସ୍ପର ପରିପୁରକ । ସମାଜ ଜେତେ ସଂଗଠିତ ଓ ବିକଶିତ ହେଉଛି ପ୍ରକୃତି ଓ ପ୍ରାକୃତିକ ସମ୍ବଳ ଉପରେ ଚାପ ସେତେ ବଢ଼ି ବଢ଼ି ଯାଉଛି । ଯାହ ଫଳରେ ଜଳବାୟୁ ପରିବର୍ତନ ଜନିତ ସଂକଟ ସୃଷ୍ଟି ହୋଇଛି । ପ୍ରକୃତିର ଅସ୍ୱଭାବିକ ପ୍ରତିକ୍ରିୟା ମାନବ ସମାଜ ପାଇଁ ଆହ୍ୱାନ ସୃଷ୍ଟି କରିଛି । ଜୈବ ବିବିଧତାର ସୁରକ୍ଷା ଓ ସମ୍ବର୍ଦ୍ଧନ ନିମନ୍ତେ ସମସ୍ତଙ୍କୁ ମିଳିତ କାର୍ଯ୍ୟ କରିବାର ପରିସ୍ଥିତି ଆଣି ଦେଇଛି । ଏହି ପରିପ୍ରେକ୍ଷୀରେ ଶିମିଳିପାଳ ଜୈବ ମଣ୍ଡଳର ସୁରକ୍ଷା ନିମନ୍ତେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଜନଜାଗୃତି ମଂଚ ମୟୂରଭଂଜଙ୍କ ତରଫରୁ ସଚେତନ କାର୍ଯ୍ୟକ୍ରମ ଜାରି ରହିଛି । ଏହିକ୍ରମରେ ସଂଗଠନ ମାଧ୍ୟମରେ କରକଚିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଶାନ୍ତିନିକେତନ ଉଚ୍ଚ ବିଦ୍ୟାଳୟ ବାହାନଡ଼ାର ଛାତ୍ର ଓ ଛାତ୍ରୀ ମାନଙ୍କ ମଧ୍ୟରେ ଶିମିଳିପାଳ ଜୈବ ମଣ୍ଡଳ ସୁରକ୍ଷା ପ୍ରବନ୍ଧ ଲିଖନ, କୁଇଜ ଓ ଆଲୋଚନାଚକ୍ର ଆୟୋଜିତ ହୋଇ ଯାଇଛି ।କରକଚିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଭାବଗ୍ରାହି ଦାସ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରି ସଂଜୟ କୁମାର ପୁଥାଳ, ବାବୁଲି ସେଠୀ, ରାଣୀ ହାଁସଦା, ମିନତୀ ସେଠୀ, ରଂଜିତା ମୁର୍ମୁଙ୍କ ସହଯୋଗରେ ପ୍ରବନ୍ଧ ଲିଖନ, କୁଇଜ ଓ ଆଲୋଚନା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇ ଯାଇଛି । କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଯଥା ନିହାରିକା ଦାସ, କବିତା ରାଉତ, ବିଜୁ ପାତ୍ର, ଜୀବନଜ୍ୟୋତି ପାତ୍ର, ସାଇଶିବମ ଭକ୍ତ, ପ୍ରସନ ବାସ୍କେଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ଅତିଥି ତଥା ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଶାନ୍ତିନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ବାହନଡ଼ାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାବିତ୍ରି ଟୁଡୁ ସରପଂଚ ବାହାନଡ଼ା ଗ୍ରାମପଂଚାୟତ ମୁଖ୍ୟ ଅତିଥି, ଧନେଶ୍ୱର ଟୁଡୁ ପୁର୍ବତନ ସରପଂଚ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କୁ ନିଜ ନିଜ ବାଡ଼ି ବଗିଚା, ସରକାରୀ ଜାଗା ତଥା ବିଦ୍ୟାଳୟ ପରିସରରେ ପ୍ରତିବର୍ଷ ଗଛ ଲଗାଇବା ସହିତ ଯତ୍ନ ନେବାକୁ ଓ ଅନାବଶ୍ୟକ ଭାବେ ବ୍ୟବହାର କରୁଥିବା ପ୍ଲାଷ୍ଟିକ ସାମଗ୍ରୀ ସମୂହକୁ ବର୍ଜନ କରିବାକୁ ଶପଥ ପାଠ କରାଇଛନ୍ତି । ଆମେ ବେଳେ ବେଳେ ଆବଶ୍ୟକ ନଥାଇ ବହୁଳ ଭାବରେ ପ୍ଲାଷ୍ଟିକ ଥଳି ଓ ମୁଣା ବ୍ୟବହାର କରୁଛନ୍ତି । ଆଜିଠାରୁ ଏହାକୁ ବର୍ଜନ କରିବାକୁ ଛାତ୍ର ଓ ଛାତ୍ରୀ ମାନେ ନିଜ ନିଜର ମତାମତ ଦେଇଛନ୍ତି ।ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ରାଉତଙ୍କ ସମେତ ସହକାରୀ ଶିକ୍ଷୟିତ୍ରୀ ଅହିଂସା ପ୍ରିୟଦର୍ଶନି ପାତ୍ର, ସୁଶ୍ରୀ ସଂଗିତା ମହାପାତ୍ର, ଇତିଶ୍ରୀ ମହାପାତ୍ର ପ୍ରମୁଖ ପ୍ରତ୍ୟେକ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳତା ପୂର୍ବକ ଆଗକୁ ନେଇଛନ୍ତି । କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଯଥା ଦେବସ୍ମିତା ମାରାଣ୍ଡି, ସୋନାଲି ବାସ୍କେ, ଠାକୁରା ସୋରେନ, ଝୁମୁରି ବିନ୍ଧାଣି, ଦିପଶିଖା ମହାନ୍ତ, ତନୁଶ୍ରୀ ତ୍ରିପାଠୀ, ତମନା ବେଶ୍ରାଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଛି । ଏହି ଦୁଇ କାର୍ଯ୍ୟକ୍ରମରେ ଜନଜାଗୃତି ମଂଚ ମୟୂରଭଂଜର ଜିଲ୍ଲା ପରିଚାଳକ ଗଦାଧର ଦାଶ, ପରମ୍ପରା ଗୌରବ ଯାତ୍ରା ସଂଯୋଜକ କୌଳାଶ ନାୟକ, ମିଶନ ୪୦୪ ସଂଯୋଜକ ସୁଦର୍ଶନ ଦଳେଇ, ଖୁଂଟା ବ୍ଲକର କାର୍ଯ୍ୟକର୍ତା ଭାରତି ଖଣ୍ଡାପାତ୍ର ପ୍ରମୁଖ ଯୋଗଦାନ କରିବା ସହିତ ପରିଚାଳନାରେ ସହଯୋଗ କରିଛନ୍ତି । ଏହି ଜୈବମଣ୍ଡଳ ସଚେତନତା କାର୍ଯ୍ୟକ୍ରମ ଶିକ୍ଷାଅନୁଷ୍ଠାନ ମାନଙ୍କରେ ନିୟମିତ ଆୟୋଜନ କରାଯିବାକୁ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି ବୋଲି ସଂଗଠନର ଜିଲ୍ଲାପରିଚାଳକଙ୍କ ସୂତ୍ରରୁ ଜଣାଯାଇଛି ।

# ଫେବୃଆରୀ ୨୦ ଜନ୍ତୁଆଳି ଛକଠାରେ ରେଲରୋକକୁ ସଫଳ କରିବା ପାଇଁ ଘଣ୍ଟେଶ୍ୱର ଠାରେ ସିପିଆଇ(ଏମ) ପକ୍ଷରୁ ସାଧାରଣ ବୈଠକ ଅନୁଷ୍ଠିତ




ଘଣ୍ଟେଶ୍ୱର/ଚାନ୍ଦବାଲି/ଭଦ୍ରକ, ୮/୨ (ନି.ପ୍ର): ଭଦ୍ରକ-ଧାମରା ରେଳପଥରେ ସରକାରୀ ଯାତ୍ରୀବାହୀ ରେଳ ଚଳାଚଳ କରିବା, ଧାମରା ବନ୍ଦର ଓ ଧାମରା- ଭଦ୍ରକ ରେଳପଥକୁ ସରକାରଙ୍କ ମାଲିକାନାକୁ ଫେରାଇ ଆଣିବା ଦାବିରେ ଆସନ୍ତା ଫେବୃଆରୀ-୨୦ ରେ ଭଦ୍ରକ-ଧାମରା ରେଳପଥରେ ଜନ୍ତୁଆଳି ଛକ ଠାରେ ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ସକାଳ ୮ ଘଟିକା ରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ୮ ଘଣ୍ଟିଆ ରେଳରୋକ ଆନ୍ଦୋଳନ ଡାକରା ଦିଆଯାଇଛି । ଏହି ରେଳରୋକ ଆନ୍ଦୋଳନକୁ ସିପିଆଇ(ଏମ) ଘଣ୍ଟେଶ୍ୱର ଶାଖା ପକ୍ଷରୁ ଗୋପିନାଥପୁର ଠାରେ ଆହୂତ ସାଧାରଣ ବୈଠକରେ ସମର୍ଥନ କରାଯାଇଛି । ହଜାର ହଜାର ଏକର ଚାଷଜମି, ସାଧାରଣ ଲୋକଙ୍କ ଘରଡିହ, ବିଭିନ୍ନ ଗ୍ରାମର ସ୍ମଶାନ ଜମି, ଗୋଚର ଆଦି ଭଦ୍ରକ ଜିଲ୍ଲା ବାସୀ ସବୁଦିନ ପାଇଁ ହରାଇଥିବା ବେଳେ ଭଦ୍ରକ- ଧାମରା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା ଜିଲ୍ଲାବାସୀଙ୍କ ନ୍ୟାଯ୍ୟ ଦାବି ବୋଲି ସିପିଆଇ(ଏମ) ପକ୍ଷରୁ ସାଧାରଣ ବୈଠକରେ ଆଜି ପ୍ରକାଶ କରାଯାଇଛି । ଚାନ୍ଦବାଲି ବ୍ଲକ ବାଂଶଡା ଥାନା ଅଧିନସ୍ଥ ଚର୍ଦିଆ ଠାରେ ଭିଡହିଂସା ଯୋଗୁ ଜଣେ ଚାଷୀ ଆତ୍ମହତ୍ୟା କରିବା, ମଉସୁଧା ଠାରେ ଭୂଇଁବୃତି ପଞ୍ଚାୟତର ଜଣେ ନାବାଳକକୁ କିଛି ଅସାମାଜିକ ଯୁବକ ଗଛରେ ବାନ୍ଧି ପିଟିବା ଘଟଣା କୁ ସିପିଆଇ(ଏମ) ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ରାଜ୍ୟରେ ସୃଷ୍ଟି ହୋଇଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୁଧରେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ମନ୍ତେଇ ନଦୀରେ ବାଲିଆପାଳ ପୋଲ ନିର୍ମାଣ କାର୍ଯ୍ୟ ତୁରନ୍ତ ସଂପୂର୍ଣ୍ଣ କରିବା, ପଞ୍ଚୁଟିକ୍ରି ପୋଲ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା, ଗଦି-ପଞ୍ଚୁଟିକ୍ରି ରାସ୍ତା, ଦିଗଛିଆ- ବାଲିଆପାଳ ରାସ୍ତାର ପୁନଃ ନିର୍ମାଣ, ଘଣ୍ଟେଶ୍ୱର ବଜାରରେ ଭେଣ୍ଡିଂ ଜୋନ୍ ନିର୍ମାଣ କରିବା ଆଦି ଦାବିରେ ଆନ୍ଦୋଳନ କରିବା ପାଇଁ ବ୍ରାଞ୍ଚ ପକ୍ଷରୁ ନିଷ୍ପତି ନିଆଯାଇଥିଲା । ରାଜ୍ୟରେ ଧାନ ବିକ୍ରିରେ ସରକାରୀ ଅବ୍ୟବସ୍ଥାର ସୁଧାର ଆଣିବା, ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କରିବା, ପୂର୍ବପରି ଏମ୍ଏନ୍ଆରଇଜିଏସ୍ ଯୋଜନା କୁ କାର୍ଯ୍ୟକାରୀ କରିବା ଆଦି ଦାବି ନେଇ ଆସନ୍ତା ଫେବୃଆରୀ-୧୨ ତାରିଖ ଭାରତ ବନ୍ଦ ପରିପ୍ରେକ୍ଷୀରେ ଘଣ୍ଟେଶ୍ୱର ଅଞ୍ଚଳରେ ଏହି ବନ୍ଦ କୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ଇଂ କାହ୍ନୁ କିଶୋର ସାହୁ, ଯୁବନେତା ଦୀପକ ଦାସ, ଯୁବନେତା କାର୍ତ୍ତିକ ନାଥ, ଯୁବନେତା ବିଜୟ ଜେନା, ବରିଷ୍ଠ ନେତା ଜୟୀରାମ ଦାସ, ଘଣ୍ଟେଶ୍ୱର ବ୍ରାଞ୍ଚ ସଂପାଦକ ଚକ୍ରଧର ଦାସ, ବରିଷ୍ଠ ନେତା ବାମଦେବ ମଲ୍ଲିକ, ନବଘନ ନାଥ, ବିଜୟ ସାହୁ, ନିରଞ୍ଜନ ଯେନା, ମୋହନ ଦାସ, ସୁରେନ୍ଦ୍ର ଦଳେଇ, ଅନାଦି ଯେନା ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ ।

# ଉଦଳାରୁ ପ୍ରସ୍ତୁତ ରେଶମ ବସ୍ତ୍ର ଭାରତର ରାଷ୍ଟ୍ରପତିଙ୍କୁ ଦିଆଯାଇଥିଲା ଉପହାର: ଅଧାପିକା କୁମକୁମ

ଉଦଳା, ୮/୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । 'ରେଶମତନ୍ତୁର ଉତ୍ପାଦନ ପ୍ରଣାଳି' ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ ?ଘାଟନ କରି କପ୍ତିପଦା ଉପଖଣ୍ଡ ମଧ୍ୟରେ ରେଶମ ଚାଷ ପାଇଁ ଖୁବ୍ ସୁନ୍ଦର ଭିତିଭୂମି ରହିଛି । କିନ୍ତୁ ପ୍ରୋତ୍ସାହନ ଅଭାବ ଯୋଗୁଁ କାଳକ୍ରମେ ଏହି ଚାଷ ଆଉ ଆଗଭଳି ଦେଖିବାକୁ ମିଳୁନାହିଁ ବୋଲି ବ୍ୟକ୍ତ କରିଥିଲେ । ବିଭାଗୀୟ ମୁଖ୍ୟ ଅଧାପିକା କୁମ କୁମ ଦାସ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ, ଆମ ଅଂଚଳର ପୁର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ବିରଭଦ୍ର ସିଂ ଭାରତର ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆମନ୍ତ୍ରଣ ପାଇଁ ତାଙ୍କୁ ସାକ୍ଷାତ କରିବାକୁ ଯିବା ସମୟରେ ଉଦଳାର ଢ଼ିହିରାକୁଳ ଗ୍ରାମରୁ ପ୍ରସ୍ତୁତ ହୋଇଥିବା ଏକ ରେଶମ ବସ୍ତ୍ର ଉପହାର ପ୍ରଦାନ କରିଥିଲେ । ଯାହାକି ସମଗ୍ର ଓଡ଼ିଶାରେ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିଲା ବୋଲି ବ୍ୟକ୍ତ କରିଥିଲେ । ଅଧାପିକା ଡ଼. ଆରତିବାଳା ସାହୁ ଓ ସୁଧାରାଣି ବେହେରା ବିଷୟବସ୍ତୁ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଛାତ୍ରୀ ଅନିତା ରଣା ଓ ରୁପାଲି ଗାଇପାଇ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଅଧାପିକା ସୁପ୍ରିତି ନାୟକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆକାଉଂଟ୍ ଖୋଲି ଚୁନା ଲଗାଉଥିଲେ ସାଇବର ଠକ: ଜଣେ ଗିରଫ

ଭୁବନେଶ୍ୱର, ୮/୨ (ନି.ପ୍ର): ହ୍ୱାଟସ ଆପ ଗ୍ରୁପରେ ଆକାଉଂଟ ଖୋଲି ଚୁନା ଲଗାଉଥିବା ଠକ ଗିରଫ । ୫୦ ଲକ୍ଷ ଟଙ୍କାର ସାଇବର ଲୁଟ ଘଟଣାରେ ସାଇବର ଥାନାରେ ପୂର୍ବ ବର୍ଷ ଜାନୁଆରୀ ମାସରେ ହୋଇଥିଲା ଅଭିଯୋଗ ଓ ସାଇବର ଠକ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ମାନଙ୍କୁ କରୁଥିଲେ ଟାର୍ଗେଟ ଓ ତେବେ ଭୁବନେଶ୍ୱର ଟମାଣ୍ଡୋ ଅଂଚଳରେ ଭାଗୀରଥୀ ମହାନ୍ତଙ୍କ ଅଭିଯୋଗ ପରେ ସାଇବର ପୋଲିସ ଆରମ୍ଭ କରିଥିଲା ତଦନ୍ତ ଓ କଲିକତାରୁ ମୁଖ୍ୟ ଅଭିଯୁକ୍ତ ଅରବିନ୍ଦ ପାଲକୁ ଗିରଫ କରିଛି ପୋଲିସ ଓ ଅଭିଯୁକ୍ତ ଅରବିନ୍ଦ ପାଲଙ୍କ ଆକାଉଂଟ୍କୁ ଯାଇଥିଲା ଏକ ଲକ୍ଷ ଏକ ହଜାର ଏକ ଟଙ୍କା ଯାଇଥିବା ବେଳେ ଆଉ ୬ ଟି ଆକାଉଂଟ୍କୁ ବି ଯାଇଛି ଟଙ୍କା ଓ ହ୍ୱାଟସ ଆପରେ ଲୋଭନୀୟ ଅଫର ଦେଇ ସାଇବର ଠକ କରୁଥିଲେ ଟାର୍ଗେଟ ଓ ଥରେ ସେମାନଙ୍କ ଗ୍ରୁପରେ ଆଡ ହୋଇଗଲେ ବିଭିନ୍ନ ଲୋଭନୀୟ ସ୍କିମର ବିଜ୍ଞାପନ ମାଧ୍ୟମରେ ଫସାଉଥିଲେ ସାଇବର ଠକ ଓ ସେହି ହ୍ୱାଟସ ଆପ ଟ୍ରେଡିଂରେ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ବାହାରକୁ ଟିମ୍ ଯାଇଥିବା ସୂଚନା ଦେଇଛନ୍ତି ସାଇବର ଏସିପି ସୁଚିସ୍ମିତା ଦାସ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆତଙ୍କବାଦ ବିରୋଧରେ ...

କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର, ସ୍ୱାସ୍ଥ୍ୟସେବା ଏବଂ ଖାଦ୍ୟ ସୁରକ୍ଷା ଭଳି ଉଦୀୟମାନ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଭାଗିତା ଆହୁରି ମଜବୁତ ହେବ। ଶକ୍ତି, ଭିତ୍ତିଭୂମି, ଉତ୍ପାଦନ ତଥା ଡିଜିଟାଲ ଅର୍ଥନୀତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗିତା ନିରନ୍ତର ଭାବେ ବୃଦ୍ଧି ପାଇଛି ବୋଲି ମୋଦୀ କହିଥିଲେ। ମାଲେସିଆ ପ୍ରଧାନମନ୍ତ୍ରୀ ଭାରତର ଅର୍ଥନୈତିକ ବିକାଶର ପ୍ରଶଂସା କରିଥିଲେ ଏବଂ ବ୍ୟାପାର କ୍ଷେତ୍ରରେ ବୃଦ୍ଧି ପାଉଥିବା ସହଯୋଗିତାର ଗୁରୁତ୍ୱକୁ ପ୍ରଶଂସା କରିଥିଲେ ।

### ରାଜ୍ୟରେ ସ୍ୱାଭାବିକ...

ପ୍ରକ୍ରିୟା ଟିକେ ଧିରେ ହେଉଛି। ଟୋକନ୍ ଅବଧି ଆଉ ୧୫ ଦିନ ବଢ଼ାଇବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ପ୍ରକୃତ ଚାଷୀ କିଏ ଓ ଫେକ୍ ଚାଷୀ କିଏ, ତାର ତାଲିକା ଜାରି କରିବାକୁ ଦାବି କରିଛି ବିଜେଡି। ଏଠାରେ ପ୍ରଶ୍ନ ଉଠୁଛି। କାହିଁକି ବ୍ୟବସ୍ଥିତ ହୋଇପାରୁନି ମଣ୍ଡି ବ୍ୟବସ୍ଥା ଚାଷୀଙ୍କ ସମସ୍ୟାକୁ କାହିଁକି କରାଯାଉଛି ଅଣଦେଖା ? କଟନି ଛଟନି ପାଇଁ କିଏ ଦେଇଛି ଅନୁମତି ?

### ପାକ୍ସ ସିଲିକା: ଯୋଗଦେବାକୁ ....

ଭାରତରେ ବଡ଼ ଖଣି ଏବଂ ପ୍ରକ୍ରିୟାକରଣ ପ୍ରକଳ୍ପ ଅଛି ଯାହା ବିଶ୍ୱ ଯୋଗାଣ ଶୃଙ୍ଖଳାରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ। ଆମେରିକା ବିଶ୍ୱାସ କରେ ଯେ, ଚୀନ୍ ତୁଳନାରେ ଭାରତର ଯୁବ ଓ ବୈଷୟିକ ପ୍ରଶିକ୍ଷିତ ଜନସଂଖ୍ୟା ଦେଶର ସବୁଠାରୁ ବଡ଼ ଶକ୍ତି। ପ୍ୟାକ୍ସ ସିଲିକାରେ ବର୍ତ୍ତମାନ ଅଷ୍ଟ୍ରେଲିଆ, ଯୁକ୍ତରାଜ୍ୟ, ଜାପାନ, ଇସ୍ରାଏଲ, ସିଙ୍ଗାପୁର, କତାର, ଦକ୍ଷିଣ କୋରିଆ, ୟୁଏଇ ଓ ଗ୍ରୀସ୍ ଭଳି ଦେଶ ଯୋଗ ଦେଇଛନ୍ତି। ଏହି ଗୋଷ୍ଠୀରେ ଭାରତକୁ ସାମିଲ କରି ଆମେରିକା ଚୀନ୍ ?ର ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବା ପାଇଁ ଏକ ବୃହତ ଓ ଶକ୍ତିଶାଳୀ ମଞ୍ଚ ନିର୍ମାଣ କରୁଛି। ଏହି ସହଯୋଗ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆର୍ଥିକ ସ୍ଥିରତା ଓ ପ୍ରଯୁକ୍ତିବିଦ୍ୟା ବିକାଶକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା ଅନୁଯାୟୀ, ଭାରତ ଆମେରିକୀୟ ଶିଳ୍ପ ଓ କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବ କିମ୍ବା ସମାପ୍ତ କରିବ। ପ୍ରତିବଦଳରେ, ଆମେରିକା ଭାରତୀୟ ଉତ୍ପାଦ ଉପରେ ଶୁଳ୍କ ୧୮ ପ୍ରତିଶତକୁ ହ୍ରାସ କରିବାକୁ ସମ୍ପୂର୍ଣ୍ଣ ରାଜି ହୋଇଛି। ଏହି ଚୁକ୍ତିନାମା ବାଣିଜ୍ୟ ବୃଦ୍ଧି କରିବା ସହ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଜଟିଳତାକୁ ମଧ ଯଥେଷ୍ଟ ହ୍ରାସ କରିବ। ଯୁକ୍ତରାଷ୍ଟ୍ର ବିଶ୍ୱର ସର୍ବବୃହତ ଅର୍ଥନୀତି, ଯେତେବେଳେ ଭାରତ ଜନସଂଖ୍ୟା ଅନୁସାରେ ସବୁଠାରୁ ବୃହତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଦେଶ। ଏହି ଦୁଇଟି ବୃହତ ଗଣତନ୍ତ୍ର ମଧ୍ୟରେ ସହଭାଗୀତାର ସୁଯୋଗ ଅସୀମ ରହିଛି। ପାକ୍ସ ସିଲିକା ମାଧ୍ୟମରେ, ଉଭୟ ଦେଶ ସେମାନଙ୍କର ଶକ୍ତିକୁ ଏକତ୍ର କରି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ମୁକାବିଲା କରିପାରିବେ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି।

### ପୁଣି ଖସିଲା...

ବର୍ଷ ମଧ ପ୍ରବଳ ଶୀତ ଅନୁଭୂତ ହେଉଛି। ପାହାଡ଼ ତଳିଆ ଅଞ୍ଚଳରେ ଆହୁରି ଅଧିକ ଥଣ୍ଡା ହେଉଥିବା ଦାବି ହେଉଛି। ଘୁ.ଉଦୟଗିରିରେ ବିଗତ ୬ ଦିନ ହେବ ୫ ଡିଗ୍ରି ତଳେ ତାପମାତ୍ରା ରହିଛି। ପ୍ରବଳ ଶୀତ ଓ ଘନ କୁହୁଡ଼ି ଯୋଗୁଁ ଗରିବ ଦିନ ମଜୁରିଆଙ୍କ ଜୀବନ ଜିବୀକା ପ୍ରଭାବିତ ହେଉଛି। ବିଶେଷ କରି ଯାନବାହାନ ଚଳାଚଳ ଅସୁବିଧା ହେଉଛି ଓ ଦୁର୍ଘଟଣା ମଧ ବଢୁଛି। ପ୍ରବଳ ଶୀତ ଯୋଗୁଁ ରାସ୍ତା ପାର୍ଶ୍ୱରେ ରହି ବ୍ୟବସାୟ କରୁଥିବା ସ୍ଥାନୀୟ ଚାଷୀ, ଠେଲା ବ୍ୟବସାୟୀ, ଦିନ ମଜୁରିଆମାନେ ବେଶୀ ପ୍ରଭାବିତ ହେଉଛନ୍ତି। ଏପଟେ ଶୀତର ମଜା ନେବା ପାଇଁ ଜିଲ୍ଲା ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ି ଚାଲିଛି। କଳିଙ୍ଗା ଘାଟି ଓ ବଟାନିକାଲ ଗାର୍ଡେନ, ହିଲଟପ, ସିର୍କି ଇକୋ ପାର୍କ, କଫିବଗିଚା ଭଳି ବହୁ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପିକନିକ୍ ର ମଜା ନେବା ପାଇଁ ପର୍ଯ୍ୟଟକ ଙ୍କ ସଂଖ୍ୟା ବୃଦ୍ଧି ପାଉଛି। ପ୍ରବଳ ଶୀତ ଜାଡ ଯୋଗୁଁ ଘରୁ ବାହାରିବା କଷ୍ଟ ହେଉଛି, ସନ୍ଧ୍ୟା ହେବା କ୍ଷଣି ବଜାରରେ ଗହଳି କମି ଯାଉଛି ଓ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁର ସାହାରା ନେଉଛନ୍ତି।

# ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ଖୋର୍ଦ୍ଧା : ଖୋର୍ଦ୍ଧା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜଙ୍କ ପୌରହିତ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଅଛି । ଏହି ଅବସରରେ ବ୍ୟାପକ ସଚେତନତା ଜାଗରଣ କରିବା ନିମନ୍ତେ ଏକ ସପ୍ତାହ ବ୍ୟାପି ୧୭ ଜାନୁୟାରୀ ଠାରୁ ୨୪ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଗୁଡିକରେ ଚିତ୍ରାଙ୍କନ, ନିବନ୍ଧ, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତାମାନ ଆୟୋଜିତ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ସମ୍ମାନିତ ଅତିଥି ଭାବେ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ବାଣୀଶ୍ରୀ ପଟ୍ଟନାୟକ, ଆରକ୍ଷୀ ନିରୀକ୍ଷକ ମମତା ପତି ଯୋଗଦେଇଥିଲେ । ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଉଦେଶ୍ୟ ଓ ଆଭିମୁଖ୍ୟ,କନ୍ୟା ସନ୍ତାନ ମାନଙ୍କର ଅଧିକାର ଏବଂ ସେମାନଙ୍କ ଶଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ବିସ୍ତୃତ ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହାରାଜ ଅତିଥି ପରିଚୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବି ଡି ଓ ଟାଙ୍ଗୀ, ଚିଲିକା,ଏ ବି ଡି ଓ, ବୋଲଗଡ଼, ସମସ୍ତ ବ୍ଲକର ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡ଼ି ସୁପର ଭାଇଯାର, ଶକ୍ତି ସଦନ,ଓ ଏସ ସି, ସ୍ୱେଚ୍ଛାସେବୀ ସଂଗଠନ, କିଶୋରୀ ବାଳିକା ଏବଂ ପ୍ରମୁଖ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କନ୍ୟା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ପୁରସ୍କୃତ କରିଥିଲେ । ପରିଶେଷରେ ଜିଲ୍ଲା ସଂଯୋଜିକା, ହବ, ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ଶପଥ ଓ ସଫେଇ କାର୍ଯ୍ୟକ୍ରମ



ବାଲେଶ୍ୱର, ୮/୨ (ନି.ପ୍ର): ବାଲେଶ୍ୱରର ଅଗ୍ରଣୀ ଅନୁଷ୍ଠାନ ମୂନ କମ୍ୟୁନିକେସନ ଦ୍ୱାରା ଆଜି ପୂର୍ବାହ୍ନରେ ମହିଷାଳୀ ମୁହାଣ ଠାରେ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନଦୀ ମୁହାଣ ମାନଙ୍କରେ ମତ୍ସ୍ୟଜୀବୀଙ୍କ ଜାଲରେ ଅଣ୍ଡା ଦେବାକୁ ଆସୁଥିବା ବହୁ ସଂଖ୍ୟାରେ ନୀଳରକ୍ତ କଙ୍କଡ଼ା ଛନ୍ଦି ମୃତ୍ୟୁ ବରଣ କରୁଥିବାର ଦେଖିବାକୁ ମିଳେ। ସେମାନେ ତାଙ୍କର ଛିଣ୍ଡା ଜାଲ ଜୁଆର ପାଣି ଯା'ଆସ କରୁଥିବା ଯାଗାରେ ଫିଙ୍ଗି ଦେଉ ଥିବାରୁ ସେଥିରେ ଛନ୍ଦି ବହୁ ନିରୀହ ଓ ବିରଳ ନୀଳରକ୍ତ କଙ୍କଡ଼ା ଛନ୍ଦି ହୋଇ ମରି ଯାଉଛନ୍ତି। ଏଥିପାଇଁ ମୁନ କମ୍ୟୁନିକେସନ ର ସମ୍ପାଦକ ଶ୍ରୀ ଅବନୀ କୁମାର ଜେନାଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ଅଞ୍ଚଳବାସୀ ତଥା ଅନୁଷ୍ଠାନର ସଦସ୍ୟ ସଦସ୍ୟା ମୁରଲୀଧର ମାହାନ୍ତି,. ଜଳଧର ବେହେରା, ପର୍ଶୁରାମ ରାଉତ, ପଙ୍କଜିନୀ ଦାସ, ଜିତେନ୍ଦ୍ର ଦାସ, ଦେବାଶିଷ ପତି ଯୋଗ ଦେଇ ମୁହାଣ ମୁହଁକୁ ସଫେଇ କରିବା ସହ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚର ସଭାପତି ଶିଳ୍ପୀ କେଶୁଦାସ ଯୋଗ ଦେଇ ସମସ୍ତଙ୍କୁ ନୀଳରକ୍ତ କଙ୍କଡ଼ା ବିଷୟରେ ସବିଶେଷ ଅବଗତ କରାଇବା ସହ ଶପଥ ଗ୍ରହଣ କରାଇଥିଲେ। ପ୍ରକାଶ ଥାଉକି ବାଲେଶ୍ୱର ଗସ୍ତରେ ଆସି ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କ ବକ୍ତବ୍ୟରେ ନୀଳରକ୍ତ କଙ୍କଡ଼ା ଉଲ୍ଲେଖ କରିଥିଲେ। ଏଥିପାଇଁ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ଉତ୍ସାହିତ ହେବା ସହ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ବାଲେଶ୍ୱର ଓ ଭଦ୍ରକର ଦୁଇଟି ନଦୀ ମୁହାଣକୁ ଯଥାଶୀଘ୍ର ଅଭୟାରଣ୍ୟ ଘୋଷଣା ସହ ଅଲିଭ ରିଡ଼ଲେ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବଜେଟ୍ ପରି ନୀଳରକ୍ତ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବଜେଟ୍ କରାଯାଉ ବୋଲି ଦାବି ହେଉଛି।

୦୯ ଫେବୃଆରୀ ୨୦୨୬, ସୋମବାର

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଭଡାରେ ଲାଗିଛି ପଞ୍ଚାୟତ ସହାୟତା କେନ୍ଦ୍ର

ଖଇରା, ୮/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣା ପଞ୍ଚାୟତରେ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା କେନ୍ଦ୍ରକୁ ପଞ୍ଚାୟତ କର୍ତ୍ତୃପକ୍ଷ ଭଡାରେ ଲଗାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଭଡା ଅର୍ଥକୁ ପଞ୍ଚାୟତ ରେକର୍ଡକୁ ନିଆନଯାଇ ବ୍ୟକ୍ତିବିଶେଷ ଙ୍କ ପକେଟକୁ ଯାଉଥିବାରୁ ଏହାର ତଦନ୍ତ କରାଯିବାକୁ ରଟିଣା ଗ୍ରାମବାସୀ ଦାବୀ କରିଛନ୍ତି । ରଟିଣା ପଞ୍ଚାୟତରେ ସରକାରୀ ସୁବିଧାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ୮ଲକ୍ଷ ଟଙ୍କା ବ୍ୟୟରେ ସୁବିଧାକେନ୍ଦ୍ର ନିର୍ମାଣ କରାଯାଇଥିଲା । ମହିଳା ଗୋଷ୍ଠୀଙ୍କ ବୈଠକ,ମିନିବ୍ୟାଙ୍କ କିମ୍ବା । ଜନସେବା କେନ୍ଦ୍ର ଭଳି ସଂସ୍ଥାକୁ ଦିଆଯାଇ ସାଧାରଣ ଲୋକ ଉପକୃତ ହେଲାଭଳି କାର୍ଯ୍ୟରେ ଲଗାଯିବା କଥା । ସରପଞ୍ଚଙ୍କ ସମ୍ପର୍କୀୟ ଏହି ଘରର ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ଏ ପର୍ଯ୍ୟନ୍ତ ଚାବୀ ପଞ୍ଚାୟତକୁ ହସ୍ତାନ୍ତର କରି ନାହାଁନ୍ତି । ହେଲେ ଗତ ୨ବର୍ଷ ଧରି ଏକ ଠିକା କମ୍ପାନୀଙ୍କୁ ଏହି ଘର ଭଡାରେ ଦିଆଯାଇ ସେମାନଙ୍କୁ ମାସିକ ଅର୍ଥ ଆଦାୟ କରି ନିଜସ୍ୱ ସ୍ୱାର୍ଥରେ ଲଗାଇଛନ୍ତି । ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ସରୋଜକାନ୍ତ ଦାସଙ୍କୁ ଯୋଗାଯୋଗ କରିବାରେ ଏ ପର୍ଯ୍ୟନ୍ତ ତାଙ୍କୁ ଘରର ଚାବି ହସ୍ତାନ୍ତର କରାଯାଇନଥିବାରୁ ଭଡା ବାବଦରେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି ।



## ଜମା ଖାତାରୁ ଦେଢ଼ କୋଟିରୁ ଅଧିକ ଟଙ୍କା ହଡ଼ପ କରି ଚମ୍ପଟ ମାରିଲା ପୋଷ୍ଟ ମାଷ୍ଟର

ବାଲିଆପାଳ , ୮/୨ (ନି.ପ୍ର): ଡାକଘର ଜମାକାରୀ ଙ୍କ ଜମା ଖାତାରୁ ଦେଢ଼ କୋଟି ରୁ ଅଧିକ ଟଙ୍କା ହଡ଼ପ କରି ଚମ୍ପଟ ମାରିଲା ପୋଷ୍ଟ ମାଷ୍ଟର, ଟଙ୍କା ଫେରି ପାଇବା ଚିନ୍ତାର ଜମାକାରୀ। ଲୋକଙ୍କ ପରିଶ୍ରମର ଅର୍ଥକୁ ସଞ୍ଚୟ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ସଂସ୍ଥା କରିଛନ୍ତି, ମାତ୍ର କିଛି ଅସାଧୁ ସରକାରୀ ଅଧିକାରୀଙ୍କ ପାଇଁ ଲୋକଙ୍କ ଜମା ଟଙ୍କା ହେଉଛି ହଡପ, କେନ୍ଦ୍ର ସରକାରଙ୍କ ଡାକଘରୁ ଦେଢ଼ କୋଟିରୁ ଅଧିକ ଟଙ୍କା ପୋଷ୍ଟ ମାଷ୍ଟର ହଡପ କରିବା ପରି ଚିନ୍ତାରେ ପଡ଼ିଛନ୍ତି ଜମାକାରୀ, ଭରୋଷା ଭାଙ୍ଗି ଦେଲା କେନ୍ଦ୍ର ସରକାରଙ୍କ ପୋଷ୍ଟ ଅଫିସ, ଚିଟଫଣ୍ଡ ସଂସ୍ଥା ଠାରୁ ବଳିଗଲା ସରକାରଙ୍କ ସଂସ୍ଥା, ଟଙ୍କା ଲୁଟ୍ କରି ଚମ୍ପଟ ମାରିଲେ ଅଧିକାରୀ, ବର୍ଷ ବର୍ଷର ପରିଶ୍ରମ ଅର୍ଥକୁ ଫେରି ପାଇବା ପାଇଁ ମୁଣ୍ଡ ବାଡେଇ କାନ୍ଦୁଛନ୍ତି ଜମାକାରୀ, ଏମିତି ଦୃଶ୍ୟ ଦେଖିବା ପାଇଁ ମିଳିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ବାଇଗଣ ବାଡ଼ିଆ ପୋଷ୍ଟ ଅଫିସରେ,ଏହି ଡାକଘରୁ ପାଖାପାଖି ୬ ଶହ ଜମାକାରୀ ଙ୍କ ବିଭିନ୍ନ ଯୋଜନାରୁ ୧୫ ଶହରୁ ଅଧିକ ଖାତାରୁ ଦେଢ଼ କୋଟିରୁ ଅଧିକ ଟଙ୍କା ହଡ଼ପ କରି ନେଇ ଫେରାର ହୋଇଛନ୍ତି ପୋଷ୍ଟ ମାଷ୍ଟର,ଏହି ପୋଷ୍ଟ ଅଫିସରେ ପ୍ରମିତ ରଞ୍ଜନ ଘଡାଇ ନାମକ ଜଣେ ପୋଷ୍ଟ ମାଷ୍ଟର ଦିର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ, ଲୋକଙ୍କ ଭରୋଷାର ଫାଇଦା ଉଠାଇ ଜମା କରିବାକୁ ଆସୁଥିବା ଜମାକାରୀଙ୍କୁ ବିଭିନ୍ନ ଆଳ ଦେଖାଇ କେତେବେଳେ ସାଧା କାଗଜରେ ତ କେତେବେଳେ ରସିଦରେ ଷ୍ଟାମ୍ପ ମାରି ଟଙ୍କା ଡିପୋଜିଟ୍ କରି ନେଉଥିଲେ,ଲୋକେ ବି କେନ୍ଦ୍ର ସରକାର ଙ୍କ ସଂସ୍ଥା ଏବଂ ଷ୍ଟାମ୍ପ କୁ ବିଶ୍ୱାସ କରି ଟଙ୍କା ଜମା କରି ଦେଉଥିଲେ, ମାତ୍ର ପୋଷ୍ଟ ମାଷ୍ଟର



ପ୍ରମିତ ରଞ୍ଜନ ସେହି ଟଙ୍କା କୁ ଖାତାରେ ନପକାଇ ଚଲୁ କରି ଦେଉଥିଲେ, ଏମିତିକି ଅନେକ ଜମାକାରୀଙ୍କ ଦସ୍ତଖତ କୁ ଜାଲ କରି ତାଙ୍କ ଜମା ଖାତାରୁ ଟଙ୍କା ଉଠାଇ ନେଇଥିବା ନେଇ ଅଭିଯୋଗ ହୋଇଛି ଗତ ଦୁଇମାସ ତଳେ କିଛି ହିତାଧିକାରୀ ଜମା ଖାତାରୁ ଟଙ୍କା ଉଠାଇବା ପାଇଁ ଯାଇ ଖାତାରେ ଟଙ୍କା ନଥିବା ଜାଣିବା ପରେ ସବୁ ସତ ଜଣା ପଡ଼ିଥିଲା, ଏନେଇ ଜମାକାରୀ ମାନେ ପଚାରିବାରୁ ପୋଷ୍ଟ ମାଷ୍ଟର ପ୍ରମିତ ରଞ୍ଜନ ହଡ଼ବଡ଼େଇ ଯାଇଥିଲେ,ଆଉ ସେହି ଦିନଠାରୁ ସେ ଫେରାର ଅଛନ୍ତି, ଏନେଇ ଜମାକାରୀ ମାନେ ବିଭିନ୍ନ ସ୍ଥାନରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ପାଇ ନଥିବା କାଜଲ ଗିରି, ବିନୋବାସିନୀ ଗିରି, ପରମାନନ୍ଦ ଗିରି, ଫୁଲ ରାଣୀ ଦଳାଇ, ରୀନା ରାଣୀ ବେହେରା , ବିନୟ କୁମାର ପାତ୍ର ଅଭିଯୋଗ କରିଛନ୍ତି ।ଗ୍ରାମର ନିଳାବତୀ ଗିରି ବାଇଗଣ ବାଡ଼ିଆ ପ୍ରାର୍ଥମିକ ବିଦ୍ୟାଳୟ ରେ ରୋଷେୟା ଭାବରେ କାର୍ଯ୍ୟ କରନ୍ତି,ଏହା ସହିତ ଲୋକଙ୍କ ଘରେ କାମ କରି ଏହି ପୋଷ୍ଟ ଅଫିସରେ ଟଙ୍କା ଜମା କରିଥିଲେ,ନିଜର ଗୋଟିଏ ଘର ନଥିବାରୁ ପଲିଥିନ ଘେରା ଛପର ତଳେ ରହୁଛନ୍ତି,ଆଶା କରିଥିଲେ ନିଜର ସଞ୍ଚିତ ଟଙ୍କାରୁ ଗୋଟିଏ ଘର କରିବେ ମାତ୍ର ପୋଷ୍ଟମାଷ୍ଟର ଟଙ୍କା ହଡ଼ପ କରି ନେବା ପରେ ନୂଆ ଘରେ ରହିବା ସ୍ୱପ୍ନ ଭାଙ୍ଗି ଯାଇଛି, ସେହିପରି ପାରାଲିସିସ୍ ରୋଗରେ ପିଡ଼ିତ ହରିଶ୍ଚନ୍ଦ୍ର ମହାନ୍ତି ରଖିଥିବା ସଞ୍ଚୟ ଟଙ୍କାରେ ଔଷଧ ଖର୍ଚ୍ଚ କରୁଥିଲେ ଟଙ୍କା ହଡ଼ପ ପରେ ନିଜପାଇଁ ଔଷଧ କିଣି ପାରୁନାହାନ୍ତି, ସେହିପରି ପଲିଥିନ୍ ଘେରା ଛପର ତଳେ ରହୁଥିବା ମମତା ଦଣ୍ଡପାଟଙ୍କ ୧୩ ବର୍ଷର ପୁଅ ଗତବର୍ଷ ପୋଖରୀ ରେ ବୁଡି ମୃତ୍ୟୁ ବରଣ କରିଥିଲେ, ସରକାର ଠାରୁ ମିଳିଥିବା ସହାୟତା ଟଙ୍କାକୁ ସେ ଏହି ପୋଷ୍ଟ ଅଫିସରେ ଜମା ରଖିଥିଲେ ଘର କରିବା ପାଇଁ ମାତ୍ର ଟଙ୍କା ସବୁ ହଡ଼ପ ହୋଇଯିବା ପରେ କିପରି ଘର ତିଆରି କରିବେ ସେହି ଚିନ୍ତାରେ ପଡ଼ିଛନ୍ତି, ଖାଲି ନିଳାବତୀ, ହରିଶ୍ଚନ୍ଦ୍ର କି ମମତା ନୁହନ୍ତି ଏମିତି ଅନେକ ଜମାକାରୀ ଅଛନ୍ତି ଯେଉଁମାନେ ଆଗକୁ କିଛି କରିବାର ଆଶା ରଖି ଟଙ୍କା ଜମା ରଖିଥିଲେ,ଆଉ ଟଙ୍କା ସବୁ ହଡ଼ପ ହୋଇଯିବା ପରେ ସେମାନେ ଦେଖିଥିବା ସ୍ୱପ୍ନ ଯଦି ସରକାର ଏହାର ତଦନ୍ତ କରି ଜମାକାରୀ ଙ୍କ ଟଙ୍କା ଫେରସ୍ତ ସହିତ ପୋଷ୍ଟ ମାଷ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନଯାଏ ତାହାହେଲେ ଆସନ୍ତା ସପ୍ତାହରେ ରାଜରାସ୍ତା କୁ ଓହ୍ଲାଇ ବୋଲି ଚେତାବନୀ ଦେଇଛନ୍ତି ଜମାକାରୀ ।

## ଭଦ୍ରକ ମାଧ୍ୟମିକ ଶିକ୍ଷକ ସଂଘର ବାର୍ଷିକ ବନ୍ଧୁମିଳନ ଓ ସ୍ୱାଗତ ସମ୍ବର୍ଦ୍ଧନା

ଭଦ୍ରକ, ୮/୨ (ନି.ପ୍ର): ସହର ଉପକଣ୍ଠସ୍ଥ ନଳାଙ୍ଗ ଠାରେ ଭଦ୍ରକ ମାଧ୍ୟମିକ ଶିକ୍ଷକ ସଂଘ ର ବାର୍ଷିକ ବନ୍ଧୁମିଳନ ଓ ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ମହା ଆଡମ୍ବର ରେ ଅନୁଷ୍ଠିତ ହୋଇ ଯାଇଛି । ସଂଘ ର ସଭାପତି ନବକିଶୋର ମଲ୍ଲିକ ସଭାପତିତ୍ୱ ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କର୍ମଚାରୀ ନେତା ପ୍ରଭାତ ମହାନ୍ତି ତଥା ସମ୍ମାନୀୟ ଅତିଥି ଭାବେ ରାଜ୍ୟ ସ୍ତରୀୟ ଶିକ୍ଷକ ନେତୃତ୍ୱ ରାଜେନ୍ଦ୍ର ମଲ୍ଲିକ, ଶୁଭ୍ରଜିତ୍ ପ୍ରତିହାରୀ, ରଶ୍ମିରଞ୍ଜନ ଜେନା,ପ୍ରଶାନ୍ତ କୁମାର ରାଉତରାଏ ଓ ମନୋଜ ଜେନା ପ୍ରମୁଖ ଯୋଗ ଦେଇ ସଂଘ ର ଏତାଦୃଶ କାର୍ଯ୍ୟକ୍ରମ କୁ ଭୂୟଶୀ ପ୍ରଶଂସା କରିବା ସହ ଏକତ୍ରିତ ହୋଇ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ର ସମାଧାନ ଦିଗରେ ନିଜର ମତ ପ୍ରକାଶ କରିଥିଲେ । ସଂଘ ର ସମ୍ପାଦକ ଚନ୍ଦନ କୁମାର ରାଉତ ଜିଲ୍ଲା ତଥା ରାଜ୍ୟ ସ୍ତର ରେ ସଂଘ



କୁ ସୁଦୃଢ଼ କରିବା ପାଇଁ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ସଂଘ ର କାର୍ଯ୍ୟକାରୀ ସଭାପତି ମଧୁସୂଦନ ମଲ୍ଲିକ ମଂଚ ପରିଚାଳନା କରିଥିଲେ । ରାଜ୍ୟ ସଂଯୋଜକ ଦେବାଶିଷ ଜେନା ଅତିଥି ପରିଚୟ ଓ କୋଷାଧକ୍ଷ ରାଜକିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରରେ ୪୦୦ ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ସଂଘ ର ଉପଦେଷ୍ଟା ମାନସ କୁମାର ମିଶ୍ର ଓ ସୌମ୍ୟରଂଜନ ମଲିକ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ସଂଘ ର ସକ୍ରିୟ କର୍ମକର୍ତା ଅଭିଷେକ ଶତପଥୀ, ପିଙ୍କି ପ୍ରିୟଦର୍ଶିନୀ ପଣ୍ଡା,ପ୍ରଭାତ କୁମାର ଜେନା ,ଅଜୟ ବାରିକ, ତାରିଣୀ ପ୍ରସାଦ ଦାଶ, ଅତୁଲ୍ୟ ପ୍ରଧାନ, ଶଶିକାନ୍ତ ବେହେରା, ସୁଶାନ୍ତ କୁମାର ସେଠୀ, ଦିବ୍ୟଜ୍ୟୋତି ବାରିକ , ପ୍ରଶାନ୍ତ କୁମାର କୁଣ୍ଡ, ସୁବ୍ରତ ସୁଆର,ସୁବ୍ରତ ସାହୁ, ମୃତ୍ୟୁଞ୍ଜୟ ମହାନ୍ତି, ସୁଶାନ୍ତ କୁମାର ସାହୁ,ଅରୁଣ କୁମାର ପାଣିଗ୍ରାହୀ, ବିଶ୍ୱରଞ୍ଜନ ପାଣିଗ୍ରାହୀ,ଚନ୍ଦନ କୁମାର ସାମଲ , ତାପସ କୁମାର ମାର୍ଣ୍ଡି,ରିଶିକାନ୍ତ ଦାସ , ସସ୍ମିତା ଚୌଧୁରୀ, ପ୍ରଜ୍ଞା ପରମିତା ପତି, ଚିତରଞ୍ଜନ ମହାନ୍ତି, ମାନସୀ ସାହୁ, ପୃଥୀରାଜ୍ ବେହେରା,ସୁମିତ୍ରା ଦାସ, ମାନୀ ଜେନା, ସନତ ବାରିକ,ମୁରାରୀ ମୋହନ ମଲ୍ଲିକ ଓ ଲିଲିରାଣୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ମାନବୀୟ ଗୁଣାତ୍ମକ ଶିକ୍ଷା ବିଷୟକ ମୁକ୍ତ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ



ବସ୍ତା , ୮/୨ (ନି.ପ୍ର): ସଂସ୍କାର ଓ ଶୃଙ୍ଖଳା ମଣିଷ ର ଉପଯୁକ୍ତ ଲକ୍ଷଣ । ରୁଷ୍ମା କସିପଦା ସ୍ଥିତ ମାନବୀୟ ଗୁଣାତ୍ମକ ଶିକ୍ଷା ବିଷୟକ ମୁକ୍ତ ବିଦ୍ୟାଳୟ ର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଶିକ୍ଷାବିତ ଜଗଦୀଶ ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ,ଓଡିଶା,ଭୁବନେଶ୍ୱର ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ଶିକ୍ଷା ବ୍ୟବସ୍ଥା ରେ ସଂସ୍କାର ଓ ନୈତିକ ଶିକ୍ଷା ରହିବା ଜରୁରୀ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଉତ୍କଳ ଶିକ୍ଷା ଯୋଗ ସମାଜ,ଓଡିଶା ର ସହ ସମ୍ପାଦିକା ଲିଜା ରାଣୀ ଦାଶ ଯୋଗ ଦେଇ ଅଧୁନା ସମାଜ ରେ ଏହି ଭଳି ସଂସ୍କାର ଓ ନୈତିକ ଶିକ୍ଷା ଯୁକ୍ତ ମୁକ୍ତ ବିଦ୍ୟାଳୟ ପ୍ରତି ପଞ୍ଚାୟତ ରେ ଖୋଲିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟ ରେ କାହିଁଥିଲେ । ଆଚାର୍ଯ୍ୟ ରାଜେଶ ଜୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସୋମନାଥ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ଓ ଶିକ୍ଷାବିତ ନିତ୍ୟାନନ୍ଦ ପଟ୍ଟନାୟକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ବରିଷ୍ଠ ସଂସ୍କୃତ ପଣ୍ଡିତ ଗୌର ହରି ପ୍ରହରାଜ, ପ୍ରମୁଖ ଯୋଗ ଦେଇ ମାନବିକ ମୂଲ୍ୟବୋଧ ଶିକ୍ଷା ଉପରେ ନିଜ ନିଜ ର ବକ୍ତବ୍ୟ ରଖିଥିଲେ । ମୁକ୍ତ ବିଦ୍ୟାଳୟ ମୁଖ୍ୟ ପରିଚାଳକ ଶିକ୍ଷାବିତ ତାପସ କୁମାର ପଣ୍ଡା ଅଭିନ୍ନ ବିଦ୍ୟାଳୟ ଗଠନ ର ଅଭିମୁଖ୍ୟ ବିଷୟ ରେ ନିଜ ର ବିବରଣୀ ପ୍ରଦାନ କରିଥିଲେ । ଉପ ପ୍ରଧାନ ଆଚାର୍ଯ୍ୟ ଆରତୀ ଦଳେଇ ମହା ବିଲୋପ ର ସତର୍କ ଉପରେ ଘୋଷଣା ନାମା ପଢ଼ିଥିଲେ । ଶେଷରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀ ଙ୍କୁ ଶପଥ ପାଠ କରାଯାଇ ପ୍ରେରଣା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ଶେଷରେ ପିଲା ମାନଙ୍କ ଦ୍ୱାରା ନାଟିକା ‘ ବୃଦ୍ଧ ପିତା ମାତା ଙ୍କ ସେବାର ସୁଫଳ ‘ ପରିବେଷିତ ହୋଇଥିଲା ।

## ଜାତୀୟ ସ୍ତରୀୟ ଦିବାରାତ୍ର ଗୋଶାଳା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ଶେଷ

ବାରିପଦା , ୮/୨ (ନି.ପ୍ର): ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ୨ୟ ବାର୍ଷିକ ଜାତୀୟ ସ୍ତରୀୟ ଦିବାରାତ୍ର ଗୋଶାଳା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି ବୋଲି ଆୟୋଜନ କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଓ ଚଳିତ ମାସ ୧୫ ତାରିଖରୁ ମାର୍ଚ୍ଚ ୧ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଅଂଶଗ୍ରହଣ କରିଛନ୍ତି ବୋଲି ସାଧାରଣ ସମ୍ପାଦକ ଗଦାଧର ନାୟକ ପ୍ରକାଶ କରିଥିଲେ ଓ ପ୍ରତ୍ୟେକ ଦଳରେ ଜଣେ ରାଜ୍ୟ ସ୍ତରୀୟ ଓ ଜଣେ ଜାତୀୟ ସ୍ତରୀୟ ନାମିଦାମୀ




ଖେଳାଳି ରହିଛନ୍ତି ବୋଲି ଜଣାପଡିଛି ଓ ୧୫ ତାରିଖ ସନ୍ଧ୍ୟାରେ ଏହି ଟୁର୍ଣ୍ଣାମେଣ୍ଟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଉଦଘାଟିତ ହେବା ସହ ଗୋଟିଏ ମ୍ୟାଚ ଅନୁଷ୍ଠିତ ହେବ ଓ ପୁରସ୍କାର ସ୍ୱରୂପ ଚମ୍ପିୟାନ ଦଳ ପାଇଁ ୨ ଲକ୍ଷ ୫୦ ହଜାର ଓ ରନର୍ସ ଅପ ଦଳ ପାଇଁ ୨ ଲକ୍ଷ ଟଙ୍କା ପ୍ରସ୍ତାହନ ରାଶି ସହ ଟ୍ରଫି ଏବଂ ମ୍ୟାନ ଅଫ ଦି ସିରିଜ ପାଇଁ ହିରୋ ବାଇକ, ମ୍ୟାନ ଅଫ ଦି ମ୍ୟାଚ ( ଫାଇନାଲ ) ପାଇଁ ସାଇକେଲ, ଶ୍ରେଷ୍ଠ ବ୍ୟାଟ୍ସମେନ ପାଇଁ ୱାସିଂ ମେସିନ, ଶ୍ରେଷ୍ଠ ବୋଲର ପାଇଁ ଫ୍ରିଜ ସହ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ରହିଛି ବୋଲି କମିଟି ପ୍ରକାଶ କରିଛନ୍ତି ଓ ଗୋ ମାତାକୁ ପ୍ରାଧାନ୍ୟ ଦେଇ ଏଭଳି ଏକ ଟୁର୍ଣ୍ଣାମେଣ୍ଟର ପରିକଳ୍ପନା କରାଯାଇଛି ବୋଲି ସଭାପତି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ ଓ ଗଣମାଧ୍ୟମ ସହ ସଂଯୋଜକ ଗୌତମ ଦାସ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପ ସଭାପତି ରତିକାନ୍ତ ଦାସ, ସାଙ୍ଗଠନିକ ସମ୍ପାଦକ ସରୋଜ ଶତପଥି, ମୁଖ୍ୟ ସଂଯୋଜକ ସୁଦର୍ଶନ ପାତ୍ର, କୋଷାଧକ୍ଷ ଶ୍ରୀକାନ୍ତ ବାରିକ, ସହ କୋଷାଧକ୍ଷ୍ୟ ସନ୍ଦୀପ ମୌଳିକ ଓ କମେଣ୍ଟେଟର କେ ପଙ୍କଜ ମହାକୁଡ଼ ଉପସ୍ଥିତ ଥିଲେ ।

## ଅସନ୍ତୋଷ ଝାଡିଲେ ସୋଫିଆ

ଭୁବନେଶ୍ୱର, ୮/୨ (ନି.ପ୍ର): କଟକର ନେତା ବିଶ୍ୱଜିତ ମହାନ୍ତିଙ୍କ କଂଗ୍ରେସରେ ଯୋଗଦାନକୁ ନେଇ ବିଧାୟିକା ସୋଫିଆ ଫିରଦୌସ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପ୍ରସଙ୍ଗରେ ତାଙ୍କୁ ପୂର୍ବରୁ ଅବଗତ କରାଯାଇନଥିବା କହି ସେ ପରୋକ୍ଷରେ ନିଜ ଅସନ୍ତୋଷ ଝାଡ଼ିଛନ୍ତି। ବିଧାୟିକା ସୋଫିଆ କହିଛନ୍ତି ଯେ କଟକର ଜଣେ ନେତା କଂଗ୍ରେସରେ ଯୋଗଦେଇଥିବା ବିଷୟ ସେ ସୋସିଆଲ୍ ମିଡିଆ ମାଧ୍ୟମରେ ଜାଣିବାକୁ ପାଇଛନ୍ତି। "ଏପରି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଯୋଗଦାନ ସମ୍ପର୍କରେ ଆମକୁ ପୂର୍ବରୁ ଅବଗତ କରାଯିବା ଉଚିତ୍ ଥିଲା," ବୋଲି ସେ କହିଛନ୍ତି।

## ମେଘାସନୀ ମହୋତ୍ସବ-୨୦୨୬ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ବାରିପଦା , ୮/୨ (ନି.ପ୍ର): ମେଘାସନୀ ମହୋତ୍ସବ-୨୦୨୬ ପାଳନ ଅବସରରେ ଆଜି ବାରିପଦା ସ୍ଥିତ ଛଉ ପଡିଆ-କଲେଜ ପଡିଆ ପରିସର ଠାରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଓରମାସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉକ୍ତ ରକ୍ତଦାନ ଶିବିରକୁ ଶୁଭ ଉଦଘାଟନ କରି କହିଥିଲେ ଯେ ବର୍ତମାନ ପରିବର୍ତ୍ତିତ ସମୟରେ ଥାଲସେମିଆ, ସିକିଲସେଲ ଭଳି ଦୁରାରୋଗ୍ୟ ପାଇଁ ହେଉ କିମ୍ବା ଆକସ୍ମିକ ଦୁର୍ଘଟଣା ପାଇଁ ହେଉ ଅବା ଅନ୍ୟାନ୍ୟ ଅସାଧ



ରୋଗର ଜରୁରୀ ଅସ୍ତ୍ରୋପଚାର ପାଇଁ ହେଉ ରୋଗୀର ଅମୁଲ୍ୟ ଜୀବନକୁ ବଞ୍ଚାଇବା ପାଇଁ ବହୁ ସମୟରେ ରକ୍ତର ହଠାତ ଆବଶ୍ୟକତା ଦେଖାଦେଉଛି, ମାତ୍ର ବେଳେବେଳେ ରକ୍ତ ଉପଲବ୍ଧ ନହେବାରୁ ରୋଗୀର ଜୀବନ ବଞ୍ଚାଇବା କଷ୍ଟସାଧ ହୋଇ ପଡୁଛି। । ରକ୍ତଦାନ ଏକ ମହତ ଦାନ ତଥା ଏହା ଏକ ମହା ପୁଣ୍ୟ କର୍ମ । ତେଣୁ ଏଭଳି ଏକ ଉତ୍ସବ ଅବସରରେ ଓରମାସର ଏହି ଉଦ୍ୟମ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି କହିଥିଲେ। ଏହି ଅବସରରେ ରକ୍ତଦାତା ମାନଙ୍କୁ ଏହି ମହତ ଦାନ ପାଇଁ କୃତଜ୍ଞତା ଜଣାଇବା ସହିତ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସଚେତନତାକୁ ବ୍ୟାପକରୁ ବ୍ୟାପକତର କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ବାରିପଦା ରକ୍ତ ଭଣ୍ଡାରର ଅଧିକାରୀ ଡା. ସୌମ୍ୟ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଅନ୍ୟାନ୍ୟ ସହକର୍ମୀ ଡା. ନୀଲେଶ ଦାସ, ରୁଚିକା ଖୁରାନା, ସବିତା ଶେଜପଡା, ଭାଗ୍ୟବତୀ ସିଂ ଓ ଶକୁନ୍ତଳା ମହାନ୍ତଙ୍କ ସହଯୋଗରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଅନୁଷ୍ଠିତ ଶିବିରରେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ଓରମାସର ଡେପୁଟି ସି ଇ ଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି,ବାରିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁଣ୍ଡୁୟା, ଜିଲ୍ଲା ରେଡ଼କ୍ରସ ଶାଖାର ଆଜୀବନ ସଦସ୍ୟ ତଥା ରକ୍ତଦାତା ଅମର କୁମାର ସେଠୀ ପ୍ରମୁଖଙ୍କ ସମେତ ଓରମାସର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସୁଚାରୁ ରୂପେ ଉକ୍ତ ରକ୍ତଦାନ ଶିବିର ପରିଚାଳନା କରିଥିଲେ। ପ୍ରକାଶ ଥାଉକି, ଉକ୍ତ ଶିବିରରେ ସ୍ଥାନୀୟ ଅଂଚଳର ବିଭିନ୍ନ ବର୍ଗର ଲୋକମାନଙ୍କ ସହିତ ମେଳାରେ ଲାଗିଥିବା ବିଭିନ୍ନ ଷ୍ଟଲର ଭାଇ ଭଉଣୀ ମାନେ ମଧ୍ୟ ଆସି ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ସମୁଦାୟ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ଉପକୂଳ ବିକାଶ ପରିଷଦ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

### ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବାର ନିଷ୍ପତ୍ତି

ବାଲିଆପାଳ , ୮/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଡଗରା ବେଳାଭୂମିଠାରେ ଉପକୂଳ ବିକାଶ ପରିଷଦ ପକ୍ଷରୁ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ଓ ଡଗରା ବେଳାଭୂମି ଏକ ସ୍ୱଚ୍ଛ ସୁନ୍ଦର ବେଳାଭୂମିରେ ପରିଣତ ହୋଇପାରିବ ଲକ୍ଷ୍ୟ ନେଇ ଏହି ସଫେଇ କାର୍ଯ୍ୟରେ ପରିଷଦର ୨୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ଥିଲେ। ପରେ ବେଳାଭୂମି ଠାରେ ଥିବା ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ପରିଷଦର ସଭାପତି ମନୋରଞ୍ଜନ ବେହେରା ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବେଳାଭୂମି ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ୍ୟ ସରକାରଙ୍କର ବୈମାତୃକ ମନୋଭାବ ଯୋଗୁଁ ବଡ଼ ଗୁମୁଟି ଛକ ଠାରୁ ବେଳାଭୂମି ପର୍ଯ୍ୟନ୍ତ ଦୁଇ କିଲୋମିଟର ରାସ୍ତା, ପାନୀୟ ଜଳ, ଶୌଚାଳୟ, ପାନ୍ଥନିବାସ, ଆଲୋକି କରଣ,ମେରାଇନ ଥାନା ପ୍ରଭୃତି ପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ଯାହା ଫଳରେ ଧୀରେ ଧୀରେ ଓଡ଼ିଶା ତଥା ଅନ୍ୟ ରାଜ୍ୟରୁ ଛୁଟି ଆସୁଥିବା ପର୍ଯ୍ୟଟକମାନେ ମୁହଁ ବେଳାଭୂମିରୁ ମୁହଁ ଫେରାଉଛନ୍ତି ବୋଲି ପରିଷଦର ଉପସଭାପତି ସାର୍ଥକ ରଣଜିତ, ସମ୍ପାଦକ ନିତ୍ୟାନନ୍ଦ ଜେନା,ସହ ସମ୍ପାଦକ ସନ୍ତୋଷ ଗିରି, ସଦସ୍ୟ ସୁଶାନ୍ତ ପାତ୍ର, ହରିହର ଜେନା ପ୍ରମୁଖ କହିଛନ୍ତି। ଆଗାମୀ ଦିନରେ ସରକାର ବେଳାଭୂମିର ବିକାଶ ପାଇଁ ବିହିତ ପଦକ୍ଷେପ ଗ୍ରହଣ ନକରନ୍ତି ପରିଷଦ ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କୋଷାଧକ୍ଷ ଅଶ୍ୱିନୀ କୁମାର ପାତ୍ର ଚେତାବନୀ ଦେଇଛନ୍ତି। ଏହା ବ୍ୟତିତ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସହିତ ଫେବୃଆରୀ ୨୨ ତାରିଖ ଦିନ ପ୍ରତାପ ପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପରିଷଦ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ବାଲିବୋଝେଇ ଟ୍ରାକ୍ଟରରୁ ଖସି ଯୁବକ ମୃତ

ନୀଳଗିରି, ୮/୨ (ନି.ପ୍ର): ନୀଳଗିରି ବ୍ଲକ୍ ସୋନନଦୀ ଅବବାହିକା ପୁରୁଣାଗାଁ ଠାରେ ଦିବାରାତ୍ର ଚୋରାରେ ଶହଶହ ଟ୍ରିପ୍ ବାଲି ଚୋରାରେ ଚାଲାଣ ହେଉଥିବା ବେଳେ ନୀରବଦ୍ରଷ୍ଟା ସାଜିଛି ଖଣିବିଭାଗ। ପ୍ରଶାସନର ନିରବତା ଏବଂ ବାଲିମାଫିଆଙ୍କ ଲୋଭରେ ଶେଷରେ ଟ୍ରାକ୍ଟରଚକା ତଳେ ଜଣେ ଯୁବକର ଯାଇଛି। ମୃତ୍ୟୁ ହୋଇଅଛି ।ପ୍ରାପ୍ତସୂଚନା ଅନୁସାରେ ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତର ପୁରୁଣାଗାଁ ଗ୍ରାମର ସ୍ୱର୍ଗତ ସାଇବ ନାୟକଙ୍କ ପୁଅ ସଞ୍ଜୟ (୪୦) ରବିବାର ସକାଳ ପ୍ରାୟ ୮ଟା ସମୟରେ ଏକ ଟ୍ରାକ୍ଟର (ଓ.ଡି ୦୧ -ଏ ପି -୭୬୯୮) ରେ ସୋନନଦୀରୁ ବାଲି ଭର୍ତ୍ତିକରି ବାଲି ଘାଟ ଉପରକୁ ଉଠିଥିବା ବେଳେ ଡ୍ରାଇଭରର ବେପରୁଆ ଚାଳନା ଓ ଅଧିକ ଟ୍ରିପ୍ କରିବାର ନିଶାଯୋଗୁଁ ସଞ୍ଜୟ ଉକ୍ତ ବାଲିବୋଝେଇ ଟ୍ରାକ୍ଟରରୁ ତଳକୁ ଖସିପଡ଼ିଥିଲେ। ଫଳରେ ସଞ୍ଜୟଙ୍କର ଟ୍ରାକ୍ଟର ଡଲାରେ ମୁଣ୍ଡ ବାଜି ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନୀଳଗିରି ମେଡିକାଲକୁ ୧୦୮ଆମ୍ବୁଲାନ୍ସ ରେ ଆଣିଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଟ୍ରାକ୍ଟରକୁ ଜବତ କରିଛନ୍ତି। ଏନେଇ ମୃତକର କକା ହରିମୋହନ ନାୟକ ନୀଳଗିରି ଥାନାରେ ଅଭିଯୋଗ କରିଥିଲା ବେଳେ ଥାନାରେ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇଛି ।୬୧/୨୬ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida